R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୮
ତିଥି : ତୃତୀୟା
୦୩ ଜୁଲାଇ ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 268
03 July 2026, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା



- ୨- ୩ ଦିନରେ ଆହୁରି ଘନୀଭୂତ ହେବ
- କୋରାପୁଟ, ମାଲକାନଗିରିକୁ ରେଡ୍ ୱାର୍ଣ୍ଣ
- ବରଗଡ, ସମ୍ବଲପୁରରେ ଅତିପ୍ରବଳ ବର୍ଷିଲା
- ଭୁବନେଶ୍ୱରରେ ୨୮ ମିମି ବର୍ଷା ରେକର୍ଡ
- ତୁହାକୁ ତୁହା ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

ଭୁବନେଶ୍ୱର, ୦୨।୭ (ସବ୍ୟୁ) : ରାଜ୍ୟରେ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଜାରି ରହିଛି । ସକାଳୁ ଦିନ ତମାମ ତୁହାକୁ ତୁହା ବର୍ଷା ଯୋଗୁ ଜନଜୀବନ ବାଧାପ୍ରାପ୍ତ ହେଉଛି । ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ଅଛି । ଏହା ପ୍ରଭାବରେ ସପ୍ତାହେ ଯାଏଁ ବର୍ଷା ଲାଗି ରହିବ । ଏଭଳି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଉତ୍ତର -ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡିଶା ଉପକୂଳରେ ଥିବା ଘୂର୍ଣ୍ଣିବଳୟ ରହିଥିଲା । ଏହା ପ୍ରଭାବରେ ଗୁରୁବାର ଉତ୍ତର -ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡିଶା -ପଶ୍ଚିମବଙ୍ଗ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୭.୬ କିମି ଉଚ୍ଚତା ଯାଏ ବ୍ୟାପିଛି । ଆଗାମୀ ୨ ରୁ ୩ ଦିନ ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ଅଛି । (୯ ପୃଷ୍ଠାରେ)

# ଏଆଇ, ପ୍ରତିରକ୍ଷା କ୍ଷେତ୍ରରେ ଭାରତ-ଜାପାନ ଚୁକ୍ତି



ନୂଆଦିଲ୍ଲୀ, ୦୨।୭ : ଭାରତ ଓ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି । ଏଆଇ, ପ୍ରତିରକ୍ଷା, ଅର୍ଥନୀତି ଓ ଶକ୍ତି କ୍ଷେତ୍ରରେ ଅନେକ ଐତିହାସିକ ଚୁକ୍ତି ଆଜି ସ୍ୱାକ୍ଷରିତ ହୋଇଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚଙ୍କ ମଧ୍ୟରେ ନୂଆଦିଲ୍ଲୀରେ ୧୬ତମ ଭାରତ-ଜାପାନ ବାର୍ଷିକ ଶୀଖର ସମ୍ମିଳନୀ ପରେ ଏହି ଚୁକ୍ତିଗୁଡ଼ିକ ଘୋଷଣା କରାଯାଇଛି । ଜାପାନ ପ୍ରଧାନମନ୍ତ୍ରୀ ୩ ଦିନିଆ ଭାରତ ଗସ୍ତରେ ଅଛନ୍ତି । ପ୍ରଯୁକ୍ତି ବିଦ୍ୟା, ଯୋଗାଣ ଶୃଙ୍ଖଳାରେ ସ୍ଥିରତା, ଅର୍ଥନୈତିକ ସୁରକ୍ଷା ଏବଂ ଆଞ୍ଚଳିକ ସ୍ଥିରତା ପ୍ରସଙ୍ଗରେ କିଭଳି ଏହି ଦୁଇ ଦେଶ ବର୍ତ୍ତମାନ ବିଶ୍ୱରେ ବଢୁଥିବା ଅନିଶ୍ଚିତତା ମଧ୍ୟରେ ଏକ ହେଉଛନ୍ତି ଏହି ଚୁକ୍ତିରୁ ସ୍ପଷ୍ଟ ଜଣାପଡୁଛି ।

ଚୁକ୍ତି ପରେ ତାକାଇଚ ଗଣମାଧ୍ୟମକୁ କହିଛନ୍ତି ଯେ ଆନ୍ତର୍ଜାତୀୟ ଅନ୍ତର୍ଜାତୀୟ କ୍ଷେତ୍ରରେ ପରସ୍ପର ମଧ୍ୟରେ ସହଯୋଗ ଓ ଭାଗିଦାରୀ ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଧନକୁ ସୃଷ୍ଟି କରିବ । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ପରେ ୨୦୨୫-୨୬ରେ କାରବାର ୨୭.୫ ବିଲିୟନ୍ ଡଲାରରେ ପହଞ୍ଚିବ । ଏପ୍ରିଲ ଓ ଡିସେମ୍ବର ୨୦୨୫ରେ ୩.୨ ବିଲିୟନ୍ ଡଲାର ଜାପାନୀ ପୁଞ୍ଜି ନିବେଶ ଭାରତକୁ ଆସିଛି । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏହି ପ୍ରକଳ୍ପ ଆମ ପ୍ରତିରକ୍ଷା ଟେକ୍ନୋଲୋଜି ସହଭାଗିତାରେ ନୂଆ ଅଧ୍ୟାୟ ଆରମ୍ଭ କରିବ । ମିଳିତ ଭାବେ ଏପରି ପ୍ରତିରକ୍ଷା ବୈଷୟିକ ବିକଶିତ କରିବୁ ଯେ ଯାହା ଆଞ୍ଚଳିକ ଶାନ୍ତି, ସାମୁଦ୍ରିକ ସୁରକ୍ଷା ଓ ନିୟମ ଆଧାରିତ ବିଶ୍ୱ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହି ସହଯୋଗ ବିଶ୍ୱର ସ୍ୱାସ୍ଥ୍ୟ ସୁରକ୍ଷାକୁ ମଧ୍ୟ ମଜଭୂତ କରିବ । ଭାରତ ଓ ଜାପାନ ବିନିଯୋଗ ସହଭାଗିତା କ୍ରମାଗତ ସୁଦୃଢ଼ ହେଉଛି । ବର୍ଷକ (୯ ପୃଷ୍ଠାରେ)

### ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

# ସ୍ୱାସ୍ଥ୍ୟସେବା ଅଚଳ, ରୋଗୀ ହନ୍ତସନ୍ତ

- ହସ୍ପିଟାଲ ବାରଣ୍ଡାରେ ଯନ୍ତ୍ରଣାରେ ଛଟପଟ ରୋଗୀ
- ସତ୍କାର ଲାଗି ବ୍ୟବଚ୍ଛେଦ ହୋଇପାରୁନି ମୃତଦେହ

ଭୁବନେଶ୍ୱର, ୦୨।୭ (ସବ୍ୟୁ): ରାଜ୍ୟରେ ଡାକ୍ତରଙ୍କ ଆନ୍ଦୋଳନ ଦ୍ୱିତୀୟ ଦନରେ ପହଞ୍ଚିଛି । ବାଲେଶ୍ୱରରୁ ଗଞ୍ଜାମ, ଖୋର୍ଦ୍ଧାରୁ ସମ୍ବଲପୁର ପୁଣି କେନ୍ଦ୍ରାପଡ଼ା ସବୁ ସରକାରୀ ହସ୍ପିଟାଲରେ ରୋଗୀଙ୍କ ଲାଗିଛି ଲମ୍ବା ଧାଡ଼ି । ସରକାର ଓ ଓଡ଼ିଶା ମେଡିକାଲ ଓମ୍‌ସା ସଂଘ ମଧ୍ୟରେ ଚାଲିଥିବା ବିବାଦ ଯୋଗୁଁ ସାଧାରଣ ରୋଗୀ ହନ୍ତସନ୍ତ ହେଉଛନ୍ତି । କିଏ ନିଜର ପ୍ରିୟଜନଙ୍କୁ ହରାଇ ଶବ ସତ୍କାର ପାଇଁ ଅପେକ୍ଷା କରିଛି ତ ଆଉ ଜଣେ ଯନ୍ତ୍ରଣାରେ ଛଟପଟ ହୋଇ ମେଡିକାଲ ବାରଣ୍ଡାରେ ପଡ଼ିରହିଛି ।

ଡାକ୍ତରୀ ଆନ୍ଦୋଳନର ସବୁଠୁ ଦାରୁଣ ଓ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଉଦଳା ମେଡିକାଲରେ । ଦୀର୍ଘ ୯ ଘଣ୍ଟାରୁ ଅଧିକ ସମୟ ପରେ ବି ହୋଇପାରୁନି ଶବ ବ୍ୟବଚ୍ଛେଦ । ବ୍ୟବଚ୍ଛେଦ ଗୃହରେ ପଡ଼ି ରହିଛି ଦୁଇ ଦୁଇଟି ମୃତଦେହ । କପ୍ତିପଦାର ଭବେଶ ବିନ୍ଧାଣୀ ଏବଂ ରାଜବରହମପୁର ରୁନୁ ନାଏକ କୌଣସି କାରଣରୁ ବିଷ ଖାଇ ମୃତ୍ୟୁବରଣ କରିଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅପେକ୍ଷା କରିଥିଲେ ସୁଦ୍ଧା ଆନ୍ଦୋଳନ ଯୋଗୁଁ ଡାକ୍ତରମାନେ ସିଧାସଳଖ ମନା କରିଦେଇଛନ୍ତି ।.

କେନ୍ଦ୍ରପଡ଼ା ଜିଲ୍ଲା ମେଡିକାଲରେ ରୋଗୀ ହାଉଯାଉ । ସକାଳୁ ଆସିଥିବା ରୋଗୀ କିଛି ଲାଇନ୍ ଅଛନ୍ତି ଆଉ କିଛି ରୋଗୀ ବହୁ ସମୟ ହେଲା ତଳେ ବସି ରହିଛନ୍ତି । କିଏ ଛୋଟ ଛୁଆକୁ ଧରି ଲମ୍ବା ଧାଡ଼ିରେ ତ ଆଉ କିଏ ହୁଇଲ ଚେୟାରରେ ବସି ଡାକ୍ତରଙ୍କୁ ଅପେକ୍ଷା କରିଛି । ଆଉ କିଛି (୯ ପୃଷ୍ଠାରେ)

# ୧.୧୦ ଲକ୍ଷ କୋଟିର ମେଗା ଆଲୁମିନିୟମ୍ ପ୍ରକଳ୍ପ ଲାଗି ଏମ୍‌ଓୟୁ

### ୫୩,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି

### ୟୁଏଇର ଆଇଏଚ୍‌ସି ଗ୍ରୁପ୍ ସହ ବୁଝାମଣା



ଭୁବନେଶ୍ୱର, ୦୨।୭ (ସବ୍ୟୁ) : ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବା ଏବଂ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଦିଗରେ ଆଜି ରାଜ୍ୟ ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି ।

ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ, ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ୍' ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ ମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।

ଏହି ପ୍ରସ୍ତାବିତ ପ୍ରକଳ୍ପରେ ପ୍ରାୟ ୧୧.୫ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜିନିବେଶ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି ବୋଲି କହିଛନ୍ତି । ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ଦୃଢ଼ ଆଶା ପ୍ରକଟ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଂ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି (୯ ପୃଷ୍ଠାରେ)

### ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

# ୩୨ ହଜାର ଆସନ ଲାଗି ୫୩ ହଜାର ବିଦ୍ୟାର୍ଥୀ

ଭୁବନେଶ୍ୱର, ୦୨।୭ (ସବ୍ୟୁ): ପିଜି ପ୍ରବେଶିକା ପରୀକ୍ଷା (କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬) ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଥିଲା । ଏହି ପ୍ରବେଶିକା ପରୀକ୍ଷା ପାଇଁ ୫୮,୬୧୩ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୫୩,୯୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସର୍ବମୋଟ୍ ୫୦ଟି ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୧୩୨ଟି ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି । ସ୍ନାତକୋତ୍ତର (୯ ପୃଷ୍ଠାରେ)

# ନ୍ୟାୟିକ ପ୍ରକ୍ରିୟାରେ ଏଆଇ ବ୍ୟବହାର ନେଇ ସୁପ୍ରିମ୍‌କୋର୍ଟଙ୍କ ଉଦ୍‌ବେଗ



ନୂଆଦିଲ୍ଲୀ, ୦୨।୭ : କୃତ୍ରିମ ବୁଦ୍ଧିମତା (ଏଆଇ)ର ନ୍ୟାୟିକ ପ୍ରକ୍ରିୟାରେ ବ୍ୟବହାରକୁ ନେଇ ସୁପ୍ରିମ୍‌କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏଆଇ ଦ୍ୱାରା ମିଥ୍ୟା ଓ ଅସ୍ତିତ୍ୱହୀନ ଆଧାରିତ ଆଇନ୍‌ଗତ ତଥ୍ୟକୁ ନ୍ୟାୟିକ ନିଷ୍ପତ୍ତିର ଆଧାର କରିବା ଅତ୍ୟନ୍ତ ବିପଦଜ୍ଜନକ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଏହି ଆଧାରରେ ନ୍ୟାସନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ର ଏକ ରାୟ ଏଭଳି ଏଆଇ ଦ୍ୱାରା ଆସିଥିବା ନେଇ କ୍ଷୁବ୍ଧ ହେବାସହ ଏହି ରାୟକୁ ବାତିଲ କରିଛନ୍ତି ।

ଜଷ୍ଟିସ୍ ପିଏସ୍ ନରସିଂହ ଓ ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନ୍‌ସିଏଲ୍‌ଟି ଓ ଏନ୍‌ସିଏଲ୍‌ଏଟିଙ୍କ ଏକ ରାୟକୁ ବାତିଲ କରାଯାଇଛି । ଏହି ରାୟଟି ଅସ୍ତିତ୍ୱହୀନ ଜାଲ୍ ଓ ମିଥ୍ୟା ଏଆଇ ଭିଡିଓକୁ ଆଧାର କରି ଦିଆଯାଇଥିଲା । ଏହି ପ୍ରସ୍ତୁତିଟି ଜାଲ୍ ଥିଲା ଓ ଯାହାର ସ୍ଥିତି ନଥିଲା ବୋଲି ଜଣାପଡ଼ିଥିଲା । ଖଣ୍ଡପୀଠ କହିଥିଲେ ଯେ ସୃଷ୍ଟ ଭୁଲ୍ ତଥ୍ୟକୁ ଆଇନ୍ କ୍ଷେତ୍ରରେ ଅଦୃଶ୍ୟ କୁଟିଳ ଓ ବିଧ୍ୱଂଶକାରୀ । ଏହାର ପ୍ରଭାବ ଆରମ୍ଭରେ ଧରା ନ ପଡ଼ିପାରେ କିନ୍ତୁ ଏହା ନ୍ୟାୟ ବ୍ୟବସ୍ଥାର ମୂଳ ଭିତ୍ତିକୁ ଦୁର୍ବଳ କରିପାରେ । ଏଆଇ ଆଧୁନିକ କାର୍ଯ୍ୟ ପ୍ରଣାଳୀକୁ ଦ୍ରୁତ ଓ ସହଜ କରିପାରେ । କିନ୍ତୁ ଏହା ମଣିଷର ଚିନ୍ତା, ବିଚାରଶକ୍ତି ଓ ନିଷ୍ପତ୍ତି (୯ ପୃଷ୍ଠାରେ)

# ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୨।୭ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅଚାନକ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କର ଏହା ଦିନିକିଆ ଗସ୍ତ ବୋଲି ଜଣାପଡ଼ିଛି । ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ଥିବା ବୈଠକରେ ଉଭୟେ ଯୋଗେଦେବ ବୋଲି ସୂଚନା ମିଳିଛି । ତେବେ ମୁଖ୍ୟମନ୍ତ୍ରୀ ଓ ସଭାପତିଙ୍କ ଗସ୍ତ ପରେ ରାଜ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ଜୋର ଧରିଛି ।

ସୂଚନା ଅନୁଯାୟୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଓଡ଼ିଶା ଗସ୍ତ ହଠାତ୍ ବାତିଲ ହୋଇଛି । ଏହା ପଛରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଓ ସମ୍ପ୍ରସାରଣ କାରଣ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି । ଖୁବ୍‌ଶୀଘ୍ର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବ । ଏହାଛଡା ନୀତିନ ନବୀନ ତାଙ୍କର ନୂଆ ଟିମ୍ ଘୋଷଣା କରିବେ । ଏହି କାରଣ ପାଇଁ ହୁଏତ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଦିଲ୍ଲୀ ଯାଇଛନ୍ତି ବୋଲି ଚର୍ଚ୍ଚା ହେଉଛି । ଅପରପକ୍ଷରେ ଓଡ଼ିଶାରେ ସରକାରକୁ ଦୁଇ ବର୍ଷ ପୂରିଥିଲେ ମଧ୍ୟ ମନ୍ତ୍ରିମଣ୍ଡଳରେ ଖାଲି ଥିବା ପଦବୀଗୁଡ଼ିକ ପୂରଣ ହୋଇନାହିଁ । (୯ ପୃଷ୍ଠାରେ)

# ଝାରପଡ଼ା ଜେଲ୍‌ର ୮ କଏଦୀଙ୍କୁ ଏଡ୍ସ



ଭୁବନେଶ୍ୱର, ୦୨।୭ (ସବ୍ୟୁ) : ଝାରପଡାଠାରେ ଥିବା ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରର ୮ ଅନ୍ତେବାସୀ ଏଡ୍ସ ରୋଗରେ ଆକ୍ରାନ୍ତ ହୋଇଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି । ନିୟମିତ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ କାଉନସେଲିଂ ହେଉଥିବା ଜେଲ୍ ସୁପରିଟେଣ୍ଡେଣ୍ଟ ସର୍ବେଶ୍ୱର ସାହୁ ଗଣମାଧ୍ୟମକୁ କହିଛନ୍ତି ।

ଗୁରୁବାର ସୁଦ୍ଧା ଝାରପଡା ଜେଲ୍‌ରେ ୧୧୬୦ ଅନ୍ତେବାସୀ ରହୁଥିଲେ । ସେମାନଙ୍କ ମଧ୍ୟରୁ ୮ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କ ପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହା ଜଣାପଡିବା ପରେ ଜେଲ୍ ସୁପରିଟେଣ୍ଡେଣ୍ଟ ଶ୍ରୀ ସାହୁ ପୋକ୍‌ସୋ କୋର୍ଟ ଓ ଭୁବନେଶ୍ୱର ଡିସିପିଙ୍କୁ ଚିଠିଲେଖି ଘଟଣା ସମ୍ପର୍କରେ ଜଣାଇଛନ୍ତି । ଏହି ଚିଠି ଲେଖିବା ସମ୍ପର୍କରେ ଶ୍ରୀ ସାହୁଙ୍କୁ ପଚରାଯିବାରୁ ଏହା ପ୍ରକ୍ରିୟା ବୋଲି ସେ କହିଥିଲେ ।

ଦୁଇଦିନ ତଳେ ପୋକ୍‌ସୋ ଦଫାରେ ଗିରଫ ହୋଇ ମହିଳା ଥାନାରୁ ଜେଲ୍‌କୁ ଯିବା ପରେ ଡାକ୍ତରୀ ପରୀକ୍ଷା କରାଯାଇଥିଲା । ସେହି ପରୀକ୍ଷାରୁ ସେ ଏଚ୍‌ଆଇଭି ପଜିଟିଭ୍‌ରେ ଆକ୍ରାନ୍ତ ଥିବା ଜଣାପଡିଥିଲା । ଯେଉଁମାନେ ନାବାଳିକା ଦୁଷ୍କର୍ମ କିମ୍ବା ସାଧାରଣ ଦୁଷ୍କର୍ମ ମାମଲାରେ ଜେଲ୍‌କୁ ଯାଇଥାନ୍ତି ସେମାନଙ୍କ ଏଚ୍‌ଆଇଭି ପରୀକ୍ଷା ହୁଏ । ପୀଡିତ ୮ଜଣଙ୍କ ମଧ୍ୟରୁ ୫ଜଣ ଦୁଷ୍କର୍ମ ଅଭିଯୁକ୍ତ ଥିବାବେଳେ ଅନ୍ୟ ତିନିଜଣ ଅନ୍ୟ ଅପରାଧରେ ଜଡିତ ଥିବା ଜଣାପଡିଛି । ସେ ତିନିଜଣଙ୍କୁ ବ୍ୟାପିବା ପରେ ଏଡ୍‌ସ ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା ସତର୍କତା ସହ ତାଙ୍କୁ ପରିଚାଳନା କରାଯାଉଥିବା ସୁପରିଟେଣ୍ଡେଣ୍ଟ ଶ୍ରୀ ସାହୁ କହିଛନ୍ତି । ଏହି ଆକ୍ରାନ୍ତମାନଙ୍କୁ ଜେଲ୍ ଡିସ୍‌ପେନସାରୀରେ ନିୟମିତ ପରୀକ୍ଷା କରାଯିବା ସହ ଆବଶ୍ୟକ ମତେ କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଉଛି । ରାଜ୍ୟ ଏଡ୍‌ସ ସେଲରୁ ସେମାନଙ୍କ ପାଇଁ ଔଷଧ ନିଆଯାଇ ତାଙ୍କୁ ସେବନ କରିବାକୁ ଦିଆଯାଉଛି । କିଛିଦିନ ପୂର୍ବରୁ ନିଶା ଔଷଧ ଖାଇ (୯ ପୃଷ୍ଠାରେ)

### ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲା

# ଚମ୍ପତ ରାଓଙ୍କ ବିରୋଧରେ ଓକିଲଙ୍କ ଏତଲା

ନୂଆଦିଲ୍ଲୀ, ୦୨।୭ : ଫାଜିଆବାଦ ବାର୍ ଆସୋସିଏସନ୍ ପକ୍ଷରୁ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ, ସଦସ୍ୟ ଅନୀଲ ମିଶ୍ରା ଓ ମନ୍ଦିର ଅଧିକାରୀ ଗୋପାଳ ରାୟଙ୍କ ନାମରେ ଏତଲା କରାଯାଇଛି । ଏମାନେ ମନ୍ଦିରକୁ ଆସିଥିବା ଦାନ, ଚାନ୍ଦାକୁ ଲୁଟ୍ କରିଛନ୍ତି ବୋଲି ଅଭିଯୋଗ ହୋଇଛି । ଓକିଲମାନେ ଏକ ଶୋଭାଯାତ୍ରାରେ ଯାଇ ରାମ ଜନ୍ମଭୂମି ପୋଲିସ ଥାନା ନିକଟରେ ପହଞ୍ଚିଥିଲେ ଏବଂ ଦାବି କରିଥିଲେ ଯେ ମାମଲାକୁ ପଞ୍ଜୀକୃତ କରାଯାଇ ସ୍ୱଚ୍ଛ ଓ ନୀରପେକ୍ଷ ତଦନ୍ତ ହେଉ ।

ଫାଜିଆବାଦ୍ ବାର୍ ଆସୋସିଏସନ୍ ସଭାପତି କଳିକା ପ୍ରସାଦ ମିଶ୍ର, କ୍ରିଷ୍ଣା ମୋହନ ଏବଂ ଅନ୍ୟଜଣେ ଟ୍ରଷ୍ଟି ଏହି ଏତଲା ରୁଜୁ କରିଛନ୍ତି । ଅଧିକାଂଶ ଆଇନ୍‌ଜୀବୀମାନେ ଶୋଭାଯାତ୍ରା ସମୟରେ ସ୍ଲୋଗାନ ଦେଇଥିଲେ ଓ ଟ୍ରଷ୍ଟର ଉଚ୍ଚ ଅଧିକାରୀଙ୍କ ବିରୋଧରେ ତଦନ୍ତ ପାଇଁ ଦାବି କରିଥିଲେ । ପୂର୍ବରୁ ବାର୍ ଆସୋସିଏସନ୍ ଅଭିଯୁକ୍ତମାନଙ୍କ ପାଇଁ କୌଣସି ଓକିଲ ମାମଲା ଲଢ଼ିବେନି ବୋଲି ସର୍ବସମ୍ମତ ନିଷ୍ପତ୍ତି ନେଇଛି ଏବଂ ଯେଉଁମାନେ ଲଢ଼ିବେ ସେମାନେ ୫ ଲକ୍ଷ ଟଙ୍କା ଜରିମାନା ରାଶି ପ୍ରଦାନ କରିବେ । ଓକିଲମାନଙ୍କର ଏତେ ଭିଡ଼ ଥିଲା ଯେ ପୋଲିସକୁ ଭିଡ଼ ନିୟନ୍ତ୍ରଣ କରିବା କଷ୍ଟସାଧ ହୋଇଥିଲା । ଠେଲାପେଲାରେ କିଛି ଓକିଲଙ୍କର ସାମାନ୍ୟ ଆଘାତ ଲାଗିଥିବା କୁହାଯାଉଛି । ପୋଲିସ ଅଧିକାରୀମାନେ ଆଇନ୍‌ଜୀବୀମାନଙ୍କୁ ଶାନ୍ତ ରହିବା ପାଇଁ ଅନୁରୋଧ କରିଥିଲେ । ରାମ ମନ୍ଦିରର ଚାନ୍ଦା ଅର୍ଥ ହଡପର ଏକ ନୀରପେକ୍ଷ ତଦନ୍ତ ଦାବି କରାଯାଇଛି । ଗୋପାଳ ରାଓ ହେଉଛନ୍ତି ମନ୍ଦିର ନିର୍ମାଣ କାର୍ଯ୍ୟ ସହ ଟ୍ରଷ୍ଟର ଅନ୍ୟ କାର୍ଯ୍ୟଗୁଡ଼ିକ ତଦାରଖ କରୁଥିଲେ । ଏତଲାରେ ମଧ୍ୟ ଚମ୍ପତ ରାୟ, ଅନୀଲ ମିଶ୍ର, ଗୋପାଳ ରାୟ ଓ କ୍ରିଷ୍ଣା ଦେବ୍‌ଙ୍କ ନାମ ଉଲ୍ଲେଖ କରାଯାଇଛି । ଏସ୍ପି ଚକ୍ରପାଣୀ ତ୍ରିପାଠୀ କହିଛନ୍ତି ଯେ ଆମେ ଅଭିଯୋଗକୁ ଯାଞ୍ଚ କରୁଛୁ । ଏହାକୁ ସାଧାରଣ ଭାବେ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ମୁଁ ହ୍ରିତିକ୍‌ର କ୍ୟାରିୟରକୁ ନେଇ ବହୁତ ଚିନ୍ତିତ ଥିଲି । ମୋତେ ଲାଗିଥିଲା କୋଇ ମିଲ୍ ଗୟା ଦେଖିବାକୁ କେହି ବି ହଲକୁ ଆସିବେ ନାହିଁ । ହେଲେ ମୁଁ ଯେତେବେଳେ ଏହାର ପ୍ରଥମ ସଟ୍ ସୁଟ କଲି ଏହାପରେ ଆତ୍ମବିଶ୍ୱାସ ବଢିଥିଲା ।

ରାକେଶ ରୋଶନ, ଫିଲ୍ମ ମେକର



ଫିଲ୍ମ ଇଣ୍ଡଷ୍ଟ୍ରି ଗୋଟିଏ ଖୁବ ସୁନ୍ଦର ସ୍ଥାନ। ଯେତେବେଳେ ମୁଁ ଏଠାକୁ ପ୍ରଥମଥର ପାଇଁ ଆସିଥିଲି ମୋତେ ଲାଗିଥିଲା ମୋତେ କାମ ଖୁବ ଜଲଦି ମିଳିଯିବ। ହେଲେ ମୋତେ ସଂଘର୍ଷ କରିବାକୁ ପଡିଥିଲା ।

ସୁନିଲ ଗ୍ରୋବର, ହାସ୍ୟ ଅଭିନେତା



ମୁଁ ଶାହରୁଖଙ୍କର ବଡ ଫ୍ୟାନ୍ । ନବେ ଦଶକ କେବଳ ତାଙ୍କ ପାଇଁ ହିଁ ଖାସ ଥିଲା। ତାଙ୍କ ଫିଲ୍ମ ଦେଖି ଆମେ ଅନେକ କିଛି ଶିଖିଛୁ ।

ରାଜ କୁମାର ରାଓ, ଅଭିନେତା

## ଇତିହାସ

୧୭୬୦- ମରାଠା ସେନା ଦିଲ୍ଲୀକୁ ନିଜ ଅଧୀନରେ ରଖିଲେ ।

୧୮୮୬- ନ୍ୟୁୟର୍କ ଟ୍ରିବ୍ୟୁନ୍ ପ୍ରଥମ ପ୍ରିଣ୍ଟିଂ ମେସିନ୍‌ର ବ୍ୟବହାର କଲା ।

୧୯୦୮- ବାଲ ଗଙ୍ଗାଧର ତିଲକଙ୍କୁ ଦେଶଦ୍ରୋହୀ ଅଭିଯୋଗରେ ଇଂରେଜ ସରକାର ଗିରଫ କଲା ।

୧୯୨୮- ଲଣ୍ଡନରେ ପ୍ରଥମ ରଙ୍ଗୀନ ଟିଭି କାର୍ଯ୍ୟକ୍ରମର ପ୍ରସାରଣ କରାଗଲା ।

୧୯୭୨- ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ପାକିସ୍ତାନ ମଧ୍ୟରେ କାଶ୍ମୀର ସମ୍ବନ୍ଧିତ ବୁଝାମଣା ।

୧୯୯୦- ମକ୍କାରୁ ମୀନା ଯାଉଥିବା ସୁଡଙ୍ଗରେ ୧୪୨୬ ହଜ୍ ଯାତ୍ରୀଙ୍କ ମୃତ୍ୟୁ ।

୧୯୯୯- ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମନୋଜ କୁମାର ପାଣ୍ଡେଙ୍କ ପରଲୋକ ।

୨୦୦୫- ମହେଶ ଭୂପତି ଏବଂ ମେରୀ ପିଅର୍ସ ୱିମ୍ବଲଡନ୍ ଟେନିସ୍‌ର ଟାଇଟେଲ୍ ଜିତିଲେ ।

୨୦୦୮ - ବିଶ୍ୱସ୍ତରରେ ପ୍ରଥମକରି ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ପାଳନ କରାଗଲା ।

# ମୁହଁରେ ବରଫ ଲଗାଇବାର ସତର୍କତା



ଆଜିକାଲି ସୋସିଆଲ ମିଡିଆରେ 'ଫେସ୍ ଆଇସିଙ୍ଗ' ବା ମୁହଁରେ ବରଫ ଲଗାଇବା ଟ୍ରେଣ୍ଡ ଖୁବ ଭାଇରାଲ ହେଉଛି । ତେବେ ଏହାକୁ ନେଇ ବିଶେଷଜ୍ଞଙ୍କର କିଛି ମତ ରହିଛି । ସେମାନଙ୍କ ମତ ଅନୁସାରେ, ବରଫ ଲଗାଇବା ଦ୍ୱାରା ମୁହଁର ରକ୍ତ କୈଶିକା ଗୁଡ଼ିକ ସଙ୍କୁଚିତ ହୋଇଯାଏ, ଯାହାଫଳରେ ଉଜ୍ଜ୍ୱଳତା ଆସିବା ସହ ପୋର୍ସ ଗୁଡ଼ିକ ଟାଇଟ୍ ଦେଖାଯାଏ ଏବଂ ମୁହଁର ଫୁଲାଭାବ କମିଯାଏ । ହେଲେ ଏହି ଗ୍ଲୋ କେବଳ ଅସ୍ଥାୟୀ ସମୟ ପାଇଁ ହିଁ ରହିଥାଏ । ମୁହଁରେ କେବେ ହେଲେ ସିଧାସଳଖ ବରଫ ଘଷିବା ଉଚିତ୍ ନୁହେଁ, କାରଣ ଏହାଦ୍ୱାରା ଫ୍ରୋଷ୍ଟ-ନିପ୍, ନାଲିପଡ଼ିବା, ଜଳାପୋଡ଼ା ଏବଂ ସ୍କିନ୍ ପ୍ରୋଟେକ୍ଟିଭ୍ ବ୍ୟାରିଅର୍ ନଷ୍ଟ ହେବାର ଆଶଙ୍କା ଥାଏ । ତେଣୁ ସବୁବେଳେ ଏହାକୁ ଏକ କପଡ଼ାରେ ଗୁଡ଼ାଇ ସର୍ବାଧିକ ୧-୨ ମିନିଟ୍ ପାଇଁ ଲଗାଇବା ଆବଶ୍ୟକ । ସେହିପରି 'ଆଇସ୍ ବାଉଲ୍ ଡିପ୍' ବା ବରଫ ପାଣିରେ ମୁହଁ ବୁଡ଼ାଇବା ମଧ୍ୟ ମୁହଁର ଫୁଲାଭାବ କମାଇବା ପାଇଁ ଭଲ, କିନ୍ତୁ ସେଥିରେ ଅଧିକ ବରଫ ନଦେଇ କେବଳ ୫-୧୦ ସେକେଣ୍ଡ ପାଇଁ ହିଁ ମୁହଁ ବୁଡ଼ାଇବା ଉଚିତ୍ । ବିଶେଷକରି ଶୁଷ୍କ ଓ ସେନ୍ସିଟିଭ୍ ତ୍ୱଚା ଥିବା ଲୋକେ ଏଥିରୁ ଦୂରେଇ ରହିବା ଭଲ । ବରଫ ଲଗାଇବା ଦ୍ୱାରା ରଙ୍ଗ ଗୋରା ହୁଏନାହିଁ କିମ୍ବା ଚର୍ମର କୁଞ୍ଚନ ସ୍ଥାୟୀ ଭାବେ ଦୂର ହୁଏନାହିଁ । ସେହିଭଳି ଶୀତଦିନେ କିମ୍ବା ବ୍ରଣ ଏବଂ ସେନ୍ସିଟିଭ୍ ସ୍କିନ୍ ସମସ୍ୟା ଥିଲେ ଏହା ଚର୍ମକୁ ଅଧିକ ଖରାପ କରିଦିଏ । ତେଣୁ ଏକ୍ସପର୍ଟଙ୍କ ମତରେ, ସେଲିବ୍ରିଟି ବା ଇନ୍‌ଫ୍ଲୁଏନ୍‌ସରଙ୍କ ଭାଇରାଲ୍ ହ୍ୟାକ୍ସକୁ ଆଖିବୁଜା ବିଶ୍ୱାସ ନକରି ନିଜ ସ୍କିନ୍ ଟାଇପ୍ ଅନୁସାରେ ଡର୍ମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଜରୁରୀ । ବରଫ ଲଗାଇବା ସମୟରେ ଯଦି କୌଣସି ପ୍ରକାରର କଷ୍ଟ କିମ୍ବା ପ୍ରତିକ୍ରିୟା ଦେଖାଯାଏ, ତେବେ ତୁରନ୍ତ ଏହାକୁ ବନ୍ଦ କରିବା ଉଚିତ୍ ।

## ଗରମଦିନେ ଶୀତ, ଶୀତଦିନେ ଗରମ

ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ଡେରୋଲୀ ଅହୀର ଗାଁର ୭୦ ବର୍ଷୀୟ ସନ୍ତଲାଲ ନିଜର ଏକ ଅଦ୍ଭୁତ ଶାରୀରିକ ସ୍ଥିତି ଯୋଗୁଁ ଏବେ ବେଶ୍ ଚର୍ଚ୍ଚାରେ ଅଛନ୍ତି । ଏହି ମହିଳାଙ୍କୁ ଗ୍ରୀଷ୍ମ ଋତୁରେ ପ୍ରବଳ ଶୀତ ଏବଂ ଶୀତ ଦିନେ ଅସହ୍ୟ ଗରମ ଅନୁଭୂତ ହୋଇଥାଏ । ଦାବି ଅନୁସାରେ, ଏହି ଅଜବ ସମସ୍ୟା ଯୋଗୁଁ ସେ ପ୍ରବଳ ଖରା ଓ ଗରମ ସମୟରେ ମଧ୍ୟ ୪ ରୁ ୫ଟି କମ୍ବଳ ଘୋଡ଼େଇ ହୋଇ ରହନ୍ତି, ଅଧିକ ଶୀତ ଲାଗିଲେ ନିଆଁ ଜାଳି ସେକି ହୁଅନ୍ତି । ଏତେ ଗରମରେ ମଧ୍ୟ ତାଙ୍କ ଶରୀରରୁ ଆଦୌ ଝାଳ ବାହାରିନଥାଏ । ଅପରପକ୍ଷରେ, ଶୀତଦିନେ ଗରମ ଲାଗୁଥିବାରୁ ସେ ପ୍ରତିଦିନ ସକାଳ ପ୍ରାୟ ୫ଟାରୁ ପୋଖରୀରେ ଗାଧୋଇବା ସହ ଅନେକ ସମୟରେ ସମ୍ପୂର୍ଣ୍ଣ ଦିନ ପାଣି ଭିତରେ ହିଁ ବିତାଇ ଦିଅନ୍ତି । ଏହି ନିଆରା ଶାରୀରିକ ସ୍ଥିତି ପାଇଁ ଅନେକ ଡାକ୍ତର ତାଙ୍କର ଯାଞ୍ଚ କରିସାରିଥିବାବେଳେ କାରଣ ଜଣା ପଡିନାହିଁ । ଏପରିକି ତାଙ୍କର ଏହି ବିରଳ ସ୍ଥିତିକୁ ଦେଖି ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ ୧ ଲକ୍ଷ ଟଙ୍କାର ସହଯୋଗ ମଧ୍ୟ କରାଯାଇଥିବା ଜଣା ପଡିଛି । ତେବେ ଏହି ପରିସ୍ଥିତି ଯୋଗୁଁ ମହିଳା ଜଣଙ୍କ ଖୁବ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।



## ସବୁଘରେ ଦିବ୍ୟାଙ୍ଗ

ଜାମ୍ମୁ-କାଶ୍ମୀରର ଧାଡକଇ ଗାଁକୁ 'ଦ ସାଇଲେଣ୍ଟ୍ ଭିଲେଜ୍ ଅଫ୍ ଇଣ୍ଡିଆ' ବୋଲି କୁହାଯାଏ, ଯାହାର ଏକ ଆଶ୍ଚର୍ଯ୍ୟଜନକ ବାସ୍ତବତା ଉପରୁ ଏବେ ପରଦା ହଟିଛି । ପ୍ରାୟ ୨,୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗାଁରେ ୯୦ରୁ ଅଧିକ ଲୋକ ମୂକ ଓ ବଧିର ଥିବାବେଳେ ଏଠାରେ ଥିବା ୧୦୫ଟି ପରିବାର ମଧ୍ୟରୁ ୫୫ରୁ ଅଧିକ ପରିବାରରେ ଅତିକମରେ ଜଣେ ସଦସ୍ୟ ଶୁଣି ବା କହି ପାରନ୍ତି ନାହିଁ । ଏପରିକି କିଛି ପରିବାରରେ ୭ ଜଣ ସନ୍ତାନରୁ ୬ ଜଣ ମଧ୍ୟ ମୂକ-ବଧିର ଜନ୍ମ ହୋଇଛନ୍ତି । ଏହି ବିଶେଷ ପରିସ୍ଥିତି ଯୋଗୁଁ ଏଠାକାର ବାସିନ୍ଦା ନିଜସ୍ୱ ଏକ ସ୍ଥାନୀୟ ସାଙ୍କେତିକ ଭାଷା ବିକଶିତ କରିଛନ୍ତି, ଯାହା ସାହାଯ୍ୟରେ ଶୁଣି ଓ କହି ପାରୁଥିବା ସାଧାରଣ ଲୋକେ ମଧ୍ୟ ସେମାନଙ୍କ ସହ ସହଜରେ ଭାବ ବିନିମୟ କରିଥାନ୍ତି । ବୈଜ୍ଞାନିକଙ୍କ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହା ପଛରେ କୌଣସି ରହସ୍ୟ ନାହିଁ, ବରଂ ଦୀର୍ଘ ସମୟ ଧରି ନିଜ ସମୁଦାୟ ଏବଂ ନିକଟ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ହେବା ଯୋଗୁଁ 'ଜେନେଟିକ୍ କ୍ଲଷ୍ଟର' ଏବଂ 'ଫାଉଣ୍ଡର୍ସ ଇଫେକ୍ଟ' କାରଣରୁ ଏହି ବଂଶାନୁକ୍ରମିକ ତ୍ରୁଟି ପିଢ଼ି ପରେ ପିଢ଼ି ଆଗକୁ ବଢ଼ିଚାଲିଛି । ବିଶେଷ କରି ଗ୍ରାମବାସୀଙ୍କ ଶରୀରରେ ଥିବା 'ଓଟିଓଏଫ' ଜିନ୍‌ରେ ତ୍ରୁଟି ଦେଖାଯାଇଛି । ଯାହା କାନରୁ ମସ୍ତିଷ୍କ ପର୍ଯ୍ୟନ୍ତ ଶବ୍ଦର ସଙ୍କେତ ପହଞ୍ଚାଇବାର ମୁଖ୍ୟ କାର୍ଯ୍ୟ କରିଥାଏ ଏବଂ ଏହି ଅନୁବାଂଶିକ ସମସ୍ୟା ପିତାମାତାଙ୍କ ଠାରୁ ପିଲାମାନଙ୍କ ପାଖକୁ ସଂକ୍ରମିତ ହେଉଛି ।



## ବିସ୍କୁଟ ନା ବୁଢ଼ିଆଣୀ



ଆଫ୍ରିକାରେ ଦେଖାଯାଉଥିବା 'ବିସ୍କୁଟ୍ କାଇଟ୍ ସ୍ପାଇଡର୍' ନିଜର ଅଦ୍ଭୁତ ରୂପ ପାଇଁ ସବୁବେଳେ ବେଶ୍ ଚର୍ଚ୍ଚାରେ ରହିଥାଏ । ଯାହାକୁ ଦେଖିଲେ ମନେହୁଏ ସତେ ଯେମିତି କିଏ ଗଛ ପତ୍ରରେ ଏକ ଛୋଟ ବିସ୍କୁଟ୍ ଲଗାଇ ଦେଇଛି । 'ଆଇସୋକ୍ସିଆ ଟାବୁଲାଟା' ବୈଜ୍ଞାନିକ ନାମରେ ପରିଚିତ ଏବଂ 'ୟେଲୋ ଆଇସୋକ୍ସିଆ ବକ୍ସ କାଇଟ୍ ସ୍ପାଇଡର୍' ଭାବେ ଜଣାଶୁଣା ଏହି ପ୍ରଜାତିର ବୁଢ଼ୀଆଣୀର ଆକାର ମାତ୍ର ୩ ରୁ ୭ ମିଲିମିଟର ହୋଇଥାଏ । ଏହାର ଶରୀରର ହଳଦିଆ-ନାରଙ୍ଗୀ ରଙ୍ଗ ଏବଂ କଳା ଦାଗ ଯୋଗୁଁ ଏହା ହୁବହୁ ଏକ ବିସ୍କୁଟ୍ ଭଳି ଦେଖାଯାଏ । କିନ୍ତୁ ଏହି ବିଶେଷତା କେବଳ ମାଈ ବୁଢ଼ୀଆଣୀଠାରେ ହିଁ ଦେଖିବାକୁ ମିଳିଥାଏ ଏବଂ ଅଣ୍ଡିରା ବୁଢ଼ୀଆଣୀମାନେ ସାଧାରଣ ଦେଖାଯାନ୍ତି । ଏହି ରୂପ ଯୋଗୁଁ ସେ ଶୁଖିଲା ପତ୍ର ଭଳି ପ୍ରତିଭାତ ହୋଇ ପକ୍ଷୀ ଓ ଅନ୍ୟ ଶିକାରୀଙ୍କ ନଜରରୁ ନିଜକୁ ସହଜରେ ରକ୍ଷା କରିପାରେ । ସବୁଠାରୁ ଆଶ୍ୱସ୍ତିର କଥା ହେଉଛି ଯେ ମଣିଷମାନଙ୍କ ପାଇଁ ଏହା ଆଦୌ ବିପଜ୍ଜନକ ନୁହେଁ, ବରଂ ଏହାର ଏହି ଅନନ୍ୟ ରୂପ ପ୍ରକୃତିର ଏକ ଚମତ୍କାର କାରିଗରୀ ଏବଂ ଆତ୍ମରକ୍ଷାର ଏକ ପ୍ରାକୃତିକ କୌଶଳ ମାତ୍ର ।

## କଦଳୀ କଟଲେଟ

**ସାମଗ୍ରୀ :** କଞ୍ଚା କଦଳୀ, ୩ଟିଆଳୁ, ୨ଟି କଞ୍ଚା ଲଙ୍କା, ୨ଟି କଟା ପିଆଜ, ଅଦା-ରସୁଣ ପେଷ୍ଟ, ଧନିଆ ପତ୍ର, ଗରମ ମସଲା ଗୁଣ୍ଡ, ଜିରା ଗୁଣ୍ଡ,ଚାଟ୍ ମସଲା, କର୍ନଫ୍ଲୋର, ବ୍ରେଡ୍ କ୍ରମ୍ବସ ।

**ପ୍ରସ୍ତୁତି-** କଞ୍ଚା କଦଳୀ କଟଲେଟ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ କଞ୍ଚା କଦଳୀ ଏବଂ ଆଳୁକୁ ପ୍ରେସର କୁକରରେ ଭଲଭାବେ ସିଝାଇ ଚୋପା ଛଡ଼ାଇ ଦିଅନ୍ତୁ । ଏହାପରେ ଏକ ପାତ୍ରରେ ସେଗୁଡ଼ିକୁ ଭଲଭାବେ ଚକଟି ସେଥିରେ କଟା କଞ୍ଚା ଲଙ୍କା, କଟା ପିଆଜ, ଅଦା-ରସୁଣ ପେଷ୍ଟ, ଧନିଆ ପତ୍ର, ଗରମ ମସଲା, ଜିରା ଗୁଣ୍ଡ, ଚାଟ୍ ମସଲା, ସ୍ୱାଦ ଅନୁସାରେ ଲୁଣ ଏବଂ ବାଇଣ୍ଡିଂ ପାଇଁ କର୍ନଫ୍ଲୋର କିମ୍ବା ବେସନ ମିଶାଇ ଏକ ଶକ୍ତ ମଣ୍ଡ ପ୍ରସ୍ତୁତ କରନ୍ତୁ । ଏବେ ହାତରେ ସାମାନ୍ୟ ତେଲ ଲଗାଇ ସେହି ମିଶ୍ରଣକୁ ଆପଣଙ୍କ ପସନ୍ଦ ଅନୁସାରେ ଗୋଲ କିମ୍ବା ଚେପ୍‌ଟା ଆକାର ଦେଇ କଟଲେଟ୍ ତିଆରି କରନ୍ତୁ । ଏହି କଟଲେଟ୍ ଗୁଡ଼ିକୁ ବ୍ରେଡ୍ କ୍ରମ୍ବସ କିମ୍ବା ସୁଜି ଉପରେ ଗଡ଼ାଇ ଭଲଭାବେ କୋଟିଂ କରି ଦିଅନ୍ତୁ । ଶେଷରେ କଡ଼େଇରେ ତେଲ ଗରମ କରି ମିଡିୟମ୍ ଆଞ୍ଚରେ କଟଲେଟ୍ ଗୁଡ଼ିକୁ ଦୁଇ ପାର୍ଶ୍ୱ ସୁନାଲି ଏବଂ କୁରୁକୁରିଆ ହେବା ପର୍ଯ୍ୟନ୍ତ ଛାଣନ୍ତୁ । କିମ୍ବା ଆପଣ ଚାହିଁଲେ କମ୍ ତେଲ ଦେଇ ତାୱାରେ ସେକି ମଧ୍ୟ ଗରମାଗରମ ପରଷି ପାରିବେ ।



## ଗୋଡତଳେ ପଡି ମାଗିଥିଲେ କ୍ଷମା



ରିଆଲିଟି ଶୋ' 'ଲକ୍ ଅପ୍'ରେ ନଜର ଆସୁଥିବା ଗୋବିନ୍ଦାଙ୍କ ପତ୍ନୀ ସୁନୀତା ଅହୁଜା ନିଜ ଭଣଜା କୃଷ୍ଣା ଅଭିଷେକ ଓ କଶ୍ମୀରା ଶାହଙ୍କ ସହ ହୋଇଥିବା ପ୍ୟାଚ୍-ଅପ୍‌କୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ଏହି ବୟାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଶୋ'ର ଜଣେ ସହ-ପ୍ରତିଯୋଗୀଙ୍କ ସହ କଥା ହେବା ବେଳେ ସୁନୀତା କହିଛନ୍ତି ଯେ, ଏକ କୁକିଙ୍ଗ୍ ଶୋ' 'ଲାଫ୍ଟର ଶେଫ୍ସ' ସେଟ୍‌ରେ ୧୫ ବର୍ଷର ପୁରୁଣା ବିବାଦର ଅନ୍ତ ଘଟିଛି । ଏଠାରେ କଶ୍ମୀରା ତାଙ୍କ ଗୋଡ଼ ତଳେ ପଡ଼ି କାନ୍ଦି କାନ୍ଦି କ୍ଷମା ମାଗିବା ପରେ ସେ ମଧ୍ୟ ଭାବୁକ ହୋଇପଡ଼ିଥିଲେ । ଅନ୍ୟପଟେ ଏହି ବୟାନ ଉପରେ ପ୍ରତିକ୍ରିୟା ଦେଇ କୃଷ୍ଣା ଓ କଶ୍ମୀରା କହିଛନ୍ତି ଯେ ସେମାନେ 'ଲକ୍ ଅପ୍' ଶୋ' ଦେଖୁଛନ୍ତି ଏବଂ ସୁନୀତା ସେଠାରେ ବହୁତ ଭଲ ଖେଳୁଛନ୍ତି । ପରିବାର ମଧ୍ୟରେ ଏଭଳି କଥାବାର୍ତ୍ତା ସ୍ୱାଭାବିକ । ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରେ କଶ୍ମୀରାଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ଏହି ପାରିବାରିକ ବିବାଦ ସାମ୍ନାକୁ ଆସିଥିଲା, ଯେଉଁଥିରେ ସେ ପରୋକ୍ଷରେ ଗୋବିନ୍ଦାଙ୍କୁ ଟାର୍ଗେଟ୍ କରିଥିଲେ । ଏହା ପରେ ସୁନୀତା କଶ୍ମୀରାଙ୍କୁ 'ଖରାପ ବୋହୂ' ବୋଲି ଆକ୍ଷେପ କରିଥିବା ବେଳେ କଶ୍ମୀରା ମଧ୍ୟ ସୁନୀତାଙ୍କ ପରିଚୟକୁ ନେଇ ପ୍ରଶ୍ନ ଉଠାଇଥିଲେ । ଏହି ତିକ୍ତତା ଯୋଗୁଁ କୃଷ୍ଣା 'ଦ କପିଲ ଶର୍ମା ଶୋ'ର ଏକ ବିଶେଷ ଏପିସୋଡ୍‌ରୁ ନିଜକୁ ଦୂରେଇ ରଖିଥିଲେ । ଦୀର୍ଘ ବର୍ଷର ଏହି ମନୋମାଳିନ୍ୟ ଏବେ କଶ୍ମୀରାଙ୍କ କ୍ଷମା ପ୍ରାର୍ଥନା ପରେ ଶେଷ ହୋଇଥିବା ଜଣାପଡ଼ିଛି ।



**ମେଷ:** ଯାତ୍ରାରେ ଶୁଭ, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ଶତ୍ରୁତା, ଶରୀର କଷ୍ଟ, ବନ୍ଧୁଲାଭ, କର୍ମକ୍ଷେତ୍ରେ ସଫଳ, ଦ୍ରବ୍ୟଲାଭ, ମାମଲା ସମାଧାନ, ଯାନ୍ତ୍ରିକ ସମସ୍ୟା, ପାରିବାରିକ ସମସ୍ୟା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ଶତ୍ରୁରେ ବିଜୟ, ନୂତନ ନିଯୁକ୍ତି, ବ୍ୟବସାୟ ବୃଦ୍ଧି, ଶୁଭଖବର, ଗୃହେ ଶତ୍ରୁତା, ଶରୀର ସୁସ୍ଥ, ପିଲାଙ୍କ ସମସ୍ୟା, ସମ୍ପତ୍ତିଲାଭ, ଅର୍ଥପ୍ରାପ୍ତି, ଶୁଭକାର୍ଯ୍ୟରେ ସଫଳ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଶତ୍ରୁବୃଦ୍ଧି, କର୍ମେ ଅଶାନ୍ତି, ବନ୍ଧୁଲାଭ, ଦୂରଯାତ୍ରା ସଫଳ, ଶୁଭସମାଚାର, ଅର୍ଥସମସ୍ୟା, କାର୍ଯ୍ୟ ସଫଳ, ଶରୀର ଅସୁସ୍ଥ, ହଠାତ୍ ଦୂରଯାତ୍ରା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ଗ୍ରାମଦେବତୀ ।

**କର୍କଟ:** ଯନ୍ତ୍ରଣାବୃଦ୍ଧି, କାର୍ଯ୍ୟରେ ସମସ୍ୟା, ଯାତ୍ରାରେ ସତର୍କ, ଶତ୍ରୁସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ନୂତନ କର୍ମେ ଲାଭ, ଅର୍ଥଲାଭ, ସନ୍ତାନ ସମସ୍ୟା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ସିଂହ:** କାର୍ଯ୍ୟ ସଫଳ, ଦୂରଯାତ୍ରା, ନୂତନ ନିଯୁକ୍ତି, କର୍ମକ୍ଷେତ୍ରେ ଶାନ୍ତି, ସନ୍ତାନଚିନ୍ତା, ବିଦ୍ୟାରେ ସଫଳ, ଅର୍ଥଲାଭ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ସମସ୍ୟା, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ବନ୍ଧୁମିଳନ, ବ୍ୟବସାୟରେ ସ୍ୱଳ୍ପଲାଭ, ବିବାଦ ସମାଧାନ, ମାନସିକ ଶାନ୍ତି, ଯାତ୍ରାରେ ସତର୍କ, ଶରୀର ସୁସ୍ଥ, ପୁରାତନ କାର୍ଯ୍ୟରେ ସମସ୍ୟା, ସ୍ୱାଦିଷ୍ଟ ଭୋଜନ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ମା' ବିମଳା ।

**ତୁଳା:** ଶୁଭକାର୍ଯ୍ୟରେ ଧନବ୍ୟୟ, ସମ୍ପର୍କରେ ଉନ୍ନତି, ଶରୀର ସୁସ୍ଥ, ସନ୍ତାନଲାଭ, ଦ୍ରବ୍ୟଲାଭ, ମାନସିକ ଶାନ୍ତି, ଦାମ୍ପତ୍ୟସୁଖ, ବିଦ୍ୟାରେ ସଫଳ, ଶୁଭଖବର, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ପ୍ରଭୁ ଆଶୁତୋଷ ।

**ବିଛା:** ମାନସିକ କ୍ଲେଶ, ବନ୍ଧୁଲାଭ, ସମ୍ପର୍କହାନି, କାର୍ଯ୍ୟରେ ଶତ୍ରୁତା, ସନ୍ତାନସମସ୍ୟା, ଅର୍ଥଲାଭ, ସମ୍ପତ୍ତିସମସ୍ୟା, ମୋକଦ୍ଦମାରେ ବିଜୟ, ଶୁଭସମାଚାର, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ସମ୍ମାନବୃଦ୍ଧି, ଅର୍ଥଲାଭ, ବାଣିଜ୍ୟରେ ଉନ୍ନତି, ଶରୀର ଅସୁସ୍ଥ, ସମ୍ମାନଲାଭ, ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ, ଯାତ୍ରାରେ ସମସ୍ୟା, ଖୁସିମିଳିବ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମକର:** ମାନସିକ ଖୁସି, ବନ୍ଧୁସମସ୍ୟା, ଦ୍ରବ୍ୟଲାଭ, ଜମିଜମା ଗଣ୍ଡଗୋଳ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଶୁଭଖବର, ଦାମ୍ପତ୍ୟସୁଖ, ସନ୍ତାନଲାଭ, କର୍ମକ୍ଷେତ୍ରେ ଲାଭ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ମାନସିକ ଶାନ୍ତି, ବନ୍ଧୁଲାଭ, କର୍ମକ୍ଷେତ୍ରେ ଶାନ୍ତି, କାର୍ଯ୍ୟରେ ଶତ୍ରୁତା, ବିବାଦ କ୍ଷେତ୍ରେ ଶାନ୍ତି, ସମ୍ମାନଲାଭ, ଶୁଭଖବର, ଦୂରଯାତ୍ରା, ସନ୍ତାନଖୁସି, ଶତ୍ରୁ ପରାଜିତ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୪, ଆରାଧନା-ମା' ଦକ୍ଷିଣକାଳୀ ।

**ମୀନ:** କାର୍ଯ୍ୟରେ ସଫଳ, ଦୂରଯାତ୍ରା, ଶାରୀରିକ କ୍ଳେଶ, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ଅର୍ଥଲାଭ, ଗୃହେ ସମସ୍ୟା, ମାନସିକ ଅଶାନ୍ତି, ସନ୍ତାନ ସମସ୍ୟା, ବିଦ୍ୟାରେ ସଫଳ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ମାଣିକେଶ୍ୱରୀ ।

**ଆଷାଢ଼ କୃଷ୍ଣପକ୍ଷ ତୃତୀୟା**
**୩.୭.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଶକ୍ତି ବନ୍ଦନାର ମହାଗାଥା ଜାତୀୟ ଆଲୋଚନାଚକ୍ର

# ମହାଲକ୍ଷ୍ମୀ ପୁରାଣ କେବଳ ଧାର୍ମିକ ନୁହେଁ, ସାମାଜିକ ବିପ୍ଳବର ପ୍ରତୀକ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ମହାଲକ୍ଷ୍ମୀ ପୁରାଣର ମୂଳ ବାର୍ତ୍ତା କେବଳ ଧାର୍ମିକ ନୁହେଁ, ବରଂ ଏହା ଏକ ସାମାଜିକ ବିପ୍ଳବର ପ୍ରତୀକ । ଓଡ଼ିଶାର ଶକ୍ତି, ସଂସ୍କୃତି ଓ ପରମ୍ପରାର ଦର୍ଶନ ବିଶ୍ୱବାସୀଙ୍କୁ କରାଇବା ଲକ୍ଷ୍ୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବଳରାମ ଦାସଙ୍କ ସମାଧିପୀଠ ଠାରେ "ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣ ପାଇଁ ରୂପରେଖା ପ୍ରସ୍ତୁତ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।




ମିଶନ ଶକ୍ତି ଭବନସ୍ଥିତ ଅଡିଟୋରିୟମ ହଲରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶକ୍ତି ବନ୍ଦନାର ମହାଗାଥା ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ଏହି ଅବସରରେ ଉପସ୍ଥିତ ବିଶିଷ୍ଟ ବିଦ୍ୱାନ, ଗବେଷକ ଓ ବକ୍ତାମାନେ ଲକ୍ଷ୍ମୀ ପୁରାଣର ସାହିତ୍ୟିକ, ସାଂସ୍କୃତିକ ଓ ସାମାଜିକ ମହ‰ ସହିତ ଏଥିରେ ଥିବା ନାରୀ ସଶକ୍ତିକରଣ ଏବଂ ସାମାଜିକ ସମାନତାର ବାର୍ତ୍ତା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଲକ୍ଷ୍ମୀ ପୁରାଣ କେବଳ ମାଆ ଲକ୍ଷ୍ମୀଙ୍କ ବନ୍ଦନା ନୁହେଁ, ବରଂ ମହିଳାମାନଙ୍କୁ ସମ୍ମାନ ଦେବାର ଏକ ପ୍ରକ୍ରିୟା ଓ ମାର୍ଗ ଅଟେ । ଏହାକୁ ସମଗ୍ର ବିଶ୍ୱରେ ପରିଚିତ କରାଇବା ଦିଗରେ ପର୍ଯ୍ୟଟନ ବିଭାଗର ଏହି ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

**ବଳରାମ ଦାସଙ୍କ ସମାଧିପୀଠରେ ହେବ "ଲକ୍ଷ୍ମୀ ପୁରାଣ କରିଡର**

ଉପସ୍ଥିତ ଥିଲେ । ଏହି ଅବସରରେ ଗୋପ ବ୍ଲକ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ପ୍ରସ୍ତାବିତ ଲକ୍ଷ୍ମୀ ପୁରାଣ କରିଡରର ପରିକଳ୍ପିତ ଚିତ୍ର ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା ।

ଏହାପରେ ଆୟୋଜିତ ମୁଖ୍ୟ ଆଲୋଚନାଚକ୍ରରେ ନୂଆଦିଲ୍ଲୀସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ମହିଳା ଅଧ୍ୟୟନ କାର୍ଯ୍ୟକ୍ରମର ମୁଖ୍ୟ ଡ. ବିଦ୍ୟୁତଲତା ମହାନ୍ତି, ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ଅସିତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଗୌରାଙ୍ଗ ଚରଣ ଦାସ, ବିଶିଷ୍ଟ କ=ଶିଳ୍ପୀ ଗୀତା ଦାସ ଓ ନମିତା ଅଗ୍ରୱାଲ ଯୋଗ ଦେଇଥିଲେ । ସେହିପରି ଅନନ୍ତ ଅବଧୂତ ମଠର ଆଦିତ୍ୟ ଚନ୍ଦ୍ର ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟର ସୁଚେତା ପ୍ରିୟବାଦିନୀ, ଅଲିଭା ମହାନ୍ତି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଜୟନ୍ତୀ ଦୋରା ପ୍ରମୁଖ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ ।

## ମୁଖ୍ୟ ସଚିବଙ୍କ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ଭାବେ ପିନାକୀ ପଟ୍ଟନାୟକଙ୍କ କାର୍ଯ୍ୟଭାର ଗ୍ରହଣ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଲୋକସେବା ଭବନ ସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷଠାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ତଥା ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବଙ୍କ ଓଏସଡି କଲ୍ୟାଣ କୁମାର ରଥଙ୍କ ସରକାରୀ ସେବାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ ସହ ନବନିଯୁକ୍ତ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ପିନାକୀ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇଛି । ଶ୍ରୀ ରଥ ଦୀର୍ଘ ବର୍ଷ ଧରି ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ସଫଳତାର ସହ ନିର୍ବାହ କରିବା ପରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ଭାବେ ମଇ ୨୦୨୩ ଠାରୁ କାର୍ଯ୍ୟରତ ଥିଲେ । ସରକାରୀ ସେବାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ ପରେ ସେ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଏହି ଅବସରରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଗଣ ଶ୍ରୀ ରଥଙ୍କ ନେତୃତ୍ୱ, ଦୂରଦର୍ଶିତା ଏବଂ ଉଚ୍ଚକୋଟୀର ସମନ୍ୱୟ କ୍ଷମତାକୁ ଭୂୟସୀ ପ୍ରଶଂସା କରିବା ସହ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପରିଚାଳନାକୁ ସେ ଅଧିକ ସୁଦୃଢ଼ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏଥି ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଗଣ ଶ୍ରୀ ରଥଙ୍କ ନୂତନ ଦାୟିତ୍ୱ ସଫଳ ଓ ଗୌରବମୟ ହେଉ ବୋଲି ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟ ଶାସନ ସଚିବଙ୍କ ନୂତନ ଓଏସଡି ଭାବେ ଯୋଗଦାନ କରିଥିବା ପିନାକୀ ପଟ୍ଟନାୟକଙ୍କୁ କାର୍ଯ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସାଦର ସ୍ୱାଗତ କରାଯାଇଥିଲା । ଉପସ୍ଥିତ ଅଧିକାରୀମାନେ ଶ୍ରୀ ପଟ୍ଟନାୟକଙ୍କୁ ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଥିଲେ । ଶ୍ରୀ



ପଟ୍ଟନାୟକ ସମ୍ପ୍ରତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଅତିରିକ୍ତ ଶାସନ ସଚିବ ଏବଂ ଓଡ଼ିଶା ସ୍କିଲ୍ ଡେଭେଲପମେଣ୍ଟ ଅଥରିଟିର ଅଧ୍ୟକ୍ଷଙ୍କ ଓଏସଡି ଭାବେ କାର୍ଯ୍ୟରତ ଥିଲେ । ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ପରାମର୍ଶଦାତା ଦେବେନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ତ୍ରିକୋଣୀୟ ପ୍ରେମକୁ ନେଇ ସଶସ୍ତ୍ର ଆକ୍ରମଣ

ଭୁବନେଶ୍ୱର, (ସବ୍ୟୁ) : ତ୍ରିକୋଣୀୟ ପ୍ରେମକୁ ନେଇ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବୁଧପାର୍କ ନିକଟରେ ତୁମୁଳକାଣ୍ଡ ଘଟିଛି । ଦଳେ ଯୁବକ ମାରଣାସ୍ତ୍ର ଧରି ପାର୍କରେ ଯୁବତୀଙ୍କ ସହ ବସିଥିବା ଯୁବକଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲେ । ଏପରିକି ଟେକା -ପଥର ମାଡରେ ଯୁବକ ଜଣକ ଆହତ ହୋଇ ଥାନାରେ ଏତଲା କରିଛନ୍ତି । ଜଣେ ଯୁବତୀଙ୍କୁ ଦୁଇଜଣ ଯୁବକ ଭଲପାଉଛନ୍ତି । ଜଣେ ଯୁବକ ସେହି ଯୁବତୀଙ୍କୁ ସାଙ୍ଗରେ ଧରି ବୁଧପାର୍କ ନିକଟକୁ ଆସିଥିବା ବେଳେ ଅନ୍ୟ ଯୁବକ ଜଣକ ଏହି ସମ୍ପର୍କରେ ଖବର ପାଇଥିଲେ । ସେ ତାର ସାଙ୍ଗସାଥିଙ୍କୁ ସାଙ୍ଗରେ ଧରି ମାରଣାସ୍ତ୍ର ସହ ବୁଧପାର୍କ ନିକଟରେ ପହଞ୍ଚି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା । ମାରଣାସ୍ତ୍ରରେ ଆକ୍ରମଣ ସହ ଟେକା -ପଥର ମାରିବାରୁ ଯୁବକ ଜଣକ ଆହତ



ହୋଇଥିଲେ । ଏ ସମ୍ପର୍କରେ ଚନ୍ଦ୍ରଶେଖର ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଆକ୍ରମଣକାରୀମାନେ ସେଠାରୁ ଖସି ପଳାଇଥିଲେ । ଚନ୍ଦ୍ରଶେଖରପୁର ଥାନା ଇନ୍ସପେକଟରଙ୍କ କହିବାକଥା ସିସି କ୍ୟାମେରା ଆଧାରରେ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି । ଖୁବ୍‌ଶୀଘ୍ର ସେମାନେ ଗିରଫ ହେବେ । ଏହି ଘଟଣାକୁ ନେଇ ବୁଧପାର୍କ ଅଞ୍ଚଳର ଲୋକମାନେ ଭୟଭୀତ ହୋଇ ପୋଲିସକୁ ଖବର କରିଥିଲେ ।

## ଚୋରାକାଠ ବୋଝେଇ ପିକ୍‌ଅପ୍ ଜବତ , ମାଫିଆ ଚମ୍ପଟ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ଗଣ୍ଡିଗଧା କେନାଲରାସ୍ତାରେ ଚଢ଼ାଉକରି ଗୁରୁବାର ସକାଳେ ଏକ ଚୋରା କାଠବୋଝେଇ ପିକଅପ ଭ୍ୟାନକୁ ଜବତ କରିଛି ବନବିଭାଗ ।ମୂଲ୍ୟବାନ କାଠ ଚୋରାଚାଲାଣ ହେଉଥିବା ବାବଦରେ ଖବରପାଇ ବେତନଟୀ ରେଞ୍ଜର ଧୃବେନ୍ଦ୍ରନାଥ ନାଏକଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ସଦଳବଳେ ଗଣ୍ଡିଗଧା କେନାଲ ରାସ୍ତାରେ ଅତର୍କିତ ଚଢ଼ାଉ କରିଥିଲେ ଝ ଚଢ଼ାଉ ସମୟରେ କାଠ ମାଫିଆମାନେ କେନାଲ ରାସ୍ତାରେ ଗାଡିଛାଡି ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲା । ଜବତ ଡବ୍ଲ୍ୟୁବି-୩୧ଏ-୨୭୬୯ ନମ୍ବର ବିଶିଷ୍ଟ ଚୋରାକାଠ ବୋଝେଇ ପିକଅପ ଭ୍ୟାନକୁ ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତଙ୍କ ସହାୟତାରେ ବନବିଭାଗର କୃଷ୍ଣଚନ୍ଦ୍ରପୁରସ୍ଥିତ ସିଜରୟାର୍ଡ଼କୁ ଅଣାଯାଇଥିଲା । ଜବତ ପିକଅପ ଭ୍ୟାନରୁ ବିଭିନ୍ନ ମୋଟେଇର ୯ ଖଣ୍ଡ ଗମ୍ଭାରୀ, ୨ଖଣ୍ଡ ଶାଗୁଆନ ଓ ଗୋଟିଏ ନିମ୍ବଗଣ୍ଡି ଥିବାବେଳେ ଏହାର ଆନୁମାନିକ ବଜାରମୂଲ୍ୟ ଲକ୍ଷାଧିକ ଟଙ୍କା ହେବାନେଇ ଆକଳନ କରାଯାଉଛି । ଏହି ଚଢ଼ାଉରେ ବନପାଳ ପଦ୍ମାବତୀ ବେହେରା,ବନରକ୍ଷୀ ସନ୍ତୋଷ ନାଏକ, ଜଗନ୍ନାଥ ମହାନ୍ତଙ୍କ ସମେତ ପାରା ବନକର୍ମଚାରୀ ପ୍ରମୁଖ ସାମିଲ ଥିଲେ ।

## ଗଡଦେଉଳିଆ ସରକାରୀ ମଦ ଦୋକାନ ଘେରିଲେ ଶତାଧିକ ମହିଳା

ବେତନଟୀ (ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗଡଦେଉଳିଆ ଠାରେ ଥିବା ମଦ ଦୋକାନ ଖୋଲା ନ ଯିବା ପାଇଁ ନାରୀ ନେତ୍ରୀ ମାଧବୀ ସେନାପତି ଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ମାସ ପୂର୍ବରୁ ମୟୂରଭଞ୍ଜ ଏସପି ଓ ଜିଲ୍ଲାପାଳ ଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ । ଏହା ବିଚାରାଧିନ ଥିବା ବେଳେ ଆଜି ହଠାତ ମଦ ଦୋକାନ ଖୋଲାଯିବା ଖବର ପାଇ ସେହି ମାଧବୀ ସେନାପତି ଙ୍କ ନେତୃତ୍ୱ ରେ ଶହ ଶହ ମହିଳା ମଦ ଦୋକାନକୁ ଯାଇଥିବା ରାସ୍ତାକୁ ରାତି ୯ ଘଟିକା ଠାରୁ ଅବରୋଧ କରିଥିବା ଜଣାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ସରକାରୀ ଠିପି ବନ୍ଦ ମଦ ଦୋକାନ ଗୁଡିକ ଟେଣ୍ଡର ପ୍ରକ୍ରିୟା ସରିବା ପରେ ଜୁଲାଇ ୨ ତାରିଖ ଠାରୁ ଖୋଲାଯିବା କୁ ନିଷ୍ପତ୍ତି ନିଆଯାଇଥିଲା । ସେଥିପାଇଁ ବୈଶିଙ୍ଗା ଥାନା ଗଡଦେଉଳିଆ ସ୍ଥିତ ଅଜିତ ସିଂ ଙ୍କ ନାମରେ ଥିବା ଠିପି ବନ୍ଦ ମଦ ଦୋକାନ ଆଜି ଖୋଲା ଯାଇଥିଲା । ଏହାକୁ ନେଇ ଶତାଧିକ ଗ୍ରାମବାସୀ ବିରୋଧାଭାସ ସୃଷ୍ଟି ହୋଇଥିବା ନେଇ ଖବର ବୈଶିଙ୍ଗା ଥାନାର ଏସଆଇ ଅଶୋକ ପାତ୍ର ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରିବା ସହ ମଦ ଦୋକାନକୁ ବନ୍ଦ କରିବା ସହିତ ଆଲୋଚନା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଥିଲେ ।

## ଆନ୍ତଃରାଜ୍ୟ ନିଶା ମାଫିଆ ଦୁର୍ବାସା ଗ୍ୟାଙ୍ଗ୍‌କୁ ରିମାଣ୍ଡରେ ନେବ ଛତିଶଗଡ ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ଆନ୍ତଃରାଜ୍ୟ ନିଶା ମାଫିଆ ଦୁର୍ବାସା ଗ୍ୟାଙ୍ଗ୍‌କୁ ରିମାଣ୍ଡରେ ନେବ ଛତିଶଗଡ ପୋଲିସ । ସ୍ୱତନ୍ତ୍ର ଟିମ୍ ଆସି ଏସ୍‌ଟିଏଫ୍‌ରେ ଅପେକ୍ଷା କରିଛି । କାରଣ ସେହି ଗ୍ୟାଙ୍ଗ ସଦସ୍ୟଙ୍କୁ ଏସ୍‌ଟିଏଫ୍ ରିମାଣ୍ଡ ଆଣି ଜେରା କରୁଛି । ଅବଧି ଶେଷ ହେବା ପରେ କୋର୍ଟଙ୍କ ଅନୁମତି କ୍ରମେ ସେମାନଙ୍କୁ ଜେରା ପାଇଁ ନେବ ଛତିଶଗଡ ପୋଲିସ । ଦୁର୍ବାସା ଗ୍ୟାଙ୍ଗ୍ କହିଲେ କିଙ୍ଗପିଙ୍ଗ ଦୁର୍ବାସା ସାହୁ, ସିଣ୍ଡିକେଟ୍ ମେମ୍ବର ସୁବୁଦ୍ଧି ସାହୁ, ଅରୁଣ କୁମାର ଜେନା, ପ୍ରକାଶ ଖଟୁଆ ଏବଂ ନୀଳାମ୍ବର କହଁର । ଏହି ଗ୍ୟାଙ୍ଗ୍ ନିକଟରୁ ୩୧୦୦ କେଜି ଗଞ୍ଜେଇ ଜବତ କରାଯାଇଛି । ୧୦ଟଙ୍କିଆ ଚିରା ନୋଟ୍ ମାଧ୍ୟମରେ ଏହି ଗ୍ୟାଙ୍ଗ୍ ସାରା ଦେଶରେ ଗଞ୍ଜେଇ କାରବାର କରୁଥିଲେ । ଓଡ଼ିଶା ଏସ୍‌ଟିଏଫ୍ ଛତିଶଗଡ ରାଜ୍ୟର ବଳରାମପୁର ଜିଲ୍ଲା ପୋଲିସ ସହ ଯୋଗାଯୋଗରେ ରହିବା ସହ ଉଭୟ ତଦନ୍ତକାରୀ ଟିମ୍ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ହେଉଥିବା ଏସ୍‌ଟିଏଫ୍ ତଦନ୍ତକାରୀ ଟିମ୍ ସୂତ୍ରରୁ ଜଣାପଡିଛି । ଏସ୍‌ଟିଏଫ୍ ସହ ବଳରାମପୁର ପୋଲିସ ଟିମ୍ ବୈଠକ କରି ଆନ୍ତଃରାଜ୍ୟ ଗଞ୍ଜେଇ କାରବାର ସମ୍ପର୍କରେ ଚର୍ଚ୍ଚା କରୁଛନ୍ତି । ସେମାନଙ୍କ ଗଞ୍ଜେଇ କାରବାର ଭାରତର କେଉଁ କେଉଁ ରାଜ୍ୟକୁ ବ୍ୟାପିଛି ତାହା ଜାଣିବା ପାଇଁ ଛତିଶଗଡ ପୋଲିସ ଓ ଓଡ଼ିଶା ପୋଲିସ ତଦନ୍ତକୁ ଆଗକୁ ବଢାଉଛନ୍ତି ।

### ପକ୍ଷୀଙ୍କ କବରଖାନା ପାଲଟିଛି ନନ୍ଦନକାନନ ବିହଙ୍ଗ ସାରଣୀ

## ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିଛି ବନ ବିଭାଗ

ବାରଙ୍ଗ ,(ସବ୍ୟୁ) : ପକ୍ଷୀମାନଙ୍କ କାକଳିରେ ଯେଉଁ ସ୍ଥାନ ଦିନେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା, ସେହି ସ୍ଥାନ ଏବେ ନିରୀହ ପ୍ରାଣୀଙ୍କ ପାଇଁ କବରଖାନା ପାଲଟିବାକୁ ବସିଛି । ନନ୍ଦନକାନନ ପ୍ରାଣୀଉଦ୍ୟାନର ପୁରୁଣା ବିହଙ୍ଗ ସାରଣୀ (ଆଭିଆରୀ)ର ଜରାଜୀର୍ଣ୍ଣ ଅବସ୍ଥା ବନ ବିଭାଗର ଚରମ ଅବହେଳା ଓ ଦାୟିତ୍ୱହୀନତାକୁ ପଦାରେ ପକାଇଛି । ବିଶାଳ ଆଭିଆରୀର ଲୁହା ଫ୍ରେମ ଭାଙ୍ଗିରୁଜି ଗଲାଣି, ତାରଜାଲି ଛିଣ୍ଡି ତଳକୁ ଦୋହଲୁଛି । ଆଉ ଏହି ମୃତ୍ୟୁଫାଶ ଭିତରେ ବନ୍ଦୀ ହୋଇ ରହିଛନ୍ତି ଦଦରାହଣା, ସାରଙ୍ଗା, ଛୋଟ ହାଡ଼ଗିଲା ଓ ଧଳା ବାଜେଣି ଭଳି ଡଜନ ଡଜନ ବିରଳ ପ୍ରଜାତିର ପକ୍ଷୀ । ବନ୍ୟପ୍ରାଣୀ ସୁରକ୍ଷାର ଡିଣ୍ଡିମ ପିଟୁଥିବା ବନ ବିଭାଗ ଜାଣିଶୁଣି ଏହି ମୂକପ୍ରାଣୀମାନଙ୍କୁ ମୃତ୍ୟୁ ମୁହଁକୁ ଠେଲି ଦେଉଥିବା ଅଭିଯୋଗ ହେଉଛି ।ବାହାରେ ସବୁଜ ପରଦା ଟାଣି ଦେଇ ନୂଆ ବିହଙ୍ଗ ସାରଣୀ ନିର୍ମାଣ ନାଁରେ ବିଭାଗ ପକ୍ଷରୁ ମାସ ମାସ ଧରି କେବଳ ଲୋକଦେଖାଣିଆ ନାଟକ ଚାଲିଥିବା କୁହାଯାଉଛି । କିଛି ପକ୍ଷୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ, ଅଧିକାଂଶ ପକ୍ଷୀଙ୍କୁ ଏହି ଭଗ୍ନ ସାରଣୀରେ ଭଗବାନଙ୍କ ଭରସାରେ ଛାଡ଼ି ଦିଆଯାଇଛି । ନିଜର ଦୋଷ ଲୁଚାଇବାକୁ ବିଭାଗ ପକ୍ଷରୁ ଚାରିପଟେ ସବୁଜ ପରଦା ଟାଣି ଦିଆଯାଇଛି, ଯେପରି ପର୍ଯ୍ୟଟକମାନେ ଏହି ବିପଦସଙ୍କୁଳ ଚିତ୍ର ଦେଖିପାରିବେ ନାହିଁ । କିନ୍ତୁ ପ୍ରାଣୀଉଦ୍ୟାନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ମହଲରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଶ୍ଚର୍ଯ୍ୟର କଥା, ଦାୟିତ୍ୱରେ ଥିବା ଏସିଏଫ ଏବଂ ରେଞ୍ଜର ସବୁ ଦେଖି ସୁଦ୍ଧା ନୀରବଦ୍ରଷ୍ଟା ସାଜିଛନ୍ତି, ଯାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ରାଜ୍ୟରେ ମୌସୁମୀ ପ୍ରବେଶ କରିସାରିଥିବା ବେଳେ ଯଦି ଗୋଟିଏ କାଳବୈଶାଖୀ କିମ୍ବା ବଡ଼ ଧାରଣର ପବନ- ବର୍ଷା ହୁଏ, ତେବେ ଏହି ଦୁର୍ବଳ ଭଗ୍ନ ସାରଣୀ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ । ଏଠାରେ ସବୁଠୁ ବଡ଼ ପ୍ରଶ୍ନ ଉଠୁଛି ବିହଙ୍ଗ ସାରଣୀର ନବୀକରଣ କାମ ଆରମ୍ଭ ହେବା ପୂର୍ବରୁ ସମସ୍ତ ପକ୍ଷୀଙ୍କୁ ଶତପ୍ରତିଶତ ସୁରକ୍ଷିତ ସ୍ଥାନକୁ କାହିଁକି ନିଆଗଲା ନାହିଁ ? ଅଧା ପକ୍ଷୀଙ୍କୁ ନେଇ ବାକିମାନଙ୍କୁ ମୃତ୍ୟୁ ମୁହଁରେ ଛାଡ଼ିଦେବା କେବଳ ଅବହେଳା ନା ଉଦାସୀନତା ?

# ବାଙ୍କୀ ପ୍ରଗତି ପରିଷଦର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ),ବାଙ୍କୀ ପ୍ରଗତି ପରିଷଦର ୬ଷ୍ଠ ସମ୍ମିଳନୀ ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷରେ ପରିଷଦର ସଭାପତି ନୀଳମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ରାଜ୍ୟପାଳ ଡଃ ହରିବାବୁ କୁମ୍ଭବପଟି ମୁଖ୍ୟ ଅତିଥି ଭାବେ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ପରିଷଦର ବରିଷ୍ଠ ସଭ୍ୟ ଶୁଭ୍ରାଂଶୁମୋହନ ପାଢ଼ୀ ସମ୍ମାନିତ ଅତିଥି ଭାବେ ଓ ଦାସବେହେରାର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ମା'ଚର୍ଚ୍ଚିକେଇଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ସଭାପତି ଶ୍ରୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସଂପାଦକ ନିମେଇଁଚରଣ ଦାସ ପରିଷଦର ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ରାଜ୍ୟପାଳ ପରିଷଦର ସ୍ମରଣିକା "ରେଣୁକା" ଉନ୍ମୋଚନ କରିଥିଲେ। ସହସଂପାଦକ ଲକ୍ଷ୍ମଣ କୁମାର ମନ୍ତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ "ବୀରରାଣୀ ଶୁକଦେଇ ଓ ମୁଣ୍ଡ ଦେଉଳ' କୁ ମଧ୍ୟ ଉନ୍ମୋଚନ କରିଥିଲେ । ବାଙ୍କୀର ବିଶିଷ୍ଟ ପରିବେଶବିତ୍ ଶରତ ଚନ୍ଦ୍ର ତ୍ରିପାଠୀ ଓ ରାଜ୍ୟ ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ମୁଖ୍ୟ ଅତିଥି "ବାଙ୍କୀରତ୍ନ" ଉପାଧିରେ ଏବଂ ବାଙ୍କୀକିଆପଲ୍ଲା ଗ୍ରାମର ରାଜ୍ୟ ପ୍ରଶାସନିକ ସେବାରେ ସଫଳ ହୋଇଥିବା ସୁନୀଲ କୁମାର ଦାସଙ୍କୁ "ମେଧା' ସମ୍ମାନରେ ସମ୍ମାନିତ କରିଥିଲେ । ମୁଖ୍ୟ ଅତିଥି ରାଜ୍ୟପାଳ ବାଙ୍କୀ ପୂର୍ବ ପୁରୁଷମାନଙ୍କରବିରତ୍ୱ, ସେମାନଙ୍କ ଅମ୍ଳାନ ପ୍ରତିଭାଉପରେ ଆଲୋକପାତ କରି ବାଙ୍କୀ ପ୍ରଗତି ପରିଷଦର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ବାଙ୍କୀ ଉପଖଣ୍ଡର ବିଭିନ୍ନ ସମସ୍ୟା ଉପରେ ୧୯ ଦଫା ସମ୍ବଳିତ ଏକ ଅନୁରୋଧ ପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା । ଉପସ୍ଥାପିକା ପ୍ରଜ୍ଞା ସୁଚରିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଷଦର ମୁଖ୍ୟ ପରାମର୍ଶଦାତା ଅବସର ପ୍ରାପ୍ତ ମୁଖ୍ୟଶାସନ ସଚିବ ଡଃ ଅଜିତ କୁମାର ତ୍ରିପାଠୀ ଓ ପରାମର୍ଶଦାତା କାଶିନାଥ ସାହୁଙ୍କ ନିର୍ଦ୍ଦେଶନାରେ ଉପ ସଭାପତି



ଚୌଧୁରୀ ସରୋଜ କୁମାର ମହାପାତ୍ର, ବିଷ୍ଣୁ ପ୍ରସାଦ ମିଶ୍ର, ସହକୋଷାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ ସହସଂପାଦକ ଲକ୍ଷ୍ମଣ ମନ୍ତ୍ରୀ, ଡଃ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଜୟଦେବ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଦୀପ କୁମାର ବାହିନୀପତିଙ୍କ ଦ୍ୱାରା ପରିଚାଳିତ "ଭକ୍ତିସୁଧା ଭଜନ ସନ୍ଧ୍ୟା' ଭଜନ ପରିବେଷଣ କରାଯାଇଥିଲା।

# ରଥଯାତ୍ରା ପ୍ରସ୍ତୁତି ନେଇ ଏସ୍‌ପିଙ୍କ ଛତିଶା ନିଯୋଗ ସହ ସମନ୍ୱୟ ବୈଠକ

ପୁରୀ, (ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୬ କୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସୁଚାରୁ ଭାବେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୁରୀ ଏସ୍ପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଛତିଶା ନିଯୋଗର ସଦସ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆସନ୍ତା ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା। ବିଶେଷକରି ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ସେବାୟତମାନଙ୍କ ସହ ସୁଚାରୁ ସମନ୍ୱୟ ନେଇ ଗଭୀର ଆଲୋଚନା ହୋଇଥିଲା। ବୈଠକରେ ଛତିଶା



ନିଯୋଗ ନାୟକ ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର ଉପସ୍ଥିତ ଥିଲେ। ସେ ରଥଯାତ୍ରା ସମୟରେ ସେବାୟତମାନଙ୍କ ଭୂମିକା, ପାରମ୍ପରିକ ନୀତିକାନ୍ତି ଓ ଭକ୍ତମାନଙ୍କ ଦର୍ଶନ ସୁବିଧା ବିଷୟରେ ନିଜ ମତାମତ ରଖିଥିଲେ। ସେ ପୁରୀ ପୋଲିସ ସହ ସମ୍ପୂର୍ଣ୍ଣ ସହଯୋଗ ଓ ସମନ୍ୱୟର ଆଶ୍ୱାସନ ଦେଇଥିଲେ। ଏସ୍ପି ଶ୍ରୀ ସିଂ କହିଥିଲେ ଯେ, ରଥ ଯାତ୍ରା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପୁରୀରେ ସମାଗମ ହୋଇଥାଏ। ସେମାନଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ଦର୍ଶନ ନିଶ୍ଚିତ କରିବା ପୁରୀ ପୋଲିସର ପ୍ରାଥମିକତା। ସେ ଆହୁରି କହିଥିଲେ ଯେ, ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରାଯିବା ସହିତ ଭିଡ଼ ନିୟନ୍ତ୍ରଣ, ଆପତ୍କାଳୀନ ସେବା, ଟ୍ରାଫିକ ପରିଚାଳନା ଓ ଜନସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ରଥଯାତ୍ରାକୁ ସଫଳ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ବୈଠକରେ ପୁରୀ ପୋଲିସର ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସମସ୍ତେ ମିଳିତ ଭାବେ ରଥଯାତ୍ରା ୨୦୨୬ କୁ ଶୃଙ୍ଖଳିତ, ସୁରକ୍ଷିତ ଓ ସଫଳ କରିବା ପାଇଁ ସମନ୍ୱିତ ପ୍ରୟାସ ଜାରି ରଖିବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ। ପୁରୀ ପୋଲିସ ରଥଯାତ୍ରା-୨୦୨୬ ପାଇଁ ସମସ୍ତ ପ୍ରସ୍ତୁତିକୁ ସୁଚାରୁ ଭାବରେ ଆଗେଇ ନେଉଛି ଏବଂ ଏହି ବିଶ୍ୱ ପ୍ରସିଦ୍ଧ ପର୍ବକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବରେ ସମ୍ପନ୍ନ କରିବାକୁ ପ୍ରତିବଦ୍ଧ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କି ବାତ କାର୍ଯ୍ୟକ୍ରମ

କଣାସ,(ସବ୍ୟୁ): ପୁରୀ କଣାସ ବ୍ଲକ ସିରେଇ ପଞ୍ଚାୟତ ଅନ୍ତର୍ଗତ ସିରେଇ ମେଳଣ ପଡିଆଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ'ର ୧୩୫ତମ ସଂସ୍କରଣ ସିରେଇ ଗ୍ରାମପଞ୍ଚାୟତର ଜନସାଧାରଣଙ୍କ ସହ ପୁରୀ ସାଂସଦ ଡକଟର ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଉପସ୍ଥିତ ଶୁଣିଥିଲେ । ଏଥିରେ ସେ ଦେଶବାସୀଙ୍କ ସହ ବିଭିନ୍ନ ବିଷୟ ଉପରେ ନିଜର ଅନୁଭୂତି ବାଣ୍ଟିଥିଲେ ପମିଏମ ମୋଦି । ସମୁଦ୍ରରେ ଭାରତର ବଢୁଥିବା ଶକ୍ତି ତଥା ସାମର୍ଥ୍ୟ ଉପରେ ଆଲୋକପାତ କରିଥିଲେ ।

### ସ୍ୱାସ୍ଥ୍ୟ ସେବା ନିମନ୍ତେ ସିଗ୍ମାମୋଜାକ୍ ସଲ୍ୟୁସନ୍ ସହିତ

# ଆଇଏମ୍ଏସ୍ ଏବଂ ସମ୍ ହସ୍ପିଟାଲର ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଏବଂ ହାଇଦ୍ରାବାଦ ସ୍ଥିତ ସିଗମାମୋଜାକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ମଙ୍ଗଳବାର ଏଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହାର ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟସେବା ଗବେଷଣା ଏବଂ ଚିକିତ୍ସା ଶିକ୍ଷାରେ ଆନ୍ତଃବିଷୟକ ସହଯୋଗ ପାଇଁ ଏକ ବ୍ୟାପକ ସଂସ୍ଥାଗତ ଢାଞ୍ଚା ପ୍ରତିଷ୍ଠା କରିବା।

ଚୁକ୍ତିନାମା ଅନୁଯାୟୀ ଉଭୟ ପକ୍ଷ ସ୍ୱାସ୍ଥ୍ୟସେବା ଗବେଷଣା, ଡିଜିଟାଲ୍ ସ୍ୱାସ୍ଥ୍ୟ, ଚିକିତ୍ସା ଶିକ୍ଷା, ଯୋଗାଯୋଗ ବିଜ୍ଞାନ, ଏଆଇ-ସକ୍ଷମ ସ୍ୱାସ୍ଥ୍ୟସେବା ସିଷ୍ଟମ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ କ୍ଷେତ୍ରରେ ନବସୃଜନ ଉପରେ ମିଳିତ ଭାବେ କାର୍ଯ୍ୟ କରିବେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ



ସିଗମାମୋଜାକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡର ସହ-ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀମତୀ ଶ୍ୱେତା ଶର୍ମା ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ୧୧୬ ଅଭିଯୋଗ

ଗୋପ,(ସବ୍ୟୁ) :ଗୋପ ବ୍ଲକ ସଭାଗୃହରେ ପୁରୀ ଜିଲ୍ଲା ଉପ-ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ପୂର୍ବ ମାସ ଅପେକ୍ଷା ଚଳିତ ମାସରେ ଗୋପ ବ୍ଲକର ୩୧ଟି ପଂଚାୟତ ସମେତ ବିଭିନ୍ନ ଅନୁଷ୍ଠାନ, ସାମାଜିକ ସଂଗଠନ, ଯୁବ ନେତୃତ୍ୱ ମାନଙ୍କ ପକ୍ଷରୁ ଭିଣ ଭିଣ ଅଭିଯୋଗ କରିଥିଲେ ମଧ୍ୟ ସର୍ବାଧିକ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ବେଳେ ମାଟି ଓ ବାଲି ଚୋରି ଉପରେ ଅଭିଯୋଗ କରିଥିଲେ ।ମୋଟ ୧୧୬ ଟି ଅଭିଯୋଗ ମଧ୍ୟରୁ ୬୦ରୁ ଉର୍ଦ୍ଧ୍ୱର୍ ଅଭିଯୋଗ ଆବାସ ଯୋଜନା ଅନ୍ତର୍ଭୁକ୍ତ ଥିଲା ।ସେହିଭଳି ନୂଆଖୋଲମରା ପଞ୍ଚାୟତର ଯୁବ ନେତା ସ୍ୱରାଜ ମହାନ୍ତି ଧନୁଆ ନଦୀରୁ ମାଟି ଓ କୁଶଭଦ୍ରା ନଦୀରୁ ବାଲି, ମାଟି ବେଆଇନ ଚାଲାଣ,ସୋବର୍ଣ୍ଣପୁର-ଗବକୁଣ୍ଡ ରାସ୍ତାର ବୋଇତ ଭଙ୍ଗା ସେତୁ ରାସ୍ତା ମରଣ ଯନ୍ତା ପାଲଟିଥିବା ଅଭିଯୋଗ କରିଥିଲେ ।

### ବୈରୀ ରାଜ୍ୟ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୀକ୍ଷାନ୍ତ ସମାରୋହ

# ଅବକାରୀ ବିଭାଗର ୨୨ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ୧୦୦ ଏସ୍‌ଆଇଙ୍କ ପ୍ରଶିକ୍ଷଣ ଶେଷ



ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ସୋଲର (ବୈରୀ) ସ୍ଥିତ ରାଜ୍ୟ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଥମ ବ୍ୟାଚ ଅବକାରୀ ଡେପୁଟି ସୁପରିଟେଣ୍ଡେଟ ଓ ସବ ଇନ୍ସପେକ୍ଟର ମାନଙ୍କର ପ୍ରଶିକ୍ଷଣ ଶେଷ ପରେ ବୁଧବାର ଦିନ ଦିକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ୨୨ଜଣ ଓ ୧୦୦ ଜଣ ଉପନିରୀକ୍ଷକଙ୍କ ର ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ଆଇନ,ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନୂତନ ଭାବେ ପଦବୀରେ ଯୋଗ ଦେଇଥିବା ରାଜ୍ୟ ଅବକାରୀ ବିଭାଗର ୨୨ଜଣ ଡେପୁଟି ସୁପରିଟେଣ୍ଡେଟ ଓ ୧୦୦ ଜଣ ସବ ଇନ୍ସପେକ୍ଟର ପ୍ରଶିକ୍ଷାର୍ଥୀ ମାନଙ୍କୁ ଶୁଭେଚ୍ଛା ଦେବା ସହ ରାଜ୍ୟ ଅବକାରୀ ନୀତି ନିୟମକୁ ସଠିକ ଓ ଶୃଙ୍ଖଳାର ସହ ପାଳନକରି ସଞ୍ଜମତାର ସହ ନିଜର ସେବା ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଅମରକୁମାର ନାୟକ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲା ବେଳେ ରାଜ୍ୟ ଅବକାରୀ କମିଶନର ପି.ଅନ୍ୱେଷା ରେଡ୍ଡୀ ଯୋଗଦେଇ ଏବେ ରାଜ୍ୟରେ ଅବକାରୀ ନିତିରେ ଆସିଥିବା ସଂସ୍କାରକୁ ପ୍ରଶଂସା କରିଥିଲେ। ଏଠାରୁ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଥିବା ପ୍ରଶିକ୍ଷାର୍ଥୀ ମାନେ ନିଜ ନିଜ କର୍ମ କ୍ଷେତ୍ରରେ ଯୋଗଦେବା ପରେ ବିଭାଗରେ କର୍ମଚାରୀ ଅଭାବ ଜନିତ ସମସ୍ୟାରେ ସୁଧାର ଆସିବା ସହିତ ବିଭାଗୀୟ କାର୍ଯ୍ୟ ସଠିକ ଭାବେ ପରିଚାଳନା ହୋଇପାରିବ ବୋଲି କହିଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବରକୁମାର କର,ଦର୍ପଣ ତହସିଲଦାର ମାନସରଞ୍ଜନ ତ୍ରିପାଠୀ ଓ ରାଜ୍ୟ ତଥା ଜିଲ୍ଲାର ବହୁ ପୋଲିସ ଓ ଅବକାରୀ ବିଭାଗ ଅଧିକାରୀମାନେ ଏହି ସମାରୋହରେ ଉପସ୍ଥିତ ଥିଲେ। ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଅଶୋକକୁମାର ଦେହୁରୀ ସ୍ୱାଗତ ଭାଷଣ ଓ ପ୍ରଶିକ୍ଷଣ ପାଠ୍ୟ କ୍ରମର ବିବୃତ୍ତି ରଖିବା ସହ ପ୍ରଶିକ୍ଷଣ ଶେଷ କରିଥିବା ସମସ୍ତ ଅବକାରୀ ବିଭାଗ ଅଧିକାରୀ ମାନଙ୍କୁ ଶପଥ ପାଠ କରାଇ ଥିଲେ। ଏହି ଅବସରରେ ଗତ ୬ମାସ ଧରି ଏଠାରେ ପ୍ରଶିକ୍ଷଣ ନେଇ ସବୁ ସ୍ତରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ସ୍ୱନକୁମାର ଭୋଇ,ବିଭୂତିଭୂଷଣ ଦ୍ୱାରୀ,ଆଦ୍ୟାଷା ସ୍ୱାଇଁ, ଅରୁପ ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ମାନିତ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ରାୟଗଡା ଝିଅ ଶିବାନୀ : ପୋଲିସ କମିଶନରେଟ ରେଡକ୍ରସ୍ ପାଇଁ ଗର୍ବ ଓ ଗୌରବ

ଭୁବନେଶ୍ୱର (ସବ୍ୟୁ): ଓଡିଶା ପୋଲିସ୍‌ର ସବ-ଇନ୍ସପେକ୍ଟର ତଥା କମିଶନରେଟ ପୋଲିସ ଭୁବନେଶ୍ୱରରେ କାର୍ଯ୍ୟରତ ରାୟଗଡା ଜିଲ୍ଲାର ଝିଅ ଶିବାନୀ ନନ୍ଦ ପୋଲିସ କମିଶନରେଟ ରେଡକ୍ରସ୍ ପାଇଁ ଗର୍ବ। ନିକଟରେ ଭୁବନେଶ୍ୱରରେ ଓଡିଶା ରାଇଫଲ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୧୫ ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗନେଇ ୨୫ ମିଟର ଓ ୦.୨୨ ପିସ୍ତଲ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ସ୍ୱର୍ଣ୍ଣ ପଦକ ଜିତି ପୋଲିସ କମିଶନରେଟ ସହିତ ରାୟଗଡା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଗୁଣୁପୁରର ଚାଲକମ୍ବା ଗାଁର ବଙ୍ଗାଳୀ ନନ୍ଦଙ୍କ ଝିଅ ଶିବାନୀ ନନ୍ଦ। ଉଦ୍‌ଯାପନୀ ଉତ୍ସବରେ ଜାତୀୟ ରାଇଫଲ ସଂଘର ସଭାପତି କଳିକେଶ ନାରାୟଣ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଓଡିଶା ରାଇଫଲ ସଂଘର ଉପଦେଷ୍ଟା ଶରତ ଚନ୍ଦ୍ର ଦେବ, ସଭାପତି ଗୌରି ମହାନ୍ତି, ଉପ-ସଭାପତି ରୋମେଓ କାନ୍ତ ନନ୍ଦ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଯୁଗ୍ମ-ସମ୍ପାଦକ ଆଶିଷ ନାୟକ ଓ କୋଷାଧକ୍ଷ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ରୋଟାରୀ ପ୍ରାନ୍ତପାଳ ଭାବେ ଅନିଲ୍ ସାମଲ ଅଧିଷ୍ଠିତ

# ରାଜ୍ୟରେ ରୋଟାରୀ ସେବାକୁ ବ୍ୟାପକ କରିବାକୁ ସଂକଳ୍ପ

ଭୁବନେଶ୍ୱର (ସବ୍ୟୁ): ୨୦୨୬-୨୭ ନୂତନ ରୋଟାରୀ ବର୍ଷ ପାଇଁ ଅବସରପ୍ରାପ୍ତ ଆଇଏଏସ୍ ଅନିଲ୍ କୁମାର ସାମଲ୍ ରୋଟାରୀ ଜିଲ୍ଲା ୩୨୬୨ ର ପ୍ରାନ୍ତପାଳ ଭାବେ ଅଧିଷ୍ଠିତ ହୋଇଛନ୍ତି। ଏଥିରେ ରୋଟାରୀର ଆନ୍ତର୍ଜାତୀୟ ନିର୍ଦ୍ଦେଶକ କେ.ପି ନାଗେସ ଯୋଗଦେଇ ରୋଟାରୀ କ୍ଷେତ୍ରକୁ ଶ୍ରୀ ସାମଲଙ୍କ ଯୋଗଦାନର ଭୂୟସୀ ପ୍ରଶଂସା କରି ଆଗାମୀ ବର୍ଷ ସମ୍ପୃକ୍ତ ଜିଲ୍ଲା ପାଇଁ ଉଲ୍ଲେଖନୀୟ ବର୍ଷ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଆନୁଷ୍ଠାନିକ ଭାବେ ପୂର୍ବତନ ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀଙ୍କ ଠାରୁ ଦାୟିତ୍ୱ ନେବା ଅବସରରେ ଶ୍ରୀ ସାମଲ ଆଗାମୀ ବର୍ଷ ପାଇଁ ପ୍ରମୁଖ ସେବା ଲକ୍ଷ୍ୟର ଘୋଷଣା କରିଛନ୍ତି। ଶକ୍ତି ସଞ୍ଚୟ ଏବଂ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସହର ଉପକଣ୍ଠ, ବସ୍ତି ଓ ଗ୍ରାମାଞ୍ଚଳରେ ସ୍ଥାନଗୁଡ଼ିକରେ ସୋଲାର ଲାଇଟ୍ ସ୍ଥାପନ, ପରିମଳ ଏବଂ ସ୍ୱଚ୍ଛତା କ୍ଷେତ୍ରକୁ ପ୍ରାଥମିକତା ଦେଇ ବିଦ୍ୟାଳୟ, ଡାକ୍ତରଖାନା, ବସ୍ ଟର୍ମିନାଲ୍ ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ କୁଲ-କମ-ପ୍ୟୁରିଫାୟର ସ୍ଥାପନ, ବିଦ୍ୟାଳୟ ଏବଂ ସାର୍ବଜନୀନ ସ୍ଥାନରେ ସ୍ୱୟଂକ୍ରିୟ ଶୌଚାଳୟ ନିର୍ମାଣ, ରାସ୍ତା କଡ଼ର ବ୍ୟବସାୟୀମାନଙ୍କ ଜୀବିକାରେ ଉନ୍ନତି ପାଇଁ ଭେଣ୍ଡିଂ କାର୍ଡ ବିତରଣ, ଜଳ ସଂରକ୍ଷଣ ପାଇଁ ସହରାଞ୍ଚଳରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ଏବଂ ଗ୍ରାମାଞ୍ଚଳରେ ଚେକ୍ ଡ୍ୟାମ୍ କିମ୍ବା ଜଳାଶୟ ନିର୍ମାଣ, କିଶୋରୀ ଏବଂ କାର୍ଯ୍ୟରତ ମହିଳା ଛାତ୍ରାବାସ ଗୁଡ଼ିକରେ ବ୍ୟାପକ ସାନିଟାରୀ ନ୍ୟାପକିନ୍ ଭେଣ୍ଡିଂ ମେସିନ୍ ଓ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ସ୍ୱାସ୍ଥ୍ୟ ଶିବିର ଆୟୋଜନ, କିଶୋରୀ ମାନଙ୍କୁ ସର୍ଭାଇକାଲ୍ କ୍ୟାନ୍ସର ନିରୋଧ ଟିକା ପ୍ରଦାନ, ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟ ମାଧ୍ୟମରେ ଦଶ ହଜାର ମୋତିଆବିନ୍ଦୁ ଅସ୍ତ୍ରୋପଚାର ସହ ଶହେଟି ଗ୍ରାମକୁ ମୋତିଆବିନ୍ଦୁ ମୁକ୍ତ ଗ୍ରାମରେ ପରିଣତ କରିବାର ଲକ୍ଷ୍ୟ ପୂରଣ ପାଇଁ ଆପୋଲୋ ଓ ଉତ୍କଳ ହସ୍ପିଟାଲ ସହ ବନ୍ଧନରେ ସ୍ୱାସ୍ଥ୍ୟ ପରୀକ୍ଷା ଓ କ୍ୟାନ୍ସର ସଚେତନତା ଶିବିରମାନ ଆୟୋଜନ କରାଯିବ। ମୌଳିକ ଶିକ୍ଷା ଓ ସାକ୍ଷରତା କ୍ଷେତ୍ରରେ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ ସହ ଡିଜିଟାଲ୍ ଶିକ୍ଷା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏହି ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ସମସ୍ତ ୨୫ଟି ରାଜସ୍ୱ ଜିଲ୍ଲାର ବିଦ୍ୟାଳୟ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ହଜାର ହଜାର ଛାତ୍ରଛାତ୍ରୀ ଡିଜିଟାଲ୍ ଓ କୃତ୍ରିମ ବୁଦ୍ଧିମତ୍ତା (ଇଓ) ସମ୍ପର୍କରେ ଶିକ୍ଷିତ କରାଯିବ। ସିପେଟ୍ ସହଯୋଗରେ ନିଯୁକ୍ତିମୁଖୀ ଦକ୍ଷତା ବିକାଶ ପ୍ରକଳ୍ପ ଆରମ୍ଭ କରାଯିବ। ଅନାଥ ଓ ଅସହାୟ ବାଳକ-ବାଳିକାଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦେବାର ମଧ୍ୟ ନିର୍ଦ୍ଧାରିତ ଲକ୍ଷ୍ୟ ରହିଛି। 'ପ୍ଲାଣ୍ଟ ଫର୍ ଲାଇଫ' ଅଭିଯାନ ଅଧିନରେ ବନ ମହୋତ୍ସବ ସପ୍ତାହର ପ୍ରଥମ ସପ୍ତାହରେ ୫୦ହଜାର ଚାରା ରୋପଣ ସହ ଏକଲକ୍ଷ ଗଛ ରୋପଣ ଓ ବିପୁଳ ଚାରା ବଣ୍ଟନ କରିବାର ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମର ସମଗ୍ର ରାଜ୍ୟରୁ ଆଠଶହରୁ ଉର୍ଦ୍ଧ୍ୱର୍ ରୋଟାରୀଆନ୍ ଯୋଗ ଦେଇ ରାଜ୍ୟର ଅପହଞ୍ଚ ପ୍ରାନ୍ତରେ ଆବଶ୍ୟକୀୟ ରୋଟାରୀ ସେବା ପହଞ୍ଚାଇବାକୁ ସଂକଳ୍ପ ନେଇଥିଲେ। ଏହି ଅଧିଷ୍ଠାନ ଉତ୍ସବରେ ରୋଟାରୀ ଜିଲ୍ଲାର ପ୍ରଥମ ମହିଳା ସୁବ୍ରତା ସାମଲ ଓ ପ୍ରାକ୍ତନ ପ୍ରଥମ ମହିଳା ମଧୁମିତା ତ୍ରିପାଠୀ ଅତିଥି ଭାବେ ସମ୍ମିଳିତ ହୋଇଥିଲା ବେଳେ ଜିଲ୍ଲା କୋଷାଧକ୍ଷ ପ୍ରସନ୍ନ ଲେଙ୍କା ମଞ୍ଚ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ନିର୍ବାହୀ ସମରେନ୍ଦ୍ର ପରିଜା ଓ ମିଡ଼ିଆ ସେଲ୍ ଅଧ୍ୟକ୍ଷ ବିଭୂତି ଭୂଷଣ କର କାର୍ଯ୍ୟକମକୁ ପରିଚାଳନା କରିଥିଲେ।




## ବିକାଶ ଠାରୁ ଦୂରରେ ଭାପୁର ସଦର ମହକୁମା

ଭାପୁର,(ସବ୍ୟୁ) :ନୟାଗଡ଼ ଜିଲ୍ଲାର ଶେଷ ସୀମାରେ ଭାପୁର ବ୍ଲକ ଅବସ୍ଥିତ । ସରକାର ଯାଉଛନ୍ତି ଆସୁଛନ୍ତି । କିନ୍ତୁ ଏହି ବ୍ଲକ ଆର୍ଥିକ,ସାମାଜିକ,ଶିକ୍ଷା,ଆଲୋକ,ଯାତାୟାତ ତଥା ସମସ୍ତ କ୍ଷେତ୍ରରେ ଅବହେଳିତ । ଭାପୁର ବ୍ଲକ ୧୯୬୨ ମସିହାରୁ ଗଠିତ ହୋଇଥିଲେ ମଧ୍ୟ ବିକାଶର ରାଜ୍ୟ ମାନଚିତ୍ରରେ ଆଜି ମଧ୍ୟ ଅବହେଳିତ । ଭାପୁର ବ୍ଲକ ସଦର ମହକୁମାକୁ ରାତି ପାହିଲେ ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟ ପାଇଁ ଶହଶହ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଆସିଥାନ୍ତି ।କିନ୍ତୁସେମାନେ ନିହାତି ଅପରିହାର୍ଯ୍ୟ ଓ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥାନ୍ତି । ଏଠାରେ ଥିବା ଆଉଟପୋଷ୍ଟ ରୁ ଥାନାର ମାନ୍ୟତା ଦାବୀ ଭାପୁରବାସୀ ଙ୍କ ପ୍ରମୁଖ ଦାବୀ ମଧ୍ୟରୁ ମୁଖ୍ୟ ଦାବୀ ହେଉଛି ଇଂରେଜ ଅମଳରୁ ଫତେଗଡ଼ ଗ୍ରାମରେ ଥାନା ରହିଅଛି କିନ୍ତୁ,ଭାପୁର ଏକ ବ୍ଲକ ସଦର ମହକୁମା ହୋଇଥିବାରୁ ସବୁବେଳେ ଜନଗହଳିପୂର୍ଣ୍ଣ ରହିଥିବାରୁ ବିଭିନ୍ନ ଅସାମାଜିକ କାର୍ଯ୍ୟ ଓ ବିଭିନ୍ନ ଗଣ୍ଡୋଗଳ ଦୈନନ୍ଦିନ ଦେଖାଯାଇଥାଏ ଫଳରେ,ଆଉଟପୋଷ୍ଟରେ କମ କର୍ମଚାରୀ ରହିଥିବାରୁ ଅପ୍ରିତିକର ପରିସ୍ଥିତି ଦେଖାଯାଇଥାଏ । ସେହିପରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୯୯୨ ମସିହାରେ ପିଏଚସି ରୁ ସିଏଚସି ହୋଇଥିଲା ଯାହାକି ନୟାଗଡ଼ ଜିଲ୍ଲାରେ ପ୍ରଥମ । ଏହା ଉପରେ ବ୍ଲକର ୨୦ ଗୋଟି ପଞ୍ଚାୟତବାସୀ ନିର୍ଭର କରିଥାନ୍ତି ।

### ଦ୍ୱିତୀୟ ଦିନରେ ଡାକ୍ତରଙ୍କ ପ୍ରତିବାଦ

# ବୁଝାଇଲେ ସିଡିଏମ୍‌ଓ, ହଟିଲେନି ଡାକ୍ତର

ଖୋର୍ଦ୍ଧା,(ସବ୍ୟୁ): ଓଡିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମ୍‌ସା) ର ଆହ୍ୱାନ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ଡାକ୍ତରଙ୍କ ଧାରଣା ଆଜି ଦ୍ୱିତୀୟ ଦିନରେ ପହଁଚିଛି। ତେବେ ରୋଗୀ ସେବା ଯେପରି ବାଧା ନହୁଏ ସେଥିପାଇଁ ଧାରଣାସ୍ଥଳ ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଓ ଡିଏମ୍‌ଓ ଡା. ଶ୍ୟାମାପ୍ରସନ୍ନ ମିତ୍ର ପ୍ରମୁଖ ପହଁଚି ଧାରଣାରତ ଡାକ୍ତରଙ୍କୁ ବୁଝାଇଥିଲେ ମଧ୍ୟ ଡାକ୍ତର ମାନେ ତାଙ୍କ ଦାବିରେ ଅଟଳ ରହିଥିଲେ। ଫଳରେ ଦୀର୍ଘ ସମୟ ଆଲୋଚନା ପରେ ମଧ୍ୟ କିଛି ସୁଫଳ ମିଳିନି। ଅନ୍ୟପକ୍ଷରେ ଡାକ୍ତରଙ୍କ ପ୍ରତିବାଦ ଯୋଗୁ ଆଜି ମଧ୍ୟ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିବା ଦେଖାଯାଇଛି।

କେନ୍ଦ୍ରୀୟ ଦରମା ସଂରଚନା ଅନୁଯାୟୀ ଯୋଗ୍ୟତା ତାରିଖ ଠାରୁ ଡିଏସିପି ଲାଗୁ, ସମସ୍ତ ଗ୍ରେଡ୍ ର ଡାକ୍ତରମାନଙ୍କ ପାଇଁ ଅନୁପାତିକ ଭାବେ କ୍ୟାଡର ପୁନର୍ଗଠନ, ସୁପର ସ୍ପେଶାଲିଷ୍ଟ, ସ୍ପେଶାଲିଷ୍ଟ, ଡିପ୍ଲୋମାଧାରୀ ଡାକ୍ତରଙ୍କ ପାଇଁ ଅତିରିକ୍ତ ପ୍ରୋତ୍ସାହନ ଭତା, ଦୁର୍ଗମ ଅଂଚଳରେ କାର୍ଯ୍ୟରତ ଡାକ୍ତରମାନଙ୍କ ପାଇଁ ୩ ବର୍ଷିଆ ଏକ୍ସିଟ୍ ପଲିସି, ଦାନ୍ତ ଡାକ୍ତରଙ୍କୁ ମଧ୍ୟ ଡିଏସିପି, ସ୍ପେଶାଲିଷ୍ଟ ଆଲାଉନ୍ସ ପ୍ରଦାନ କରିବା, ଭୁବନେଶ୍ୱରରେ କେବଳ ଓଏମ୍‌ଏଚସି କ୍ୟାଡର ପାଇଁ ଏକ ସ୍ୱତନ୍ତ୍ର ଦ୍ୱିତୀୟ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ କରିବା, ଓପିଏସସି ମାଧ୍ୟମରେ ପ୍ରତିବର୍ଷ ନିୟମିତ ଡାକ୍ତର ନିଯୁକ୍ତି କରିବା, ଓଡ଼ିଶା ମେଡିକେୟାର ଆକ୍ଟ'ର କଡ଼ାକଡ଼ି ଅନୁପାଳନ ଓ ସଂଶୋଧନ କରାଯାଉ, ଆଡହକ (ଅସ୍ଥାୟୀ) ଡାକ୍ତରମାନଙ୍କ ଚାକିରି ନିୟମିତ କରିବା, ସ୍ୱାସ୍ଥ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଏକ ସାମଗ୍ରିକ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା ପ୍ରମୁଖ ୧୦ଗୋଟି ଦାବି ରେ ଧାରଣା ରେ ବସିଛନ୍ତି ଡାକ୍ତରମାନେ। ଆଜିର ଏହି ପ୍ରତିବାଦରେ ଓମସା ର ଜିଲ୍ଲା କର୍ମକର୍ତା ଡା.ଆଲୋକ ଜ୍ୟୋତି ସାହୁ, ଡା.ସରୋଜ ରଞ୍ଜନ ନାୟକ, ଡା.ବିଶ୍ୱନାଥ ପାଢ଼ୀ, ଡା.ରାଇନ ଚୌଧୁରୀ, ଡା. ହରପ୍ରସନ୍ନ ତ୍ରିପାଠୀ, ଡା.ଜୟରାମ ପାଢ଼ୀ, ଡା.ଶୁଭ୍ରାଂଶୁ କୁମାର ସାହୁ, ଡା.ଅୟସ କାନ୍ତ ଶତପଥୀ, ଡା. ମମତା ନାୟକ, ଡା.ପ୍ରଶାନ୍ତ କୁମାର ଦାସ, ଡା.ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଡା.ସତ୍ୟନାରାୟଣ ପାଇକରାୟ, ଡା.ମିନତୀ ଶତପଥୀ, ଡା. ସାହାରୁଖ ଅହମ୍ମଦ, ଡା. ମୋନାଲିସା ଦାସ, ଡା. ଅଜୟ ବାହିନୀପତି, ଡା. ବାଳକୃଷ୍ଣ ରଥ, ଡା. ପ୍ରିୟରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



## ଏନ୍‌ଏସି କାର୍ଯ୍ୟାଳୟରୁ ଚୋରି,ଥାନାରେ ଏତଲା

ଧାମନଗର ,(ସବ୍ୟୁ): ବୁଧବାର ରାତିରେ ଧାମନଗର ଏନ ଏ ସି କାର୍ଯ୍ୟାଳୟ ପରିସରରୁ ହୋଇଥିବା ଚୋରି ଘଟଣା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ର ବିଷୟ ପାଲଟିଛି । ଧାମନଗର ଏନଏସି କାର୍ଯ୍ୟାଳୟରେ ଲାଗିଥିବା ଏସିର ସାମଗ୍ରୀ,ପାଞ୍ଚଟି ଅଟୋରେ ଲାଗି ବାକୁ ଥିବା ବ୍ୟାଟେରୀ ଏବଂ ବିଏସଏନଏଲ ବ୍ରଡବ୍ୟାଣ୍ଡ ସଂଯୋଗ ତାର ଚୋରମାନେ କାଟି ନେଇଥିବା ଜଣାପଡିଛି । ଏନେଇ ଧାମନଗର ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୂଳେ ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ନରେନ୍ଦ୍ର ରାଉତ ସଙ୍ଗେ ସଙ୍ଗେ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ସିସି କ୍ୟାମେରା ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି । ଭୋର ୪ ଟାରେ ଦୁଇଜଣ ଚୋର ମୁହଁରେ କଳା କପଡା ବାନ୍ଧି ଛାତ ଉପରେ ଚଢି ବେଫିକର ଭାବେ ଚୋରି କରିଥିବା ଜଣାପଡିଛି । ଥାନା କେସ ନଂ ୨୭୮/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଖୁବଶୀଘ୍ର ଚୋରଙ୍କୁ ଧରା ହେବ ବୋଲି ପୋଲିସ ଠାରୁ ସୂଚନା ମିଳିଛି ।

## ଦୁଇ ଟ୍ରକ ଧକ୍କା : ଜଣେ ମୃତ , ଜଣେ ଗୁରୁତର

ସୋର,(ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ସୋର ହୋଟେଲ ସମ୍ମୁଖରେ ଛିଡା ହୋଇଥିବା ଏକ ଟ୍ରକକୁ ଏକ ଆଇଚର ଟ୍ରକ ଧକା ଦେବା ଫଳରେ ଆଇଚର ଟ୍ରକର ଚାଳକ ମୃତ୍ୟୁ ବରଣ କରିଥିବା ବେଳେ ହେଲପର ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଗୁରୁବାର ସକାଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ସୋର ହୋଟେଲ ସମ୍ମୁଖରେ ଏକ ଟ୍ରକ ଛିଡା ହୋଇଥିବା ବେଳେ କଲିକତାରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଆଇଚର ଗାଡିର ଚକା ଫାଟିବାରୁ ଛିଡା ହୋଇଥିବା ଟ୍ରକକୁ ପଛରୁ ଧକା ଦେଇଥିଲା । ଫଳରେ ଗାଡିର ହେଲପର ଓ ଚାଳକ ଟ୍ରକ ମଧ୍ୟରେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ । ଖବର ପାଇ ସୋର ପୁଲିସ ଓ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ଚାଳକ ପଞ୍ଜାବ ଲୁଧିଆନା ଅଞ୍ଚଳର କୁଲଦୀପ ସିଂହଙ୍କୁ ମୃତ ଘୋଷଣା କରିଥିଲେ । ସେହି ଅଞ୍ଚଳର ହେଲପର ଜଗଦିଶ ସିଂଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ । ପୁଲିସ ଘଟଣା ସ୍ଥଳରୁ ଦୁଇଟି ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ତେବେ ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି ।

### ନିର୍ମାଣଧୀନ ଅବସ୍ଥାରେ ଭୁଶୁଡ଼ିଲା ଚହଟା ସଡ଼କ ପ୍ରକଳ୍ପ

# ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ବିଧାୟିକା ସୋଫିଆ

କଟକ, (ସ୍ୱପ୍ର) : କଟକ ସହରର ଚହଟା ଭୁଆସିଣୀ ମୁଖ୍ୟ ରାସ୍ତା ନିର୍ମାଣଧୀନ ଅବସ୍ଥାରେ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି । ଧବଳେଶ୍ୱର ସେତୁକୁ ବିଡାନାସୀ ଛକ ସହିତ ସଂଯୋଗ କରୁଥିବା ନୂତନ ୬ ଲେନ୍ ବିଶିଷ୍ଟ ବିଶାଳ ରାସ୍ତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗାର୍ଡୱାଲ୍ ହଠାତ ଧସିଯାଇଛି । ସାଧାରଣ ଜନତାଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ହେଉଥିବା ଏହି ବୃହତ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏହା ସହିତ ରାସ୍ତା ନିର୍ମାଣର ନିମ୍ନମାନକୁ ନେଇ ସାଧାରଣରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଖବର ପାଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ସେ ସେଠାରେ ଭୁଶୁଡ଼ି ପଡ଼ିଥିବା ଗାର୍ଡୱାଲ୍ ଏବଂ ଧସିଯାଇଥିବା ରାସ୍ତାର କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାର ଚରମ ଅବହେଳାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ସର୍ବସାଧାରଣଙ୍କ ସୁରକ୍ଷା ସହିତ ଜଡ଼ିତ ଏହିଭଳି ଏକ ବୃହତ ପ୍ରକଳ୍ପରେ କିଭଳି ଏବଂ କେଉଁ ପରିସ୍ଥିତିରେ ଏଭଳି ମାରାତ୍ମକ ତ୍ରୁଟି ରହିଲା, ତାହାକୁ ନେଇ ବିଧାୟିକା ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ସମଗ୍ର ଘଟଣା ତଥା ନିର୍ମାଣର ମାନ ଯାଞ୍ଚ କରିବା ଏବଂ ଏଥିପାଇଁ ଦାୟୀ ଥିବା ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ।



# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୨୦ତମ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସଂସ୍କୃତ ଶ୍ଳୋକ "ବିଦ୍ୟା ଦଦାତି ବିନୟମ୍, ବିନୟଦ୍ ଯାତି ପାତ୍ରତାମ' ଉଦ୍ଧୃତ କରି କହିଲେ, ଜ୍ଞାନ ବିନମ୍ରତା ପ୍ରଦାନ କରେ ଓ ବିନମ୍ରତା ଯୋଗ୍ୟତା ଆଡ଼କୁ ନେଇଯାଏ। ଜ୍ଞାନ ଜଣେ ବ୍ୟକ୍ତିଙ୍କୁ ବିନମ୍ର କରିଥାଏ, ବିନମ୍ରତା, ଦକ୍ଷତା ହାସଲ କରିବାରେ ସାହାଯ୍ୟ କରେ; ଏବଂ ଦକ୍ଷତା, ସଫଳତା ଏବଂ ଖୁସି ପାଇବା ପାଇଁ ପଥ ପ୍ରଶସ୍ତ କରିଥାଏ ବୋଲି କହିଥିଲେ। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ ବରଂ ଜୀବନବ୍ୟାପୀ ଶିକ୍ଷାର ଏକ ଭିତ୍ତିଭୂମି। ଏଠାରେ ଶିକ୍ଷା ଆରମ୍ଭ କରୁଥିବା ଅନେକ ଛାତ୍ର କିଟ୍ ପରିବାରର ଅଂଶ ହୋଇ କିଟ୍‌ର ମୂଳ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ବଜାୟ ରଖି ଆଗକୁ ବଢ଼ିଥାନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅସାଧାରଣ ଦୃଷ୍ଟିକୋଣର ଉଦାହରଣ ଦେଇ ପ୍ରଫେସର ସିଂହ କହିଲେ, ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନ ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ। ଶିକ୍ଷାର ପ୍ରକୃତ ତାତ୍ପର୍ଯ୍ୟ ହେଉଛି ଦାୟିତ୍ୱବାନ ନାଗରିକ ଗଢ଼ି ତୋଳିବା, ସମାଜ ପ୍ରତି ଯତ୍ନବାନ ଓ ମାନବ କଲ୍ୟାଣ ପାଇଁ ସକାରାତ୍ମକ ଅବଦାନ ରଖିବା ବୋଲି ସେ କହିଥିଲେ।

କିଟ୍ ଓ କିସ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହା ସହ କେକ୍ କାଟି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ନିଜ ସ୍ୱାଗତ ଭାଷଣରେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଚେୟାରପର୍ସନ ଡ ମୋନାଲିସା ବଳ କହିଲେ, ୨୦୦୭ ମସିହାରେ ମାତ୍ର ୨୫ଜଣ ଛାତ୍ରଛାତ୍ରୀ ଓ୧୪ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଯାତ୍ରା ଆରମ୍ଭ କରିଥିଲା। ଆଜି ଏହା ପୂର୍ବ ଭାରତର ଏକ ପ୍ରମୁଖ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ମଧ୍ୟରୁ ଅନ୍ୟତମ ହୋଇପାରିଛି। ଏହା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଦୃଷ୍ଟିକୋଣ ପାଇଁ ସମ୍ଭବ ହୋଇପାରିଛି। କାରଣ ସେତେବେଳେ ବାସ୍ତବ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ମାନଦଣ୍ଡରେ କୌଣସି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଏଠାରେ ନଥିଲା । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ପିଲାମାନେ ସାହସର ସହ ଚିନ୍ତା କରିବା, ନିର୍ଭିକ ଭାବରେ ପରିବର୍ତ୍ତନକୁ ଗ୍ରହଣ କରିବା, ଉତ୍କର୍ଷତା ହାସଲ କରିବାରେ ସ୍ଥିର ରହିବା ସହ କେବେବି ନିଜର ମାନବିକତାକୁ ପରିତ୍ୟାଗ ନକରିବାକୁ ଆହ୍ୱାନ କରିଥିଲେ। ଇଣ୍ଟରନେଟ୍ ଓ ଏଆଇ ପ୍ରତି ନିର୍ଭର ହୋଇପଡୁଥିବା ପିଲାମାନଙ୍କୁ ପରାମର୍ଶ ଦେଇ ସେ କହିଲେ, କୌଣସି ଇଣ୍ଟରନେଟ୍ ଆଲଗୋରିଦମ ଦୟା କିମ୍ବା ସହାନୁଭୂତି ଶିଖାଇପାରିବ ନାହିଁ, କୌଣସି ସର୍ଚ୍ଚ ଇଞ୍ଜିନ୍ ସଚ୍ଚୋଟତା ପ୍ରଦାନ କରିପାରିବ ନାହିଁ କିମ୍ବା କୌଣସି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚରିତ୍ର ଗଠନ କିମ୍ବା ସାହସ ଶିଖାଇପାରିବ ନାହିଁ।

ସ୍କୁଲର ଅଧ୍ୟକ୍ଷ ଡ ସଞ୍ଜୟ ସୁଆର କହିଲେ, ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସକ୍ଷମ କରିବା ଲକ୍ଷ୍ୟରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିଛି। ପିଲାମାନେ ନିଜର ତ୍ରୁଟିକୁ ସ୍ୱୀକାର କରିବା ଓ ସେଗୁଡ଼ିକୁ ସଂଶୋଧନ କରିବା ପାଇଁ କାମ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରେଣୀରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କର୍ଷ ଶିକ୍ଷକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।



## ଜମି ଦେଲୁ, ଶ୍ରମ ଦେଲୁ ଶେଷରେ ଆମକୁ ଧୋକା ଦେଲା କମ୍ପାନୀ

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଟିଟାନିୟମ ଶ୍ରମିକ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଉପକଣ୍ଠ ସରାଫ ଏଜେନ୍ସି ପ୍ରା. ଲିଃ ଟିଟାନିୟମ କମ୍ପାନୀର କର୍ମଚାରୀ ମାନେ ନିଜ ହକ ନିମନ୍ତେ ଗୁରୁବାର ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଟିଟାନିୟମ କାରଖାନାକୁ ବେଆଇନ ଭାବେ ଲେଅଫ କରିବା ବିରୁଦ୍ଧରେ ସମସ୍ତ ଶ୍ରମିକଙ୍କୁ ଗତ ନଭେମ୍ବର ୨୦୨୪ ଠାରୁ ଆଜି ପର୍ଯ୍ୟନ୍ତ ପୁରା ସମ୍ପୂର୍ଣ୍ଣ ଦରମା ପ୍ରଦାନ କରିବା ଏବଂ କାରଖାନାକୁ ତୁରନ୍ତ ଚାଲୁ କରିବା ସମେତ ବିଭିନ୍ନ ଦାବୀ ନେଇ ଟିଟାନିୟମ ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ସମସ୍ତ ଶ୍ରମିକ ମାନେ ଛତ୍ରପୁର ସ୍ଥିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିଛନ୍ତି । ଏହା ସହିତ ସେମାନେ କମ୍ପାନୀର ବେନିୟମ




କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି । ଜମି ଦେଲୁ, ଶ୍ରମ ଦେଲୁ, ସରାଫ୍ ଟିଟାନିୟମ୍ ନାମକ କମ୍ପାନି ଗିବାରେ ସମ୍ପୂର୍ଣ୍ଣ ସହଯୋଗ କଲୁ । ମାତ୍ର, ଶେଷରେ କମ୍ପାନୀ ଆମକୁ ଧୋକା ଦେବା ସହିତ ଆମ ଅତ୍ୟାଚାର କରୁଛି, ପ୍ରତିଶୃତି ଅନୁଯାୟୀ ଆମର ସମସ୍ତ ଲୋକଙ୍କୁ ଚାକରି ଦେଲା ନାହିଁ, ବିଭିନ୍ନ ବାହାନା କରି ଦରମା ସମେତ ଆବଶ୍ୟକୀୟ ଦାବିଗୁଡିକ ପୂରଣ କଲା ନାହିଁ, ଶେଷରେ ଆମକୁ ବିଭିନ୍ନ ପ୍ରକାର ଧମକ ଦେଉଛି, ଏହାକୁ କେବେ ହେଲେ ବରଦାସ୍ତ କରାଯିବ ନାହିଁ, ଆମ ହକ ନିମନ୍ତେ ଲଢେଇ ଜାରି ଜାରି ରହିବ । ଶ୍ରମିକ ମାନଙ୍କ ସମସ୍ତ ଦାବି ଗୁଡିକ ଯଥା ପୂରଣ କରିବା ନିମନ୍ତେ କମ୍ପାନୀ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ୟୁନିୟନ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ଗତ ୨୦୦୭ ମସିହାରେ ସାରଫ ଟିଟାନିୟମ୍ କମ୍ପାନୀ ଟିଟାନିୟମ୍ ପିଗ୍ମେଣ୍ଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ସେମାନଙ୍କ ପାଖରୁ ଶାଗ ମାଛ ଦର ରେ ୨୫୦ ଏକର ଜମି କିଣି ନେଇଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ କେବଳ ୨୦ ଏକର ମଧ୍ୟରେ ପ୍ଲାଣ୍ଟକୁ ସୀମିତ ରଖି ବଳକା ଜମି ଗୁଡ଼ିକୁ ପଡ଼ିଆ ପକାଇଛନ୍ତି । ଡିସେମ୍ବର ୨୦୧୭ ମସିହାରେ କମ୍ପାନୀରେ ଆରମ୍ଭ ହେଲା ସତ, କିନ୍ତୁ ଜମି ହରାଇଥିବା ସମସ୍ତ ବ୍ୟକ୍ତି ଚାକିରି ପାଇନାହାଁନ୍ତି। ସେମାନଙ୍କ ଜମି ହରାଇଥିବା ମୋଟ ବିସ୍ଥାପିତ ପରିବାର ସଂଖ୍ୟା ୪୮୦ କିନ୍ତୁ ବର୍ତ୍ତମାନ ୨୦୦ ଜଣ ଚାକିରୀ କରୁଛନ୍ତି । ଆଉ ବଳକା ୨୫୦ରୁ ଅଧିକ ଲୋକଙ୍କୁ ଚାକିରୀ ଦିଆଯାଇ ନାହିଁ ସେମାନେ ଜମି ହରାଇବେ ସତ୍ତ୍ୱେ ଚାକିରୀ ନପାଇ ବେରୋଜଗାର ହୋଇ ଦିନ କାଟୁଛନ୍ତି । ଏହି ଆନ୍ଦୋଳନରେ ଟିଟାନିୟମ ଏମ୍ପ୍ଲଇଜ ୟୁନିୟନର ସଭାପତି ଆର. ଦଣ୍ଡପାଣି ରେଡ୍ଡୀ, ସମ୍ପାଦକ ଶଙ୍କର ବେହେରା, ଉପସଭାପତି ଡିଲ୍ଲୀ ପ୍ରଧାନ, କମିଟି ମେମ୍ବର ଏସ କାମରାଜୁ ରେଡ୍ଡୀ, ରବୀନ୍ଦ୍ର ସାହୁ, ଏସ. ବାଲାଜୀ ରେଡ୍ଡୀ, ହରେ କୃଷ୍ଣ ବେହେରା ଏବଂ ଆର ପୋଲେୟା ରେଡ୍ଡୀଙ୍କ ସମେତ ବହୁ ଶ୍ରମିକ ମାନେ ଧାରଣାରେ ସମିଲ ହୋଇଥିଲେ ।

## ଟାଙ୍ଗିଆ ଚୋଟରେ ଭାଉଜ ମୃତ

# ଦିଅର, ଯାଆ ଗିରଫ: ବାଳସୁଧାର ଗୃହକୁ ଗଲା ପୁତୁରା

ଭଞ୍ଜନଗର, (ସବ୍ୟୁ) : ଦିଅରର ଟାଙ୍ଗିଆ ଚୋଟରେ ଭାଉଜ ମୃତ, ପୁତୁରା ଗୁରୁତର ହୋଇଛନ୍ତି । ଏହି ଘଟଣାରେ ଦିଅର ଏବଂ ଯାଆ ଗିରଫ ହୋଇଛନ୍ତି । ସମ୍ପୃକ୍ତ ନାବାଳକ ପୁତୁରାକୁ ବାଳସୁଧାର ଗୃହକୁ ପଠାଇଛି ପୋଲିସ । ଗତକାଲି ପାରିବାରିକ ଅସନ୍ତୋଷକୁ କେନ୍ଦ୍ରକରି ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମ ନିକଟରେ ଘଟିଥିଲା ହତ୍ୟାକାଣ୍ଡ ।

ମୃତ ମହିଳା ଭାସି ପ୍ରଧାନ । ଦିନକ ପୂର୍ବରୁ ଘରୋଇ ସମସ୍ୟାକୁ ନେଇ ସାନ ଦିଅର ମୂରଲୀ ପ୍ରଧାନ ଏବଂ ଭାଉଜ ଭାସି ପ୍ରଧାନଙ୍କ ମଧ୍ୟରେ ବଚସା ହୋଇଥିଲା । ଏହାକୁ କେନ୍ଦ୍ରକରି, ଭାଉଜ ଭାସି ଏବଂ ପୁତୁରା ହୀନ



ପ୍ରଧାନ, ଗାଁ ନିକଟରେ ଛେଳି ଚରାଉଥିବା ବେଳେ, ସାନ ଦିଅର ମୂରଲୀ ପ୍ରଧାନ, ତାଙ୍କ ସ୍ତ୍ରୀ ଏବଂ ପୁଅ, ତିନିଜଣ ମିଶି ସଂଘବଦ୍ଧ ଭାବେ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଏଥିରେ ଭାଉଜ ଭାସି ପ୍ରଧାନଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ, ପୁଅ ହୀନ ପ୍ରଧାନ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଘଟଣା ସ୍ଥଳରୁ ମୃତଦେହକୁ ଜବତ କରି ତଦନ୍ତ କରୁଛି ପୋଲିସ । ଏହି ଘଟଣାରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୋଲିସ ।


## ହତ୍ୟା ଉଦ୍ୟମ ଘଟଣା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ ହତ୍ୟା ଉଦ୍ୟମ ଘଟଣା ଘଟାଇ ଫେରାର ଥିବା ଅଭିଯୁକ୍ତଙ୍କୁ ବଡ଼ାର ଥାନା ପୋଲିସ କାବୁ କରିଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ପାଣ୍ଡବ ନଗରର ବିଜୟ ହାତି ଓରଫ ବିଜୟ ବେହେରା (୩୬) । ମାମଲା ନଂ ୩୧୫/୨୬ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଲକ୍ଷ୍ମୀନୃସିଂହ ସାହି ୮ମ ଲାଇନରେ ରହିଥିବା ଆନନ୍ଦ ରାଓ ଓ ଉକ୍ତ ଅଭିଯୁକ୍ତ ମଧ୍ୟରେ ବନ୍ଧୁତା ରହିଥିଲା । ହେଲେ ଘଟଣାର କିଛି ଦିନ ପୂର୍ବରୁ କୌଣସି କାରଣକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ଶତ୍ରୁତା ହୋଇଥିଲା । ଆନନ୍ଦ ରାଓ ଗତ ମଇ ୧୫ ତାରିଖ ରାତ୍ର ମେଣ୍ଟୁ ଛକ ଦେଇ ଘରକୁ ଫେରୁଥିଲେ । ରାସ୍ତାରେ ବିଜୟ ବେହେରା ତାଙ୍କୁ ଅଟକାଇ ଝଗଡା କରିଥିଲେ । ଆନନ୍ଦ ଏହାର ପ୍ରତିବାଦ କରିଥିଲେ । ପରେ ବିଜୟ ଏକ କାଠ ଫଳିଆରେ ଅନନ୍ଦଙ୍କ ମୁଣ୍ଡ ଉପରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା । ସ୍ଥାନୀୟ ଲୋକ ସେଠାକୁ ଆସିଯିବା ଦେଖି ବିଜୟ ସେଠାରୁ ଚମ୍ପଟ ମାରିଥିଲେ । ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହେଇ ଫେରିବା ପରେ ଆନନ୍ଦ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରିଥିଲା । ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ବୁଧବାର ରାତ୍ର ସେ ତାଙ୍କ ଘରେ ଥିବା ପୋଲିସ ଜାଣିବାକୁ ପାଇ ସେଠାରେ ଚଢଉ କରି ତାଙ୍କୁ ଗିରଫ କରିଥିଲା ।

## ଜିଲ୍ଲାସ୍ତରୀୟ ଜନ ସମ୍ମିଳନୀ ଓ ଭିବିଜୀ-ରାମଜୀ ଯୋଜନାର ଶୁଭାରମ୍ଭ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସ୍ତରୀୟ ଜନ ସମ୍ମିଳନୀ ଓ ଭିବିଜି-ରାମଜି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଙ୍କ ଅଧ୍ୟକ୍ଷତା କରି ଆଜି ଏକ ଖୁସି ର ଦିନ ଗ୍ରାମାଞ୍ଚଳର ଭିତ୍ତି ଭୂମିର ବିକାଶ ନିମନ୍ତେ ଭିବିଜୀ-ରାମଜୀ ଶୁଭଆରମ୍ଭ ହୋଇଯାଇଛି । ଗ୍ରାମୀଣ ରୋଜଗାର ନୂଆ ଗ୍ୟାରେଣ୍ଟି ।

ଏହାଦ୍ୱାରା ପ୍ରତ୍ୟେକ ଗ୍ରାମୀଣ ପରିବାର ପ୍ରତିବର୍ଷ ଅତି କମରେ ୧୨୫ ଦିନ ପାଇଁ ନିଶ୍ଚିତ କର୍ମ ନିଯୁକ୍ତି ପାଇପାରିବେ ବୋଲି ସେ କହିଥିଲେ । ସେହିପରି




ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ସମୀର କୁମାର ଜେନା କାର୍ଯ୍ୟକ୍ରମ କୁ ସଂଯୋଜନା କରିବା ସହିତ ସ୍ୱାଗତ ଜଣାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ରୋଜଗାର ସୁଯୋଗ ସୃଷ୍ଟି, ଗ୍ରାମ୍ୟ ଅର୍ଥନୀତି ଓ ଜୀବନଶୈଳୀରେ ଉନ୍ନତି ସହ ମୌଳିକ ଭିତ୍ତିଭୂମିର ବିକାଶକୁ ଆହୁରି ଗତିଶୀଳ କରିବାରେ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ "ବିକଶିତ ଭାରତ' ସଂକଳ୍ପ ସାକାର କରିବା ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ, ସଶକ୍ତ ଓ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଏହା ସହିତ ଗାଁ ର ବିକାଶ ହେଲେ ସହର ଏବଂ ଦେଶର ବିକାଶ ହେବ ବୋଲି ସେମାନେ କହିଥିଲେ । ଏହି ଯୋଜନା ଅଧୀନରେ ଗଞ୍ଜାମ ଜିଲ୍ଲାର ୮୧ ଟି ପ୍ରକଳ୍ପ ରଖାଯାଇଛି । ଏହି ଅବସରରେ ସଫଳ ହିତାଧିକାରୀଙ୍କୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ପ୍ରଦାନ କରାଯାଇଥିଲା ।

## ମୋବାଇଲ ଛଡ଼ାଇ ନେବାରୁ ବିଷ ପିଇଦେଲେ ନାବାଳିକା

ବାରିପଦା, (ସବ୍ୟୁ) : ମୋବାଇଲ ଛଡ଼ାଇ ନେଇ ଭାଙ୍ଗି ଦେଲେ ବୋଲି ବିଷ ପିଇଦେଲେ ନାବାଳିକା । ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ରାଜ ବରହମପୁର ଅଞ୍ଚଳର ଗଗପାଳ ଗ୍ରାମରେ । ଏହି ଗ୍ରାମର ଦୁର୍ଗା ନାଏକଙ୍କ ୧୫ବର୍ଷ ଝିଅ ରୁନୁ ଗୁରୁବାର ସକାଳେ ଘରେ ବସି ମୋବାଇଲ ଦେଖୁଥିଲେ । ଏହି ସମୟରେ ତାଙ୍କ ମା ଏବଂ ମାମୁ ଆସି ମୋବାଇଲ ଛଡାଇ ନେଇଥିଲେ । ଏପରିକି ରୁନୁ ବାରମ୍ବାର ମୋବାଇଲ ଦେଖୁଥିବା ତାଙ୍କ ବାପା କହିଥିବା ବେଳେ ତାଙ୍କ ମାମୁଙ୍କୁ ମୋବାଇଲ ନେଇ ଯିବାକୁ କହିଥିଲେ, ହେଲେ ରୁନୁ ମୋବାଇଲ ଦେଇ ନଥିଲେ । ମୋବାଇଲ ଛଡ଼ାଇ ନେଇ ପରିବାର ଲୋକେ ଭାଙ୍ଗି ଦେଇଥିବାବେଳେ ଏଥିରେ ରାଗି ବିଷ ପିଇ ଦେବେ ବୋଲି କହିଥିଲେ ରୁନୁ । ଘର ଭିତରେ ପଶି କୀଟନାଶକ ପିଇ ଦେଇଥିଲେ । ପରେ ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବା ବେଳେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଛି । ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

## ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ସବ୍ୟୁ) : ୨୦୨୭ ଜନଗଣନା ଉପଲକ୍ଷେ ଜିଲ୍ଲା ଜନଗଣନା ପୁସ୍ତିକା ପାଇଁ ଜିଲ୍ଲାପାଳ ତଥା ମୁଖ୍ୟ ଜନଗଣନା ଅଧିକାରୀ, ଗଞ୍ଜାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରହ୍ମପୁର ମହାନଗର ନିଗମର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଏହି କାର୍ଯ୍ୟକ୍ରମରେ ମହାନଗର ନିଗମର କମିଶନର ଶସ୍ୟା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏ.ଡି.ଏମ୍ ସୁନୀଲ୍ କୁମାର କେର୍କେଟା, ଉପ ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଉପ ଜିଲ୍ଲାପାଳ ରୀନା କୁମାରୀ ନାଏକ, ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ା, ଡେପୁଟି କଲେକ୍ଟର (ସେନ୍ସସ୍) ସିକିତା ଗୌଡ଼, କନ୍ସଲଟାଣ୍ଟ ଏମ୍. ଶ୍ରୀନିବାସ, ଡି.ସି.ଓ, ଓଡିଶା ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ । ଜିଲ୍ଲାସ୍ତରୀୟ ଜନଗଣନା ପୁସ୍ତିକା ପ୍ରଣୟନରେ ଜିଲ୍ଲାର ତହସିଲଦାର, ଆର୍. ଆଇ., ଏ.ଆର୍.ଆଇ., ରେଭେନ୍ୟୁ ସୁପରଭାଇଜର ଏବଂ ଅମୀନଙ୍କ ସମେତ ସଂପୃକ୍ତ ସମସ୍ତ ଅଧିକାରୀଙ୍କ କାର୍ଯ୍ୟ ଖସଡ଼ା ଏବଂ ପରବର୍ତ୍ତୀ କ୍ଷେତ୍ରସ୍ତରୀୟ ଅନୁସନ୍ଧାନରେ ଅଧିକାରୀଙ୍କ ଭୂମିକା ସଂପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ପୁସ୍ତିକାର ଡିଜିଟାଲ ପ୍ରକରଣ ନିମନ୍ତେ ମୋବାଇଲ୍ ଆପ୍ ଇନ୍‌ଷ୍ଟଲ୍ ଏବଂ ଏହାର ପରିଚାଳନାର ଗୁରୁତ୍ୱ ସଂପର୍କରେ ପଦାଧିକାରୀ ତାଲିମ୍ ପ୍ରଦାନ କରିଥିଲେ । ଜିଲ୍ଲାର ଆର୍.ଆଇ. ଏବଂ ସଂପୃକ୍ତ ଅଧିକାରୀମାନଙ୍କ ସୁବିଧା ପାଇଁ ଜିଲ୍ଲାସ୍ତରୀୟ ହେଲ୍ପ ଡେସ୍କର ଶୁଭାରମ୍ଭ ସଂପର୍କରେ ମଧ୍ୟ ସୂଚନା ଦେଇଥିଲେ । ଗ୍ରାମ୍ୟ ଓ ସହରୀ ଜନଗଣନା ବେଳେ ଏହାର ଭୌଗଳିକ ସୀମା, ଅବସ୍ଥିତି ସହିତ ସାମାଜିକ ଓ ଅର୍ଥନୈତିକ ବିଷୟବସ୍ତୁ ସମ୍ବନ୍ଧିତ ସୂଚନା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଭିତ୍ତିଭୂମି ପରି ଉପଲବ୍ଧ ସୁବିଧା ସୁଯୋଗ ଗୁଡ଼ିକ ସଂପର୍କରେ ସୂଚନା ସଂଗ୍ରହରେ ସଠିକତା ବଜାୟ ରଖିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ନିର୍ଦ୍ଦିଷ୍ଟ କାର୍ଯ୍ୟ ସଂପାଦନରେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହାୟତା ନେବାକୁ ଆର୍.ଆଇ.ମାନଙ୍କୁ ପରାମର୍ଶ ଦିଆଯାଇଥିଲା । କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତାରେ ମଧ୍ୟ ସହାୟକ ହେଉଥିବା ଜିଲ୍ଲାର ଏହି ଜନଗଣନା, ଗୃହ ଗଣନା, ଗ୍ରାମ ଓ ସହରର ତଥ୍ୟଗତ ବିବରଣୀ ସଂଗ୍ରହ, ଏହାର ସଠିକ୍ ମେଳ ଏବଂ ଉପସ୍ଥାପନା ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନକୁ ଆହୁରି ବ୍ୟାପକ କରିବା ନିମନ୍ତେ ଏକ ସେନ୍ସସ୍ ଗ୍ରୁପ୍ ଗଠନ କରାଯାଇଥିବାର ସୂଚନା ପ୍ରଦାନ କରାଯାଇଥିଲା । ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର୍ସଙ୍କ ମାଧ୍ୟମରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସରଳୀକରଣ କରାଯାଇପାରିବ ଏବଂ କାର୍ଯ୍ୟ କ୍ଷେତ୍ରରେ ସଂପୃକ୍ତ ଅଧିକାରୀଙ୍କ ପାଇଁ ଏହା ସହାୟ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା ।

## ଆସିକାରେ ହାପିନେସ୍ ହାଏ.. ଟେନସନ ବାଏ ବାଏ ସମାବେଶ

# ନକାରାତ୍ମକ ଚିନ୍ତା, ଅନାବଶ୍ୟକ ଆଶା ଟେନସନ୍ ମୂଳ କାରଣ : ରାଜଯୋଗୀ ଡାଃ ଶକ୍ତିରାଜ



ଆସିକା, (ସବ୍ୟୁ) : ମନୁଷ୍ୟ ଜୀବନରେ ଟେନସନର ମୂଳ କାରଣ ନକାରାତ୍ମକ ଚିନ୍ତା, ଅନାବଶ୍ୟକ ଆଶା, ଭୟ ଏବଂ ନିଜର ପ୍ରକୃତ ସ୍ୱରୂପକୁ ଭୁଲିଯିବା ବୋଲି ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତୀୟ ମୁଖ୍ୟାଳୟ ମାଉଣ୍ଟ ଆବୁ, ରାଜସ୍ଥାନର ପ୍ରେରଣାଦାୟୀ ବକ୍ତା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମେମୋରୀ ଟ୍ରେନର ରାଜଯୋଗି ଡାଃ ଶକ୍ତିରାଜ ମତବ୍ୟକ୍ତ କରିଛନ୍ତି । ଆଜିର ମଣିଷ ଧନ, ପଦ ଓ ସୁବିଧା ପଛରେ ଦୌଡୁଛି, କିନ୍ତୁ ପ୍ରକୃତ ସୁଖ ତା'ର ଅନ୍ତର ମନରେ ହିଁ ରହିଥିବା କହି ସୁଖ କୌଣସି ବାହ୍ୟ ବସ୍ତୁରୁ ମିଳେ ନାହିଁ । ଏହା ମନର ଏକ ସ୍ଥିତି ବୋଲି ଡାଃ ଶକ୍ତିରାଜ କହିଛନ୍ତି । ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଦ୍ୱାରା ହରିହର ଉଚ୍ଚ ବିଦ୍ୟାଳୟ ଷ୍ଟାଡିୟମ ପଡିଆରେ ଆୟୋଜିତ ଏକ ଆଧ୍ୟାତ୍ମିକ ସତସଙ୍ଗ ସଭା ଡାଃ ଶକ୍ତିରାଜ ଯୋଗ ଦେଇ ହାପିନେସ୍ ହାଏ.. ଟେନସନ ବାଏ ବାଏ ଶୀର୍ଷକ ଅଧିବେଶନ ଉପରେ ଆଲୋଚନା କରିବା ଅବସରରେ ଏହା ମତବ୍ୟକ୍ତ କରିଥିଲେ । ଆମେ ନିଜକୁ ଏକ ଶାନ୍ତ, ପବିତ୍ର ଓ ଶକ୍ତିଶାଳୀ ଆତ୍ମା ବୋଲି ଅନୁଭବ କରି ପରମାତ୍ମା ଶିବଙ୍କ ସହ ରାଜଯୋଗ ମାଧ୍ୟମରେ ଯୋଗ ସ୍ଥାପନ କରୁ । ସେତେବେଳେ ମନରେ ଶାନ୍ତି, ଖୁସି ଓ ଆତ୍ମବିଶ୍ୱାସ ସ୍ୱତଃ ଭରି ଯାଇ ହାପିନେସ୍‌କୁ ହାଏ କରି ବଜାୟ ରଖିବା ବୋଲି ପ୍ରକାଶ କରିଥିଲେ ।

ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ସବଜୋନ୍ ପ୍ରଭାରୀ ରାଜ ଯୋଗିନୀ ବ୍ରହ୍ମାକୁମାରୀ ମାଳା ଦିଦିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସେବା କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ଆସିକା ପୌରପାଳିକା ଅଧକ୍ଷା ବିନୀତା ସ୍ୱାଇଁ, ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଂଜଳି ସ୍ୱାଇଁ, ଆସିକା ଡାକମଣ୍ଡଳର ସୁପରିଣ୍ଟେଣ୍ଡେଣ୍ଟ କର୍ନେଲ ଦିଲ୍ଲୀପ ବେହେରା, ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, ମାନବ ସେବା ସମିତି ଆବାହକ ଗଣେଶ ରଥ, ଆସିକା ବାର୍ ଆସୋସିଏସନର ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶ୍ରୀ ଭୂମିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିବାବେଳେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଭଉଣୀ ସୁଜ୍ଞାନୀ ସେଠୀ । ଏଥିରେ ଆସିକା ସହରର ବରିଷ୍ଠ ନାଗରିକ, ବୁଦ୍ଧିଜିବୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସହସ୍ରାଧିକ ଆଧ୍ୟାତ୍ମପ୍ରେମୀ ଭଉଣୀ ଭାଇଙ୍କ ସମାଗମ ହୋଇଥିଲା ।

## ଅବସରପ୍ରାପ୍ତ ସୈନିକ ଓ ବୀର ନାରୀଙ୍କ ପେନସନ ସମସ୍ୟା

# ଶିବିରରେ ୧୦୫ ଜଣଙ୍କ ହେଲା ସମାଧାନ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଏସପି କାର୍ଯ୍ୟାଳୟ ସମ୍ମୁଖ ଗଳି ସ୍ଥିତ ଜିଲ୍ଲା ସୈନିକ ବୋର୍ଡ କାର୍ଯ୍ୟାଳୟ ପରିସରରେ ପୂର୍ବତନ ସୈନିକ ଓ ବୀର ନାରୀଙ୍କ ପେନସନ ସମସ୍ୟାର ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିର ବ୍ରହ୍ମପୁରରେ ପ୍ରଥମ ଥର ଆୟୋଜିତ ହୋଇଥିବା ବେଳେ ମହାରାଷ୍ଟ୍ର



ଅହଲ୍ୟାନଗର ସ୍ଥିତ ମେକାନାଇଜର ଇନଫାଣ୍ଟ୍ରି ରେଜିମେଣ୍ଟ କେନ୍ଦ୍ରର ବ୍ରିଗେଡିୟର ପି. ସୁନୀଲ କୁମାର , ସେନା ମେଡାଲ, ଅଫିସର- ଇନ୍-ଚାର୍ଜ, ରେକର୍ଡସ୍, ତ%ାବଧାନରେ ଲେଫଟନାଣ୍ଟ କର୍ଣ୍ଣେଲ୍ ଅଶୋକ କୁମାର, ଚିଫ୍ ରେକର୍ଡ ଅଫିସର ଯୋଗ ଦେଇଥିଲେ ।

ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପେନସନ ଜନିତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଶିବିରରେ ୧୦୫ ଜଣ ଅବସରପ୍ରାପ୍ତ ସେନା ଓ ବୀର ନାରୀଙ୍କ ପେନସନ ଜନିତ ସମସ୍ୟାର ସମାଧାନ ହୋଇଥିଲା । ଉକ୍ତ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଗୌରବ କୁମାର୍ ସାହୁ, ସନ୍ତୋଷ କୁମାର ଦାସ, ଏସ.କାମରାଜ, ପାଣ୍ଡବ ସାହୁଙ୍କ ସମେତ ଭେଟେରାନ ଆସୋସିଏସନ୍ ଓଡ଼ିଶାର ସଭାପତି କାଳୁ ଚରଣ ପ୍ରଧାନ, ସାଧାରଣ ସମ୍ପାଦକ ଅଭୟ ଚରଣ ପାତ୍ର, ଶିବ ଶଙ୍କର ମାଝୀ, ଭଗବାନ ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ରାଜେନ୍ଦ୍ର ସୁବୁଦ୍ଧି ଏବଂ ଅଭୟ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

## ବଦଳିଲା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୱେବ୍ ସାଇଟ ଠିକଣା

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୱେବ୍ ସାଇଟର ଠିକଣା ବଦଳିଛି । ବର୍ତ୍ତମାନ ଏହା ପୁରୁଣା ୱେବ୍ ଠିକଣା https://mscbu.ac.in ରେ ଉପଲବ୍ଧ ହେବ । ଏଥିନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଅଛି ।

ବିଶ୍ୱବିଦ୍ୟାଳୟର ସମସ୍ତ ସୂଚନା ଓ ନୋଟିସ ପୁରୁଣା ୱେବ୍ ସାଇଟ୍ ପରିବର୍ତ୍ତେ ନୂତନ ୱେବ୍ ସାଇଟ୍ nou.nic.in mscbu.ac.inରେ ଜନସାଧାରଣ ପାଇପାରିବେ । ନୂତନ ୱେବ୍ ସାଇଟକୁ ପୂର୍ଣ୍ଣରୂପ ଦେବାର ପ୍ରଚେଷ୍ଟା ଆଗେଇ ଚାଲିଛି । ଆସନ୍ତା ଜୁଲାଇ ୧୩ ତାରିଖ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଏହାର ଆନୁଷ୍ଠାନିକ ଲୋକାର୍ପଣ ହେବାର କାର୍ଯ୍ୟକ୍ରମ ରହିଛି ।

## ବୁଗୁଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ଆର୍ଥିକ କ୍ଷମତା ସ୍ଥାନାନ୍ତରିତ

# ଜିଲ୍ଲାପାଳଙ୍କ ନୋଟିସର ଉତ୍ତର ରଖିଲେ ଅଧ୍ୟକ୍ଷା

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା କେ.ପ୍ରିୟଦର୍ଶନୀ ଆଚାରୀ ସମିତି ବୈଠକ ଡାକୁନାହାନ୍ତି କି ଉନ୍ନୟନ କାର୍ଯ୍ୟର ବିଲର କାଉଣ୍ଟର ଦସ୍ତଖତ କରୁନାହାନ୍ତି । ଏହା ଦର୍ଶାଇ ପଞ୍ଚାୟତ ସମିତି ଆଇନ ଉଲଂଘନ କରୁଥିବା ଅଭିଯୋଗ ବାବଦରେ ଅଧ୍ୟକ୍ଷାଙ୍କୁ ପତ୍ରାଙ୍କ ୧୨୬୨ କ୍ରମେ ଗତ ତା୨୯-୦୬-୨୦୨୬ରିଖରେ ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତ୍ତୀ ଭାସନ ନୋଟିସ ଜାରି କରିବା ସହ ୭ ଦିନ ମଧ୍ୟରେ ଏହାର ଉତ୍ତର ରଖିବା ନେଇ ଅବଗତ କରିଥିଲେ । ଅନ୍ୟପକ୍ଷରେ ଜିଲ୍ଲାପାଳ ପତ୍ରସଂଖ୍ୟା ୧୨୬୦ କ୍ରମେ ତା୨୯-୦୬-୨୦୨୬ରିଖ ଦିନ କାର୍ଯ୍ୟବିଲର ପ୍ରତିସ୍ୱାକ୍ଷର କ୍ଷମତା ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଫଳରେ ଅଧ୍ୟକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏକପ୍ରକାର ଆରମ୍ଭ ହୋଇଯାଇଥିବା କୁହାଯାଉଛି । ତେବେ ଅଧ୍ୟକ୍ଷା କେ. ପ୍ରିୟଦର୍ଶନୀ ଗତ ତା୦୧-୦୭-୨୦୨୬ରିଖ ବୁଧବାର ଦିନ ଛତ୍ରପୁରରେ ଜିଲ୍ଲାପାଳଙ୍କୁ ଭେଟି ନୋଟିସର୍ର ଉତ୍ତର ରଖିଥିବା ଜଣାଯାଇଛି । ବିଲ୍ ଦସ୍ତଖତ ବିଳମ୍ବ ନେଇ ଜିଲ୍ଲାପାଳଙ୍କ ପକ୍ଷରୁ କରାଯାଇଥିବା ନୋଟିସ ପ୍ରସଙ୍ଗରେ ବ୍ଲକ ଅଧ୍ୟକ୍ଷା ନିଜର ପକ୍ଷ ସ୍ପଷ୍ଟ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ, ନିୟମ ଅନୁସାରେ ପଞ୍ଜି ବିନା କୌଣସି ବିଲରେ ଦସ୍ତଖତ କରାଯାଇପାରିବନାହିଁ । ଆର୍ଥିକ ପାରଦର୍ଶିତା ରକ୍ଷା କରିବା ତାଙ୍କ ଦାୟିତ୍ୱ । ଅନ୍ୟପଟରେ ଜିଲ୍ଲାପାଳ ଏହି ମାମଲାରେ ସମସ୍ତ ଦିଗରୁ ଅନୁସନ୍ଧାନ କରାଯିବ ବୋଲି କହିବା ସହ ତଦନ୍ତ ରିପୋର୍ଟ ଆଧାରରେ ଉପଯୁକ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ମିଥ୍ୟା ବିଲ୍ ପାଇଁ ବିଡିଓ କହୁଥିବା, ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଚାପରେ ବିଡିଓ ପଞ୍ଚାୟତ ସମିତି ଆଇନ ଉଲଂଘନ କରୁଥିବା, ପଞ୍ଚାୟତ ସମିତି ବୈଠକ ଲୋକସଭା ଏବଂ ବିଧାନସଭା ଅଧିବେଶନ ବେଳେ ଡାକିବା ପାଇଁ ବିଡିଓ କହୁଥିବା ସହ ଅନ୍ୟାନ୍ୟ ଅଭିଯୋଗ ଉପରେ ଅଧ୍ୟକ୍ଷା ଉତ୍ତର ରଖିଛନ୍ତି । ଏପରିକି ତାଙ୍କ କାର୍ଯ୍ୟାଳୟ ନିକଟରେ ଆବର୍ଜନା ରଖାଯିବା, ସେ କାର୍ଯ୍ୟାଳୟରେ ପହଞ୍ଚିଲେ ଅଫିସ ବିଦ୍ୟୁତ୍ ଏବଂ ପାଣି ସଂଯୋଗ ବିଚ୍ଛିନ୍ନ କରି ଦିଆଯାଉଥିବା ଅଭିଯୋଗ କରିଛନ୍ତି । ବିଡିଓଙ୍କ ଅଭିଯୋଗ ଉପରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ବିଲରେ କାଉଣ୍ଟର୍ ଦସ୍ତଖତ ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ଚିଠି ପାଇନଥିବା ବାବଦରେ ମଧ୍ୟ ସେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଦୁଇ ବର୍ଷ ତଳେ ଗତ ତା୨୬-୧୨-୨୦୨୪ରିଖ ଦିନ ବ୍ଲକ ଅଧ୍ୟକ୍ଷା ବହୁ ସମର୍ଥକଙ୍କ ବିଜେଡି ଛାଡି ବିଜେପିରେ ମିଶିଥିଲେ ଏବଂ ଗତ ମାସ ତା୧୯-୦୬-୨୦୨୬ରିଖ ଦିନ ପୁଣି ବିଜେପି ଛାଡି ବିଜେଡିକୁ ଫେରିବା ପରଠୁ ଏପରି ବିବାଦ ଆରମ୍ଭ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି ।

## ପୋଖରୀରୁ ମୃତଦେହ ଉଦ୍ଧାର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ସହର ବାଲିପିଣ୍ଡି ସାହିରେ ଥିବା ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ଜଣାପଡିଛି । ମୃତକ ଜଣକ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବଳରାମପଲ୍ଲୀ ଗ୍ରାମର ରବିନ୍ଦ୍ର ନାଇକ (୨୮) । ଏନେଇ ଥାନାରେ କେସ୍ ନଂ ୨୩/୨୬ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବିଷୟ ଘଟଣାର ତଦନ୍ତକାରୀ ଅଧିକାରୀ ଏସଆଇ ଅଜୟ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗୁରୁବାର ସକାଳେ ଲୋକେ ପୋଖରୀରେ ଗାଧୋଉଥିବା ବେଳେ ଶବଟି କିଛି ଦୂରରେ ପାଣିରେ ଭାସମାନ ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ପାଣିରୁ ଉଦ୍ଧାର କରିଥିଲେ । ସେ ବୁଗୁଡ଼ା ଅଞ୍ଚଳରେ ଏକ ଭଡାଘରେ ରହୁଥିଲେ । ଗତ ତିନି ଦିନ ହେଲା ତାଙ୍କର କୌଣସି ଖୋଜଖବର ନଥିଲା ।

## ପଦ୍ମିନୀ କେୟାର ଓ ଡ୍ରିମ୍ସ ମେଡିକାଲ କଲେଜରେ ଜାତୀୟ ଡାକ୍ତର ଦିବସ

କଟକ, (ସ୍ୱପ୍ର) : ଡ୍ରିମ୍ସ ମେଡିକାଲ କଲେଜ ଓ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଜାତୀୟ ଚିକିସିକ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ଦେଇ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ କହିଥିଲେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କର୍ଷ ଓ ରୋଗୀକୁ ନୂତନ ଜୀବନ ଦେବାରେ ଡାକ୍ତରମାନଙ୍କ ଭୂମିକା ଅତୁଳନୀୟ । ସେଥିପାଇଁ ସମାଜରେ ସେମାନେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ପଦ୍ମିନୀ କେୟାର ଓ ଡ୍ରିମ୍ସ ମେଡିକାଲ କଲେଜ ସ୍ୱଳ୍ପ ସମୟ ଭିତରେ ଆଜି ଯେଉଁ ସଫଳତା ପାଇଛି, ତାହା ପଛରେ ସମସ୍ତ ଦକ୍ଷ ଓ ଅଭିଜ୍ଞ ଡାକ୍ତର ଓ ବିଭାଗୀୟ କର୍ମଚାରୀଙ୍କ ନିଷ୍ଠା ଏବଂ ନିରନ୍ତର ପ୍ରୟାସ ସର୍ବଦା ପ୍ରଶଂସନୀୟ। ମେଡିକାଲ କଲେଜ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ



ସମସ୍ତ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଡିନ୍ ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ କେକ୍ କାଟିବା ସହିତ ପ୍ରତ୍ୟେକ ନିଜର ବୃତ୍ତିଗତ ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଜୟ ପ୍ରକାଶ ରୁସେଲ, ପ୍ରଫେସର ଡା. ଚିତ୍ତ ପ୍ରସାଦ ଦାସ, ପ୍ରଫେସର ଡା. ରଂଜନ କୁମାର ଦାସ, ପ୍ରଫେସର ଡା. ସଂଧାରାଣୀ ମହାରଣା, ସହଯୋଗୀ ପ୍ରଫେସର ଡା. ପ୍ରଜ୍ଞଦା ରୀଚା ଯୋଶୀ, ପ୍ରଫେସର ଡା. ଅରବିନ୍ଦ ସାମନ୍ତରାୟ, ପ୍ରଫେସର ଡା. ନିରୂପମା ଚୟନୀ, ପ୍ରଫେସର ଡା. ଚନ୍ଦ୍ର ଶେଖର ମହାପାତ୍ର ପ୍ରମୁଖ ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମେତ ଡା. ଦୀପକ କୁମାର ସ୍ୱାଇଁ, ଡା. ସନ୍ତୋଷ କୁମାର ମହାନ୍ତି, ଡା. ଆଶାରାମ ପଣ୍ଡା, ଡା. ହେମନ୍ତ ମିଶ୍ର, ଡା. ବୁଲୁ ମହାନ୍ତି, ଡା. ବିପ୍ଳବୀ ସାରଙ୍ଗଧର ଦାସ, ଡା. ଅର୍ପିତା ପ୍ରିୟଦର୍ଶନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ମୁଖାର୍ଜୀ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ଶାରଦା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପଞ୍ଚମପୁର ମଣ୍ଡିରେ ବର୍ଷା ପାଣିରେ ଭିଜୁଛି ଧାନ ବସ୍ତା!



ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲାର ପଞ୍ଚମପୁର ଧାନ ମଣ୍ଡିରେ ବର୍ଷା ସମୟରେ ଧାନ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ପୁଣି ଥରେ ଉଠିଛି ପ୍ରଶ୍ନ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲ୍ଲା ଗସ୍ତରେ ଆସିଥିବା ବିଜେଡି ପ୍ରତିନିଧି ଦଳ ପକ୍ଷରୁ ପୂର୍ବତନ ଯୋଗାଣ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଥିଲେ। ସେହି ଅବସରରେ ସଦର ବ୍ଲକ୍ ପଞ୍ଚମପୁର ମଣ୍ଡିରେ ପହଞ୍ଚି ଧାନ ସଂରକ୍ଷଣର ସ୍ଥିତି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ମଣ୍ଡି ପରିସରରେ ଧାନ ବସ୍ତା ଗୁଡ଼ିକ ତ୍ରିପାଲରେ ଘୋଡ଼ାଯାଇଥିଲେ ମଧ୍ୟ ତଳେ ବର୍ଷା ପାଣି ପଶିଯାଇଥିବାରୁ ଧାନ ଭିଜୁଥିବା ନେଇ ଚାଷୀମାନେ ଅଭିଯୋଗ କରିଥିବା କଥା ବିଜେଡି ପକ୍ଷରୁ କୁହାଯାଇଛି। ଚାଷୀଙ୍କ ଦାବି ଅନୁଯାୟୀ, ମଣ୍ଡିରେ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥାର ଅଭାବ ଯୋଗୁଁ ବର୍ଷା ପାଣି ଜମି ଧାନ ବସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ମଣ୍ଡିର ସ୍ଥିତି ଦେଖି ଚାଷୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିବା ବିଜେଡି ପକ୍ଷରୁ କୁହାଯାଇଛି।ଏହି ପରିଦର୍ଶନ ସମୟରେ ବିଜେଡିର ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଧାରଣାରେ ବସିଲେ ଡାକ୍ତର : ଜରୁରୀ ସେବା ସ୍ୱାଭାବିକ



ରାୟଗଡା,(ସବ୍ୟୁ): ସେବାଗତ ଓ ପଦୋନ୍ନତି ସମ୍ବନ୍ଧୀୟ ଦୀର୍ଘଦିନର ବିଭିନ୍ନ ଦାବି ପୂରଣ ନ ହେବାର ପ୍ରତିବାଦରେ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମସା) ପକ୍ଷରୁ ବୁଧବାର ଠାରୁ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆରମ୍ଭ ହୋଇଛି। ଏହାର ପ୍ରଭାବ ରାୟଗଡା ଜିଲ୍ଲାରେ ମଧ୍ୟ ପଡ଼ିଥିବା ବେଳେ ଜିଲ୍ଲାର ଡାକ୍ତରମାନେ ସିଡିଏମ୍ ଓ ପିଏଚ୍ଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲା ସଂଘର ସମ୍ପାଦକ ଡାକ୍ତର ହରିହର ବଳଦେବ ଟୁଡୁ କହିଛନ୍ତି ୨୦୨୫ ନଭେମ୍ବର ୨୦ରୁ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ, ଡିସେମ୍ବର ୨୬ରୁ ଜାତୀୟ କାର୍ଯ୍ୟକ୍ରମ ବର୍ଜନ ଏବଂ ଜାନୁଆରୀ ୨ରୁ ୯ ପର୍ଯ୍ୟନ୍ତ ପ୍ରତିଦିନ ଦୁଇ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ରଖାଯାଇଥିଲା। ପରେ ସରକାରଙ୍କ ଆଶ୍ୱାସନକୁ ସମ୍ମାନ ଜଣାଇ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲେ ମଧ୍ୟ ଗତ ୬ ମାସ ମଧ୍ୟରେ କୌଣସି ଲିଖିତ ପ୍ରତିଶ୍ରୁତି କିମ୍ବା ଦୃଶ୍ୟମାନ ଅଗ୍ରଗତି ହୋଇନାହିଁ। ଏପ୍ରିଲ ୨୬ରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ଜୁଲାଇ ୧ରୁ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆରମ୍ଭ କରାଯାଇଥିବା ସେ କହିଛନ୍ତି। ଓମସାର ପ୍ରମୁଖ ଦାବି ମଧ୍ୟରେ ଯୋଗ୍ୟତା ତାରିଖରୁ ଡିଏସିପି ଲାଗୁ କରିବା, ଓଏମଏଚଏସ୍ କ୍ୟାଡରର ଦରମା ସଂଶୋଧନ, ସମସ୍ତ କ୍ୟାଡରର ପୁନର୍ଗଠନ, ଡେଣ୍ଟାଲ୍ କ୍ୟାଡରକୁ ସମାନ ସୁବିଧା, ସୁପର ସ୍ପେସାଲିଷ୍ଟ ଓ ବିଶେଷଜ୍ଞ ଡାକ୍ତରଙ୍କ ପାଇଁ ପ୍ରୋତ୍ସାହନ ଭତ୍ତା, କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ନୀତି, ନିୟମିତ ଓପିଏସସି ନିଯୁକ୍ତି, ଆଡହକ୍ ଓ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନିୟମିତ କରିବା, ହସ୍ପିଟାଲରେ ଡାକ୍ତରଙ୍କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରିବା ରହିଛି। ଆନ୍ଦୋଳନ ପ୍ରଭାବରେ ଓପିଡି, ଆଇପିଡି, ଅସ୍ତ୍ରୋପଚାର ଓ ଅଣ-ଜରୁରୀ ସ୍ୱାସ୍ଥ୍ୟସେବା ବ୍ୟାହତ ହେବଛ ତେବେ ଆପାତକାଳୀନ ସେବା, ପ୍ରସୂତି ସେବା ଓ ଗୁରୁତର ରୋଗୀଙ୍କ ଚିକିତ୍ସା ପୂର୍ବଭଳି ଜାରି ରହିବ ବୋଲି ଡାକ୍ତର ଟୁଡୁ ସ୍ପଷ୍ଟ କରିଛନ୍ତି। ରୋଗୀଙ୍କ ଅସୁବିଧା ପାଇଁ ଦୁଃଖ ପ୍ରକାଶ କରି ସେ କହିଛନ୍ତି ଯେ ଏହି ଆନ୍ଦୋଳନ କେବଳ ଡାକ୍ତରଙ୍କ ସ୍ୱାର୍ଥ ପାଇଁ ନୁହେଁ ବରଂ ଉନ୍ନତ ସ୍ୱାସ୍ଥ୍ୟସେବା ସୁରକ୍ଷିତ କାର୍ଯ୍ୟ ପରିବେଶ ଓ ଦୀର୍ଘଦିନର ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ସରକାରଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ରାଜ୍ୟ ସଂଘ ସ୍ପଷ୍ଟ କରିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ବିଭିନ୍ନ ପିଏଚସି ଓ ସିଏଚସିରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ଭାବେ ଜାରି ରହିଥିବା ଜଣାପଡ଼ିଛି।

## ନର୍ଲା ସ୍ୱାଭିମାନ ମଞ୍ଚ ପକ୍ଷରୁ ରେଳରୋକ ପ୍ରସଙ୍ଗ

# ଡିସିଏମଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

ନର୍ଲା,(ସବ୍ୟୁ): ନର୍ଲାରୋଡ ରେଳ ଷ୍ଟେସନରେ ସ୍ୱାଭିମାନ ମଞ୍ଚ ନର୍ଲା ନେତୃତ୍ୱରେ ରେଳରୋକ ଆନ୍ଦୋଳନ ଡ଼ାକରା ସ୍ୱରୂପ ଗୁରୁବାର ରେଳରୋକ କରାଯାଇଥିଲା । ଦୁର୍ଯ୍ୟୋଧନ କୁମାର, ପ୍ରଦୀପ ନାଏକ, ଦୀପୁ ପାତ୍ର, ଚୁଲମଣି ଗୌଡିଆ, କୁମୁଦ ନାଏକ, ନିକୁଞ୍ଜ ଦତ୍ତା, ନନ୍ଦ କିଶୋର ଜେନା, ହମେସ ଜୈନ, ମୀନ କେତନ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ଟ୍ରାକ ଉପରେ ବସି ସମ୍ବଲପୁର–ରାୟଗଡା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନକୁ ଅଟକ ରଖିଥିଲେ। ଆନ୍ଦୋଳନ ଚାଲିଥିବା ଜାଣି ସମତା ସୁପର ଫାଷ୍ଟ ଏକ୍ସପ୍ରେସ ଟ୍ରେନ କାଣ୍ଟେଲରୋଡ ଷ୍ଟେସନରେ ରହିଗଲା। ରେଳବାଇ ବିଭାଗ ଚିଫ କମର୍ସିଆଲ ଅଫିସର ଶୁଭ୍ରାଂଶୁ ପରିଡ଼ା, କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ, ଆରପିଏଫ ଏଏସ ସି ଏଏମ୍ କିସକୁ, ନର୍ଲା ଆଇଆଇସି, ମ. ରାମପୁର ଆଇଆଇସି, ନର୍ଲା ଅତିରିକ୍ତ ତହସିଲଦାର ମନୋରଂଜନ ନାୟକ ମାଜିଷ୍ଟ୍ରେଟ ଭାବରେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରିବା ସହ ଆନ୍ଦୋଳନ କାରୀଙ୍କୁ ବୁଝା ସୁଝା କରିଥିଲେ। ହେଲେ ଆନ୍ଦୋଳନ କାରୀ ଥମି ନଥିଲା। ଶେଷରେ ସମ୍ବଲପୁର ଡିଭିଜନର ଡିସିଏମ ଅଙ୍କିତ ମିଶ୍ର ଆସି ଆନ୍ଦୋଳନକାରୀ ସ୍ୱାଭିମାନ ମଞ୍ଚର ମୁଖିଆମାନଙ୍କ ସହ ବସି କେଉଁ ଟ୍ରେନ ନର୍ଲାରୋଡ଼ ଷ୍ଟେସନରେ ରହଣୀ ହେବ ସେନେଇ ପ୍ରତିଶୃତି ଦେବାସହ, ପରେ ଆନ୍ଦୋଳନକାରୀଙ୍କ ସାମ୍ନାରେ ଦାବି ରହିଥିବା ୪ ଗୋଟି ଟ୍ରେନ ରହଣୀ ରହିବା ନେଇ ଘୋଷଣା କରିବାରୁ ଲୋକେ ଆନ୍ଦୋଳନରୁ ଓହରିଥିଲେ । ତେବେ ଆନ୍ଦୋଳନକୁ ସଫଳ କରିଥିବାରୁ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ସ୍ୱାଭିମାନ ମଞ୍ଚର ସଭାପତି, ସମ୍ପାଦକ, କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ।

# ଜାତୀୟ ପେନଚାକ୍ ସିଲାଟ ପ୍ରତିଯୋଗିତା, ପ୍ରିଶାଙ୍କୁ ସ୍ୱର୍ଣ୍ଣ ପଦକ




ସମ୍ବଲପୁର,(ସବ୍ୟୁ): ୧୪ତମ ଜୁନିଅର ଜାତୀୟ ପେନଚାକ୍ ସିଲାଟ୍ ପ୍ରତିଯୋଗିତାରେ ସମ୍ବଲପୁରର ଖେଳାଳି ପ୍ରିଶା କର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ସୁରଜ ଜେନା କାଂସ୍ୟପଦକ ହାସଲ କରିଛନ୍ତି। ଏହା ଜଣାପଡିବା ପରେ ଉଭୟ ଖେଳାଳୀଙ୍କୁ ଶୁଭେଚ୍ଛାରୁ ସୁଅ ଛୁଟିଛି। ସୂଚନାଯୋଗ୍ୟ, ମହାରାଷ୍ଟ୍ରର ନାସିକ ଠାରେ ଗତ ୨୫ ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ପେନଚାକ୍ ସିଲାଟ୍ ସଂଗଠନର ସମ୍ପାଦକ ନାରାୟଣ ବାରିକ ଏବଂ ପ୍ରଶିକ୍ଷକ ଶର୍ମନ ଜେନାଙ୍କ ନେତୃତ୍ୱରେ ସମ୍ବଲପୁରର ୮ ଜଣ ଖେଳାଳି ଭାଗ ନେଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବୋରିଗୁମ୍ମା,(ସବ୍ୟୁ):ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ରେଙ୍ଗାଲଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ଦୋରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରେଙ୍ଗାଲଗୁଡା କ୍ଲଷ୍ଟର ର ସିଆରସିସି ସନ୍ତୋଷ କୁମାର ନାୟକଙ୍କ ଆବାହକତ୍ୱରେ ରେଙ୍ଗାଲଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁକୁନ୍ଦ ମୁଦୁଲି ସଭାପତିତ୍ୱ କରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୁମୁଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମହେନ୍ଦ୍ର ଶତପଥୀ, ସମ୍ପାଦକ ରମାକାନ୍ତ ମହାପାତ୍ର, ପୂର୍ବତନ ସିଆରସିସି ହରିହର ଶତପଥୀ,ବିଇଓ କାର୍ଯ୍ୟାଳୟର ସେକ୍ସନ ଅଫିସର ପଦ୍ମେଶ୍ୱର ବିଷୋୟୀ ଯୋଗ ଦେଇଥିଲେ। ଅବସର ନେଇଥିବା ଶିକ୍ଷକ କ୍ଷେତ୍ରମୋହନ ଦୋରା ଗତ ୦୯.୦୯.୧୯୮୬ ରେ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ଦୀର୍ଘ ୪୦ ବର୍ଷର ଶିକ୍ଷକତା ପରେ ୩୦.୦୬.୨୦୨୬ ରେ ରେଙ୍ଗାଲଗୁଡା କ୍ଲଷ୍ଟର ଅନ୍ତର୍ଗତ ଫଟାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ କ୍ଷେତ୍ରମୋହନ ଦୋରା ଅବସର ଗ୍ରହଣ କରିଥିଲେଛଶିକ୍ଷକ ଶ୍ରୀ ଦୋରା ନିଜ ଶିକ୍ଷକତା ଜୀବନ ର ଅନୁଭୂତି କହିଥିଲେ। ରେଙ୍ଗାଲଗୁଡା କ୍ଲଷ୍ଟର ପକ୍ଷରୁ ଶ୍ରୀ ଦୋରା ଙ୍କୁ ସାଲ ଓ ଉପହାର ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସିଆରସିସି ଆଶିଷ କୁମାର ହୋତା, ସୁତମ ବିଷୋୟୀ, ପଦମ ଭତ୍ରା, ଶିକ୍ଷକ ଏନ.ରାଜେଶ, ଅନୀଲ ଦେବତା, ନୀଳକଣ୍ଠ ହୋତା, ବିଇଓ କାର୍ଯ୍ୟାଳୟର ସରୋଜ କୁମାର ମଲ୍ଲିକ, ସୁଜାତା ମହାପାତ୍ର, ଶୁଭମ ପାଣିଗ୍ରାହୀ, ଦେବାଶିଷ ପଟ୍ଟନାୟକ, ଜଗଦୀଶ ମେହେର, ନନ୍ଦିନୀ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକ ଅଶୋକ ନାରାୟଣ ଭୋଇଙ୍କ ଜନ୍ମମାଟିରେ ଶ୍ରଦ୍ଧାଞ୍ଜଳି ସଭା



ବଙ୍ଗୋମୁଣ୍ଡା/ମୁରିବାହାଲ/କଣ୍ଟାବାଞ୍ଜି,(ସବ୍ୟୁ): କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳର ବିଭିନ୍ନ ଖବର କାଗଜରେ ସାମ୍ବାଦିକତା କରିଥଇବା ଯୁବ ସାମ୍ବାଦିକ ଅଶୋକ ନାରାୟଣ ଭୋଇଙ୍କ ଅକାଳ ବିୟୋଗରେ ତାଙ୍କ ନିଜ ଜନ୍ମମାଟି ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗାଁ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ସୂଚନା ଅନୁସାରେ, ଅତ୍ୟାଧିକ ରକ୍ତଚାପ ଯୋଗୁଁ ଗତ ଜୁନ ୨୧ ତାରିଖ ଦିନ ରାୟପୁର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ଅଶୋକଙ୍କ ବାପା ଜଳଧର ଭୋଇ ,ମାଆ ପଦ୍ମାବତୀ ଭୋଇ, ସ୍ତ୍ରୀ ଦେବକୀ ଭୋଇ, ୧୫ ବର୍ଷର ଝିଅ ଲିପସାରାଣୀ ଓ ୧୨ ବର୍ଷର ଝିଅ ଲିଲିମା ଉପସ୍ଥିତ ଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ଶ୍ରୀବତ୍ସ ବେହେରା, ସୁରଥ ବେହେରା, ଅଜିତ କୁମାର ଯୋଶୀ, ସୁରେଶ ଭୋଇ, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ସାମ୍ବାଦିକ ଗୁରୁଦୟାଲ ହଂସ, ଜୀବନାନନ୍ଦ ମହାନ୍ତି,କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ସଭାପତି ମୋହନ ସୋନି, କଣ୍ଟାବାଞ୍ଜି ପ୍ରେସ କ୍ଲବ ସଭାପତି ପ୍ରଭିଜିତ ସିଂ ସାଲୁଜା,ସାମ୍ବାଦିକ ପୁଷ୍ପକେତୁ ବେହେରା, ଅନ୍ତିମ ପାଣିଗ୍ରାହୀ, ଗୋଇମୁଣ୍ଡ ଦୁର୍ଗାପୂଜା କମିଟି ସଭାପତି ଅକ୍ଷୟ ସାହୁ, କବି ଭକ୍ତବନ୍ଧୁ ସାହୁ, ସାମ୍ବାଦିକ ଅଶୋକ ତ୍ରିପାଠୀ,ସାମ୍ବାଦିକ ସୁରଦାସ ବାଗ, ଈଶ୍ୱର ଭୋଇ,ବଙ୍ଗୋମୁଣ୍ଡା ଓଡିଶା ଜୀବିକା ମିଶନ ର ବିପିଏମ ଡ଼ଃ ସତ୍ୟପ୍ରିୟ ବେହେରା, ମହାଦେବ ମାଝୀ, ରାଧେଶ୍ୟାମ ମେହେର, ଅନିଲ ନାଏକ, ନରସିଂହ ଥନାପତି,କଣ୍ଠଶିଳ୍ପୀ ରେଣୁରଞ୍ଜନ ବାଗ,ତେଜୁରାମ ବାଗ, ଲେଖାରାମ ଭୋଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଭୋଇଙ୍କ ସ୍ମୃତିଚାରଣ କରି ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ ଦିବଙ୍ଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।କାର୍ଯ୍ୟକ୍ରମକୁ ସାମ୍ବାଦିକ ଡ଼ଃ ନାରାୟଣ ମିଶ୍ର ସଂଯୋଜନା କରିଥିଲେ । ଏଥିରେ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲ, ସଂପାଦକ ହୁଲେଶ୍ୱର ହଂସ, କୋଷାଧ୍ୟକ୍ଷ ଦୀପକ କୁମାର ଦାସ ଯାଦବ, ଉପସଭାପତି ସୁଶାନ୍ତ ବେହେରା, ରାଧେଶ୍ୟାମ ମେହେର, ଉପସଭାପତି ଅନିଲ ତ୍ରିପାଠୀ,ସୁଶାନ୍ତ ଥନାପତି, ପ୍ରମୋଦ ବେହେରା, ହରିଶ ବାରିକ,ଉଦ୍ଧବ ଦାସ, ଜୟନ୍ତ ସାହୁ, ସ୍ୱେଚ୍ଛାସେବୀ ପ୍ରଭୁଲାଲ ବେହେରା ପ୍ରମୁଖଙ୍କ ସହ ବଙ୍ଗୋମୁଣ୍ଡା, ସିନ୍ଧେକେଲା, ମୁରିବାହାଲ, କଣ୍ଟାବାଞ୍ଜି, ତୁରେକେଲା, ଖଡ଼ିଆଳ, ଟିଟିଲାଗଡ଼ ଓ ବଲାଙ୍ଗିର ଅଞ୍ଚଳର ଶତାଧିକ ସାମ୍ବାଦିକ ଉପସ୍ଥିତ ଥିଲେ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

ସମ୍ବଲପୁର,(ସବ୍ୟୁ): ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜୟନ୍ତପୁର ଠାରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତ କୁମାରୀ ମାହାଣାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ବିଦ୍ୟୁତ୍ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ଗଣନାଥ ଦାସ, ନିର୍ବାହୀ ଯନ୍ତ୍ରୀ ସମିତ୍ କିରଣ କିଶନ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଏକ୍କା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଚେତନତା ରାଲି ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ଶିକ୍ଷୟିତ୍ରୀ ପୂଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ବନମହୋତ୍ସବ ପାଳିତ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ମୋଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହ ପରିବେଶ ସୁରକ୍ଷା, ବୃକ୍ଷର ଗୁରୁତ୍ୱ ଏବଂ ସବୁଜ ପରିବେଶ ଗଠନର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ ବୃକ୍ଷରୋପଣକୁ ସମୟର ଆବଶ୍ୟକତା ବୋଲି କହିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ କରିଥିଲେ। ଏନ୍.ଏସ୍.ଏସ୍. କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ସୁମିତାବ ନାୟକ ବନମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପୁଷ୍ପକାନ୍ତ ସାହୁ, ଅଧ୍ୟାପକ ଦେବକାନ୍ତ ନାୟକ, ଅଧ୍ୟାପକ ଅମରେଶ ଠାକୁର, ଅଧ୍ୟାପିକା ବବିତା ମଲ୍ଲିକ, ଅଧ୍ୟାପିକା ସସ୍ମିତା ସରିଆ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଏନ୍.ଏସ୍.ଏସ୍. କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ସୁମିତାବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୁନାଗଡ଼ରେ ଦିନରେ କୁମ୍ଭୀର, ରାତିରେ ହାତୀ ଆତଙ୍କ

ଜୁନାଗଡ/ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଏବେ ଚର୍ଚ୍ଚାରେ ରହିଛି। ଏଠାରେ ଏବେ ଦିନ ବେଳା କୁମ୍ଭୀର ଓ ରାତିରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ଗତ କିଛି ଦିନ ହେଲା ଜୁନାଗଡ଼ ବ୍ଲକର ବକ୍ସି ତୁଳସୀପାଲି ଓ ଦେଦର ପଞ୍ଚାୟତରେ ଏକ ଦନ୍ତା ହାତୀର ଉପଦ୍ରବ୍ୟ ଜାରି ରହିଛି। ଏହି ଅଞ୍ଚଳରେ ଥିବା ମଣ୍ଡି ଗୁଡିକରେ ଧାନ ଥିବାରୁ ତାହାକୁ ଖାଇବା ପାଇଁ ବିଭିନ୍ନ ସମୟରେ ହାତୀଟି ଚାଲି ଆସୁଛି। ଗୋଟିଏ ମଣ୍ଡିରୁ ଧାନ ଉଠୁ ନ ଥିବାବେଳେ ହାତୀଟି ବେଫିକର ଭାବେ ଆସି ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନକୁ ଖାଇ ଦେଉଛ। ଯାହାର ଫଟୋ, ଭିଡିଓ ମଧ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ସୋମବାର ରାତିରେ ହାତୀଟି ଏକନାଗୁଡା ମଣ୍ଡିକୁ ଆସି କିଛି ଚାଷୀଙ୍କ ଧାନ ଖାଉ ଥିବାବେଳେ ଚାଷୀ ମାନେ ତାକୁ ଘଉଡାଇ ବାକୁ ଯାଇ ନାକେଦମ ହୋଇଥିଲେ। ଏହି ହାତୀର ନାମ ଗଣେଶ ହୋଇଥିବାବେଳେ ଏହା ପ୍ରାୟ ସମୟରେ କର୍ଲାପାଟ ଅଭୟାରଣ୍ୟ ଭିତରେ ଥିବା ଫୁର୍ଲିଝରନ ଜଳ ପ୍ରପାତ ନିକଟରେ ଚଳ ପ୍ରଚଳ କରିଥାଏ। ତେବେ ଜୁନାଗଡ଼ ବ୍ଲକ ଅଞ୍ଚଳରେ ଏବେ ରବି ଧାନ ମଣ୍ଡି ଚାଲୁଥିବା ଓ ଭତ୍ରାଡ୍ୟାମରେ ପାଣି ଥିବାରୁ ଜଙ୍ଗଲ ପାର ହୋଇ ଏପଟକୁ ହାତୀଟି ଚାଲି ଆସିଥିବା ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ,ଗତ ୨ ଦିନ ହେଲା ସ୍ଥାନୀୟ ହାତୀ ନଦୀରେ ଏକ କୁମ୍ଭୀର ଚଳ ପ୍ରଚଳ କରୁଥିବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଜୁନାଗଡ଼ ବ୍ଲକ ପଲାସ ଗାଁ ହାତୀ ନଦୀ ଘାଟରେ ମଙ୍ଗଳବାର କିଛି ଲୋକ ମାଛ ଧରିବା ବେଳେ ଜାଲରେ ଏକ କୁମ୍ଭୀର ପଡିଥିଲା। ଏହା ଦେଖି ମାଛ ଧରାଳି ଭୟଭୀତ ହୋଇ ସେଠାରୁ ଚାଲି ଯାଇଥିବାବେଳେ କୁମ୍ଭୀରଟି ଜାଲ ଛିଣ୍ଡାଇ ନଦୀକୁ ଚାଲି ଯାଇଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ନଦୀରେ ପାଣି କମି ଯାଇଥିବାରୁ କୁମ୍ଭୀରଟି ଅନ୍ୟ ଆଡ଼କୁ ଯାଇ ପାରୁ ନାହିଁ। ଫଳରେ ନଦୀ ଉପରେ ନିର୍ଭର କରୁଥିବା ପଲାସ ସମେତ ଅନ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଏବେ ଆତଙ୍କ ଦେଖିବାକୁ ମିଳିଛି। ଖବର ପାଇ ସ୍ଥାନୀୟ ବନ ବିଭାଗ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହେଲେ କୁମ୍ଭୀର ର କୌଣସି ଗତିବିଧି ସେମାନେ ଜାଣି ପାରି ନ ଥିବା ବେଳେ ଏ ନେଇଁ ଅଧିକ ତଦନ୍ତ ଜାରି ରଖିଛନ୍ତି। ସେହିପରି ହାତୀଟି ବର୍ତ୍ତମାନ ବକ୍ସି ତୁଳସୀ ପାଲି ଅଞ୍ଚଳରେ ରହିଥିବାବେଳେ ବନ ବିଭାଗ ପକ୍ଷରୁ ତାକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଜୁନାଗଡ଼ ରେଞ୍ଜର ସୀମାଞ୍ଚଳ ମିଶ୍ର ପ୍ରକାଶ କରିଛନ୍ତି।

# ମାୟାବର୍ହା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ




ଏସ୍ -ରାମପୁର ,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥି ଭାବରେ ସୋନପୁର ବିଦ୍ୟୁତ୍ ବିଭାଗର ସୁପରିଟେଣ୍ଡିଙ୍ଗ ଇଞ୍ଜିନିୟର ଦେବବ୍ରତ ପାଣିଗ୍ରାହୀ ଯୋଗଦାନ କରି ବିଦ୍ୟୁତ୍ ବ୍ୟବହାର ସମୟରେ ସତର୍କତା ଓ ସଚେତନତାର ଆବଶ୍ୟକତା ବିଷୟରେ ମତ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଭୁଦତ୍ତ ମହାନନ୍ଦ ପାୱାର ପଏଣ୍ଟ ମାଧ୍ୟମରେ ବିଦ୍ୟୁତ ସୁରକ୍ଷା ବିଷୟରେ ଉପସ୍ଥାପନ କରିଥିଲେ । ଶିକ୍ଷାବିଦ ସମ୍ପଦ ଖମାରୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତିପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀ ଶ୍ରିମୟୀ ଓ ସାଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ କୋଶଲ ସୁନ୍ଦରୀ ପାୟଲ ବିଶ୍ୱକର୍ମା ନୃତ୍ୟ ପରିବେଷଣ କରିଥିଲେ । ସଂସ୍କୃତ ଶିକ୍ଷକ ରାଜୁ ମେହେର ସଭା ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷକ ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅମ୍ବାଭୋନାରେ ଲଗାତାର ଲୁଟ୍, ଚୋରି : ସୁରକ୍ଷା ବ୍ୟବସ୍ଥାକୁ ନେଇ ବଢ଼ିଲା ଚିନ୍ତା

ଅମ୍ବାଭୋନା,(ସବ୍ୟୁ) : ବରଗଡ଼ ଜିଲ୍ଲାର ସୀମାନ୍ତ ଅଞ୍ଚଳ ଅମ୍ବାଭୋନାରେ ଗତ କିଛି ସପ୍ତାହ ଧରି ଚୋରି, ଲୁଟ୍, ଛିନତାଇ ଓ ଅନ୍ୟାନ୍ୟ ଅସାମାଜିକ ଘଟଣାରେ ବୃଦ୍ଧି ଦେଖାଯାଇଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମନରେ ଭୟର ଆଶଙ୍କା ବଢ଼ିଛି। ଘଟଣା ଗୁଡ଼ିକର ପୁନରାବୃତ୍ତି ଏବଂ ଅଭିଯୁକ୍ତମାନଙ୍କୁ ଚିହ୍ନଟ କିମ୍ବା ଗିରଫ କରିବାରେ ଦୃଶ୍ୟମାନ ସଫଳତା ନ ମିଳିବାରୁ ଅଞ୍ଚଳର ଆଇନ-ଶୃଙ୍ଖଳା ବ୍ୟବସ୍ଥା ଓ ପୋଲିସର ତତ୍ପରତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ଅଭିଯୋଗ ଅନୁଯାୟୀ, ସମରଧରା–ଲଖନପୁର ସଡ଼କ ଏବେ ଦୁର୍ବୃତ୍ତଙ୍କ କାର୍ଯ୍ୟକଳାପ ପାଇଁ ସମ୍ବେଦନଶୀଳ ଅଞ୍ଚଳ ପାଲଟିଥିବା ଚର୍ଚ୍ଚା ହେଉଛି। କର୍ଲା ଗ୍ରାମର କୃପାସିନ୍ଧୁ ମିଶ୍ରଙ୍କଠାରୁ ମନିପର୍ସ ଓ ମୋବାଇଲ ଲୁଟ୍ ହେବା ପରେ ଅଳ୍ପ ସମୟ ବ୍ୟବଧାନରେ ମୁଣ୍ଡକଟି ଗ୍ରାମର ବୃନ୍ଦାବନ ବେହେରାଙ୍କଠାରୁ ମଧ୍ୟ ମୋବାଇଲ ଛିନତାଇ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା।

ପରବର୍ତ୍ତୀ ସମୟରେ ପ୍ରକାଶପୁର ମୁଖ୍ୟ ସଡ଼କରେ ଦର୍ଲିପାଲି ଗ୍ରାମର ବୃନ୍ଦାବନ ବେହେରାଙ୍କ ହାତରୁ ତିନି ଜଣ ଯୁବକ ମୋବାଇଲ ଛଡ଼ାଇ ଫେରାର ହୋଇଯାଇଥିବା ଘଟଣା ସାଧାରଣ ଲୋକଙ୍କ ଚିନ୍ତାକୁ ଆହୁରି ବଢ଼ାଇଥିଲା। ଏହାର କିଛିଦିନ ପରେ ଲଖନପୁର ଗ୍ରାମର ଯୁଧିଷ୍ଠିର ସାହୁଙ୍କ ଉପରେ ଆକ୍ରମଣ ଉଦ୍ୟମ ହୋଇଥିବା ଅଭିଯୋଗ ମଧ୍ୟ ଆସିଥିଲା। ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି। ଏଭଳି ଘଟଣା ଘଟିବା ପରେ ସନ୍ଧ୍ୟା ପରେ ସମରଧରା–ଲଖନପୁର ରାସ୍ତାରେ ଯାତାୟାତ କରିବାକୁ ଅନେକେ ଭୟ କରୁଥିବା ପ୍ରକାଶ କରିଛନ୍ତି।ଏହି ରାସ୍ତାର ବଡ଼ ଅଂଶ ଘଞ୍ଚ ଜଙ୍ଗଲ ଦେଇ ଯାଇଥିବା ବେଳେ ପ୍ରତିଦିନ ଶହ ଶହ ଲୋକ ଏହି ପଥ ବ୍ୟବହାର କରୁଛନ୍ତି। ବର୍ଷା ଋତୁରେ ବାରବଖରା ଜଳପ୍ରପାତକୁ ଓଡ଼ିଶା ଓ ଛତିଶଗଡ଼ରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଥିବାରୁ ଏହି ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

ଅନ୍ୟପକ୍ଷରେ, ଅମ୍ବାଭୋନା ସାପ୍ତାହିକ ହାଟରେ ବାରମ୍ବାର ମୋବାଇଲ ଚୋରି ଘଟଣା ଘଟୁଥିବା ଅଭିଯୋଗ ମଧ୍ୟ ଲଗାତାର ସାମ୍ନାକୁ ଆସୁଛ। ଏସବୁ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ଅପରାଧୀଙ୍କ ବିରୋଧରେ ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ନଜରକୁ ନ ଆସିବାରୁ ସାଧାରଣ ଲୋକଙ୍କ ଅସନ୍ତୋଷ ବଢୁଛି। ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଓଡ଼ିଶା–ଛତିଶଗଡ଼ ସୀମାରେ ଗଞ୍ଜେଇ ଚୋରାଚାଲାଣ ଘଟଣା ମଧ୍ୟ ସମୟ ସମୟରେ ସାମ୍ନାକୁ ଆସୁଥିବା ଅଭିଯୋଗ ରହିଛି। ସ୍ଥାନୀୟ ମହଲର ମତ ଅନୁଯାୟୀ, ସୀମାନ୍ତ ଅଞ୍ଚଳରେ ଅଧିକ ପୋଲିସ ପେଟ୍ରୋଲିଂ, ନାକା ଯାଞ୍ଚ ଓ ଗୁଇନ୍ଦା ନଜରଦାରୀକୁ ସୁଦୃଢ଼ କରିବା ସମୟର ଆବଶ୍ୟକତା ରହିଛି । ତେବେ ଏହି ଘଟଣାଗୁଡ଼ିକୁ ନେଇ ପୋଲିସର ପକ୍ଷ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଅଭିଯୋଗଗୁଡ଼ିକର ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପୋଲିସ ପକ୍ଷରୁ ଜାରି ରହିଥିବା ସମ୍ଭାବନା ଥିବାବେଳେ, ସାଧାରଣ ଲୋକଙ୍କ ଆଶା ହେଉଛି ଅଞ୍ଚଳରେ ଦିନ ଓ ରାତିରେ ନିୟମିତ ପାଟ୍ରୋଲିଂ, ସମ୍ବେଦନଶୀଳ ସ୍ଥାନରେ ନାକା ଚେକିଂ, ଅପରାଧୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଏବଂ ତ୍ୱରିତ ପଦକ୍ଷେପ ନିଆଯାଉ, ଯାହାଦ୍ୱାରା ଅଞ୍ଚଳବାସୀଙ୍କ ମଧ୍ୟରେ ସୁରକ୍ଷା ପ୍ରତି ଆସ୍ଥା ପୁନଃ ସୁଦୃଢ଼ ହୋଇପାରିବ।

## ନିରାକାରପୁର ଥାନାରେ 'ନଶା ମୁକ୍ତ ଓଡ଼ିଶା ଅଭିଯାନ'

ନିରାକାରପୁର ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପରିସରରେ ଓଡ଼ିଶା ପୋଲିସ ପକ୍ଷରୁ ନଶା ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିରାକାରପୁର ଥାନାର ସମ୍ମାନିତ ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ପ୍ରତ୍ୟକ୍ଷ ଅଧ୍ୟକ୍ଷତାରେ ଏହି ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଥାନାର ସମସ୍ତ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଏଥିରେ ସାମିଲ ହୋଇ 'ନଶାକୁ ନା କୁହନ୍ତୁ, ଜୀବନକୁ ଆପଣାନ୍ତୁ' ବୋଲି ସଂକଳ୍ପ ନେଇଥିଲେ।ଏହି ଅବସରରେ ଆଇଆଇସି ଶ୍ରୀ ରାଉତରାୟ ନଶାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ଯୁବପିଢ଼ିଙ୍କୁ ନଶା କବଳରୁ ରକ୍ଷା କରିବା ଏବଂ ଏକ ସୁସ୍ଥ ଓଡ଼ିଶା ଗଠନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ. ଏଥିସହିତ ବିଭିନ୍ନ ମାମଲାରେ ଜବତ ହୋଇଥିବା ମାଦକ ଦ୍ରବ୍ୟର ଆଇନଗତ ବିନଷ୍ଟୀକରଣ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା. 'ସୁଦୃଢ଼ ଯୁବପିଢ଼ି, ସୁଦୃଢ଼ ଓଡ଼ିଶା' ଗଠନ ପାଇଁ ପୋଲିସ ସହ ସାଧାରଣ ଜନତା ସହଯୋଗ କରିବାକୁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଛି। ।

## ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଡାକ୍ତରଙ୍କୁ ସରକାରଙ୍କ ଅନୁରୋଧ

ଭୁବନେଶ୍ୱର : ରାଜ୍ୟରେ ରୋଗୀ ସେବାକୁ ନିରବଚ୍ଛିନ୍ନ ରଖିବା ପାଇଁ ସରକାର ସବୁ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ଜାରି ରହିଛି। ତେବେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗ ଦେବା ସହ ସରକାରଙ୍କ ସହ ଆଲୋଚନାରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଓମ୍ସା ପକ୍ଷରୁ ଧର୍ମଘଟ ଆରମ୍ଭ ହେବା ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଏହାର ପ୍ରତିନିଧିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ତରଫରୁ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରହିଥିଲା। ସରକାର ପୂର୍ବରୁ ଡାକ୍ତରଙ୍କ ସବୁ ଦାବି ଗ୍ରହଣ କରି କ୍ୟାଡର ପୁନର୍ଗଠନ କରି ବିଭିନ୍ନ ସୁବିଧା ଲାଗୁ କରିଛନ୍ତି। ଡାକ୍ତରଙ୍କ ସୁବିଧା ପାଇଁ ସରକାର ଅନେକ ସୁବିଧା କରିଛନ୍ତି। ସରକାର ସର୍ବଦା ଡାକ୍ତରଙ୍କ ଯୁକ୍ତି ସଂଗତ ଦାବି ପ୍ରତି ସମ୍ବେଦନଶୀଳ ଅଛନ୍ତି କିନ୍ତୁ ରୋଗୀଙ୍କ ସ୍ୱାର୍ଥ ଓ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବାକୁ ସର୍ବଦା ପ୍ରାଥମିକତା ଦିଆଯାଉଛି। ସେଥିପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ଜଣାଯାଉଛି। ସେମାନେ କାର୍ଯ୍ୟରେ ଯୋଗ ଦେବା ପରେ ଦାବିଗୁଡିକ ଉପରେ ଗଠନମୂଳକ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ଆନ୍ଦୋଳନ ଡାକ୍ତରମାନଙ୍କୁ ଅନୁରୋଧ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରି ପୂର୍ବଭଳି ରୋଗୀ ସେବା ଜାରି ରଖନ୍ତୁ। ରୋଗୀଙ୍କ ସ୍ୱାର୍ଥ ଓ ସ୍ୱାସ୍ଥ୍ୟସେବା ବ୍ୟାଘାତ ହୁଏତ ହେଲେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ବାଧ ହେବେ।

## ଚିପ୍ସ ଗଦାରୁ ଶବ ଉଦ୍ଧାର : ଡ୍ରାଇଭର ଗଲା ଜେଲ

ଭାପୁର ,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ଭାପୁର ବଜାର ଠାରୁ ଜଙ୍ଗଲୁଲିଆ ରାସ୍ତା ନିକଟରେ ଚିପ୍ସ ଗଦା ଭିତରୁ ସୁନାଖଳା ଗ୍ରାମର ମୁନା ରାଉତଙ୍କ (୧୯) ମୃତ ଦେହ ଉଦ୍ଧାର ଘଟଣାରେ ହାଇଡ୍ରା ଗାଡ଼ି ମାଲିକ ତଥା ଡ୍ରାଇଭର ରବିନ୍ଦ୍ର କୁମାର ଜେନାଙ୍କୁ ଫତେଗଡ଼ ପୋଲିସ ଗିରଫ କରି ଖଣ୍ଡପଡ଼ା ଜେଲ ହାଜତକୁ ପଠାଇ ଦେଇଛି । ଏହି ଘଟଣାରେ ଭାପୁର ବ୍ଲକ ବିଜୁପୁର ପଞ୍ଚାୟତ ସୁନାଖଳା ଗ୍ରାମର ମୃତ ମୁନାଙ୍କ ବୋଉ ଜୟନ୍ତୀ ରାଉତଙ୍କ ସତ୍ୟ ଅଭିଯୋଗ ପରେ ପୋଲିସ କେସ ନଂ ୨୧୬/୨୬ ରେ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲେ। ଫେରାର ଥିବା ହାଇଡ୍ରା ଗାଡ଼ିର ଡ୍ରାଇଭର ତଥା ମାଲିକ ବାଦିଲୋ ଗ୍ରାମର ରବିନ୍ଦ୍ର କୁମାର ଜେନା (୪୬) ଖୋର୍ଦ୍ଧା ଅଞ୍ଚଳରୁ ଆଣି ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ । ଇତି ମଧ୍ୟରେ ମୃତ ମୁନାର ଶବ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଥିଲା । ଏଥିରେ ମୁନାର ମୃତ୍ୟୁ ଶ୍ୱାସରୁଦ୍ଧ କାରଣରୁ ହୋଇଥିବା ଦର୍ଶାଯାଇଥିଲା । ଫଳରେ ଅଟକ ରବିନ୍ଦ୍ର କୁମାର ଜେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦେଇଥିବା ଫତେଗଡ ଥାନାଧିକାରୀ ଅଜୟ କୁମାର ସାହୁଙ୍କ ଠାରୁ ସୂଚନା ମିଳିଛି ।

## ମାଳତୀ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବଡମ୍ବା, (ସବ୍ୟୁ) :ବଡମ୍ବା ବ୍ଲକ ଅନ୍ତର୍ଗତ ମାଳତୀ ଗ୍ରାମ ପଂଚାୟତର ସରକାରୀ ମାଳତୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବୀରବର ବାରିକଙ୍କ ସଂଯୋଜନାରେ ଏବଂ ସହକାରୀ ଶିକ୍ଷକ ସମୀର କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଦାଶରଥିପୁର



ଚନ୍ଦ୍ରମଣୀ ରାଉତ ଆଜି ଶିକ୍ଷକତା ଜୀବନରୁ ଅବସର ଗ୍ରହଣ କରିଛନ୍ତି । ମାଳତୀ ଗ୍ରାମର ସଭାପତି ଫକୀର ଚରଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାଳତୀ ସରପଞ୍ଚ ରତ୍ନାକର ବେହେରା ଉପସ୍ଥିତ ଥିଲା ବେଳେ ମୁଖ୍ୟବକ୍ତା ଭାବେ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘର କଟକ ଜିଲ୍ଲା ଶିକ୍ଷକ ସଂଘର ଉପସଭାପତି ଶିକ୍ଷକ ନେତା ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । କୃତୀ ଶିକ୍ଷକ କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଦ୍ମଲୋଚନ କଅଁର, ଜନ୍ମେଜୟ ପଲେଇ,ଶରତ ସଂଗ୍ରାମ ସିଂହ,ଜନ୍ମେଶ୍ୱର ନାୟକଙ୍କ ସହିତ ପରିବାରର ସଦସ୍ୟ ପ୍ରଭୃତି ଉପସ୍ଥିତ ରହି ଅବସର ନେଉଥିବା ଶିକ୍ଷକଙ୍କ ଗୁଣଗାନ କରିଥିଲେ । ସର୍ବଶେଷରେ ସିଆରସିସି ନରେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଣପୁରରେ ରଥଯାତ୍ରା ବୈଠକ : ଶାନ୍ତି ଶୃଙ୍ଖଳା, ସୁରକ୍ଷା, ସ୍ୱଚ୍ଛତା ଉପରେ ଗୁରୁତ୍ୱ



ରଣପୁର, (ସବ୍ୟୁ): :ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁରର ଐତିହ୍ୟବାହୀ ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ର ରଥଯାତ୍ରାକୁ ସୁଚାରୁ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ବୁଧବାର ରଣପୁର ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ରଥଯାତ୍ରା ସମୟରେ ଶୃଙ୍ଖଳିତ ପରିଚାଳନା, ଭକ୍ତଙ୍କ ସୁରକ୍ଷା ଏବଂ ସମସ୍ତ ମୌଳିକ ସୁବିଧା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।ବୈଠକରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ରଥଯାତ୍ରାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବିଡିଓ ମନୋଜ କୁମାର ନାୟକ, ଏନ.ଏ.ସି. ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁ, ସାଂସଦ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର ଏବଂ ପ୍ରଭାତ ଦଳ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ମତାମତ ରଖିଥିଲେ।ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ, ଆଇନଶୃଙ୍ଖଳା, ବିଦ୍ୟୁ ବ୍ୟବସ୍ଥା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପରିମଳ ଏବଂ ଜନସୁରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସଂପୃକ୍ତ ବିଭାଗଗୁଡ଼ିକ ସହ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷକରି ଚଳିତ ବର୍ଷ ପ୍ଲାଷ୍ଟିକମୁକ୍ତ ରଥଯାତ୍ରା ଆୟୋଜନ ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଆହ୍ୱାନ ଜଣାଇବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ବୈଠକ ଆରମ୍ଭରେ ସ୍ୱର୍ଗତ ଲଳିତ କୁମାର ମହାପାତ୍ରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍ଗତି କାମନାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅତିରିକ୍ତ ତହସିଲଦାର ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରି ବୈଠକର ସମାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମନ୍ଦିର ମ୍ୟାନେଜର ରମେଶ ଚନ୍ଦ୍ର ପ୍ରଧାନ, ତିନି ରଥର ମୁଖ୍ୟ ମହାରଣା କବିରାଜ ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

## ପନ୍ଦର ଦିନିଆ ପ୍ରମାଣ ପତ୍ର ପାଠ୍ୟକ୍ରମର ଶୁଭାରମ୍ଭ

ସାକ୍ଷୀଗୋପାଳ ,(ସବ୍ୟୁ) : କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ସାକ୍ଷୀଗୋପାଳ ପରିସରରେ ଜିଲ୍ଲା ସ୍ତରୀୟ ସାର ଅନୁମତି ପତ୍ର ନିମନ୍ତେ ୧୫ ଦିନିଆ ପ୍ରମାଣପତ୍ର ପାଠ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି। ଏଥିରେ ବିଭିନ୍ନ ବ୍ଲକରୁ ଆସିଥିବା ପ୍ରାଥମିକ କୃଷି ସମବାୟ ସମିତିର ୩୦ ଜଣ ସମ୍ପାଦକ ଓ ସମ୍ପାଦିକା ତାଲିମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ ଯୋଗ ଦେଇ ମାଟିର ସ୍ୱାସ୍ଥ୍ୟ ଅବସ୍ଥା ସୁସ୍ଥ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ଼ଃ ସନତ କୁମାର ଦ୍ୱିବେଦୀ, ଉପନିର୍ଦ୍ଦେଶକ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓ. ୟୁ. ଏ. ଟି. ଜିଲ୍ଲା ମୁଖ୍ୟ ଉଦ୍ୟାନ ଉପନିର୍ଦ୍ଦେଶକ ଡ ମଞ୍ଜୁଳା ତ୍ରିପାଠୀ, ଉପସଚିବ ସମବାୟ ସମିତି ସରୋଜିନୀ ଜେନା, ସାକ୍ଷୀଗୋପାଳ ଜିଲ୍ଲା କୃଷି ଅଧିକାରୀ ଡଃ ପରେଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସନ୍ତୁଳିତ ସାର ବ୍ୟବହାର, ମୃତ୍ତିକା ସ୍ୱାସ୍ଥ୍ୟ ଓ ଉର୍ବରତା , ସବୁଜ ସାର, ପ୍ରାକୃତିକ କୃଷି, ଜୈବିକ କୃଷି ଓ ଜୀବାଣୁ ସାରର ପ୍ରୟୋଗ, ଜୈବିକ ଖତ, ପିଡିଆ, ଜିଆ ଖତ ବ୍ୟବହାର, ଆଜୋଲା ଚାଷ ଉପରେ ଆଲୋଚନା କରିଥିଲେ। ଫସଲପାଇଁ ଅତ୍ୟାବଶ୍ୟକ ପୋଷକ ଓ ଏହାର ବିଭାଗୀ କରଣ, ଉତ୍ସ ଏବଂ ଭୂମିକା ଓ ଅଭାବ ଜନିତ ଲକ୍ଷଣ ଉପରେ ଡ଼ଃ ସନତ କୁମାର ଦ୍ୱିବେଦୀ, ଉପନିର୍ଦ୍ଦେଶକ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓ. ୟୁ. ଏ. ଟି. ତାଲିମ ଦେଇଥିଲେ। କୃଷି ଓ ବୈଷୟିକ ବିଶବିଦ୍ୟାଳୟ, ଭୁବନେଶ୍ୱରର ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ ପ୍ରଫେସର ରବି ନାରାୟଣ ନାୟକ, ମୃତ୍ତିକା ବିଜ୍ଞାନ ବିଭାଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୃତ୍ତିକାର ଗୁରୁତ୍ୱ ମୃତ୍ତିକା–ଫସଲ ସମ୍ପର୍କ, ସୁସ୍ଥ ଓ ଉର୍ବର ମୃତ୍ତିକା, ମୃତ୍ତିକାରେ ଜୈବିକ ପଦାର୍ଥର ଭୂମିକା ଉପରେ ତାଲିମ ପ୍ରଦାନ କରିଥିଲେ।

## ଶ୍ରୀଜୀଉଙ୍କ ଘୋଷଯାତ୍ରା ନେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ

ଖଣ୍ଡପଡ଼ା ,(ସବ୍ୟୁ): ।ଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରରେ ଶ୍ରୀଜୀଉଙ୍କର ପବିତ୍ର ଘୋଷଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଛି ।ଘୋଷଯାତ୍ରା ପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହରର ରଥଗଡା ଛକରେ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରଥ ନିର୍ମାଣରେ ଲଗାଣ ବର୍ଷା ବାଧକ ସାଜିଥିବା ଜଣାପଡିଛି ।ମହାରଣା ସେବକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ୨ ଟି ଯାକ ରଥର



ନିର୍ମାଣ କାର୍ଯ୍ୟ ସଂପନ୍ନ ହେବ ବୋଲି ରଥଯାତ୍ରା ପରିଚାଳନା କମିଟିର ସଦସ୍ୟମାନଙ୍କ ଠାରୁ ପ୍ରକାଶ। ସେହିପରି ନିକଟସ୍ଥ ଖଳିସାହି ଓ ମର୍ଦ୍ଧରାଜପୁର ଗ୍ରାମରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ପରିପ୍ରେକ୍ଷୀରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ଭବ୍ୟ ରାମ ମନ୍ଦିର ଶିଳାନ୍ୟାସ ଉତ୍ସବ

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ପାଣ୍ଡିଆକେରା ପଞ୍ଚାୟତ ଗଡ଼ ମାଟିଆପଡ଼ା ନୂଆସାହି ଗ୍ରାମରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ତଥା ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓମ ପ୍ରକାଶ ମିଶ୍ର ଯୋଗ ଦେଇ ଶୁଭ ମୁହୂର୍ତ୍ତରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ।ଅନ୍ୟମନଙ୍କ ମଧ୍ୟରେ କଣାସ ବଡ଼ମଠ ମଠାଧୀଶ ମହନ୍ତ ବନମାଳୀ ଦାସ,ପାଣ୍ଡିଆକେରା ସରପଞ୍ଚ ହରପ୍ରିୟା ବଳିଆରସିଂହ, ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ହେମନ୍ତ କୁମାର ଛୋଟରାୟ ଯୋଗଦେଇଥିବା ବେଳେ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବନ୍ଧନ ଲାର୍ଜ କ୍ୟାପ ଫଣ୍ଡର ୨୦ ବର୍ଷ ପୂର୍ତ୍ତି : ସ୍ଥିରତା ଓ ଗୁଣବତ୍ତାକୁ ଗୁରୁତ୍ୱ

ଖଣ୍ଡପଡ଼ା,(ସବ୍ୟୁ) : ବନ୍ଧନ ଲାର୍ଜ କ୍ୟାପ ଫଣ୍ଡ ୨୦ ବର୍ଷ ପୂରଣ କରିଥିବାରୁ ଏହା ସ୍ଥିରତା ଓ ଗୁଣବତା ଉପରେ ନିର୍ମିତ ଶୃଙ୍ଖଳିତ, ଦୀର୍ଘକାଳିନ ସମ୍ପତ୍ତି ସୃଷ୍ଟି କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି ।ଗତ ଦୁଇ ଦଶନ୍ଧି ଧରି ଏହି ଫଣ୍ଡ ସମ୍ପ୍ରସାରଣ, ସଂଶୋଧନ ଓ ଢାଞ୍ଚାଗତ ପରିବର୍ତ୍ତନର ସମୟ ସହିତ ଏକାଧିକ ବଜାର ଚକ୍ରକୁ ଅତିକ୍ରମ କରିଛି । ଏଥିସହିତ ଏହା ଏକ ସ୍ପଷ୍ଟ ଦର୍ଶନକୁ ପରିଚାଳନା କରୁଛି ଯାହା ହେଉଛି: ମୌଳିକ ଭାବେ ଦୃଢ ଲାର୍ଜ କ୍ୟାପ ବ୍ୟବସାୟଗୁଡିକରେ ନିବେଶ, ସମୟକ୍ରମେ ନିରନ୍ତର ଭାବେ ବୃଦ୍ଧି ପାଇବା ପାଇଁ ସକ୍ଷମ ଅଟେ ।ଲାର୍ଜ କ୍ୟାପ୍ ଏକ ସୁନିର୍ମିତ ପୋର୍ଟଫୋଲିଓର ମେରୁଦଣ୍ଡ ଗଠନ କରିଥାଏ । ନିଜର ବ୍ୟାପକତା, ମୂଲ୍ୟ ଶକ୍ତି, ପରିଚାଳନା ମାନଦଣ୍ଡ ଓ ସ୍ଥାୟୀ ନଗଦ ପ୍ରବାହ ସୃଷ୍ଟି କରିବା ପାଇଁ କ୍ଷମତା ସହିତ ସେମାନେ ଅର୍ଥନୈତିକ ଚକ୍ରରେ ସ୍ଥିର ରହିବା ପାଇଁ ପ୍ରସ୍ତୁତ ରହିଥାନ୍ତି । କ୍ଷଣସ୍ଥାୟୀ ସଂଗଠନ ଉପରେ ନିର୍ଭର କରିବା ପରିବର୍ତ୍ତେ ଲାର୍ଜ କ୍ୟାପ୍ ଫଣ୍ଡ ପୂର୍ବାନୁମାନଯୋଗ୍ୟ ଆୟ ଅଭିବୃଦ୍ଧି ପ୍ରଦାନ କରିଥାନ୍ତି, ଯାହା ସେଗୁଡିକୁ ଉଭୟ ପୁଞ୍ଜି ସଂଗ୍ରହ ଓ ପୋର୍ଟଫୋଲିଓ ସ୍ଥିରତା ଚାହୁଁଥିବା ନିବେଶକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କରୁଛି।ବର୍ତ୍ତମାନର ବଜାର ପରିବେଶ ଲାର୍ଜ କ୍ୟାପ୍ ନିବେଶ ସ୍ଥିତିକୁ ମଜବୁତ କରିଛି । ସଦ୍ୟତମ ସଂଶୋଧନ ପରେ ବଜାର ସେଗମେଂଟରେ ମୂଲ୍ୟାଙ୍କନ ଅନ୍ତର ବୃଦ୍ଧି ପାଇଛି । ବନ୍ଧନ ଲାର୍ଜ କ୍ୟାପ ଫଣ୍ଡ ଏକ ସୁ-ନିର୍ଦ୍ଧାରିତ ବିଏମଭି ଢାଂଚା ଅନୁସରଣକରୁଛି ଯାହା ପୋର୍ଟଫୋଲିଓ ନିର୍ମାଣର ସ୍ତମ୍ଭ ଭାବେ ବ୍ୟବସାୟ, ପରିଚାଳନା ଓ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେଇଥାଏ

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କାକଟପୁର ,(ସବ୍ୟୁ) : ଗଙ୍ଗାନାରାୟଣପୁର ମଧୁସୂଦନ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ମହାରଣାଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାପୀଠ ପରିସରରେ ଶିକ୍ଷୟିତ୍ରୀ ସୁବାସିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରମୋଦ କିଶୋର ପୃଷ୍ଟି, ମୁଖ୍ୟବକ୍ତା ଭାବେ କପିଳେନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ ରାଜେନ୍ଦ୍ର ମିଶ୍ର, ସାକିର ଅଲ୍ଲୀ ଖାନ, ଚନ୍ଦ୍ର ଶେଖର ସ୍ୱାଇଁ, ରାଖାଲ ଚନ୍ଦ୍ର ବିଶ୍ୱାଳ, ସୁନୀଲ ଶତପଥି, ବାଦଲ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକ ଶ୍ରୀ ମହାରଣା ଙ୍କ ଗୁଣାବଳୀ ଉପରେ ବକ୍ତବ୍ୟ ରଖିଥିଲେ ।ପରେ ଛାତ୍ର ମୁନା, ସୁଶାନ୍ତ, ଅଚ୍ଚୁ, ପକ୍କୁ, ଡୁଡୁନା, ଗୋପୀ, ସରୋଜ, ଦିଲ୍ଲୀପ, ବସ୍ତୁ, ବୁଲା, ତୋଫାନ, ରମାରଞ୍ଜନ, ମଙ୍ଗୁ, ରାଜୁ କାଳିଆ ପ୍ରମୁଖ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ ।ପରେ ଏକ ଶୋଭାଯାତ୍ରାରେ ଶ୍ରୀ ମହାରଣାଙ୍କୁ ନିଜ ଗ୍ରାମ ଆଙ୍ଗୁଅରେ ବିଦାୟ ଦେଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଈଙ୍କୁ ଅବସର ସମ୍ବର୍ଦ୍ଧନା

ବାଲିପାଟଣା ,(ସବ୍ୟୁ): ପି ଏମ ଶ୍ରୀ କୁଶଭଦ୍ରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଈଙ୍କ ଅବସର ସମ୍ବର୍ଦ୍ଧନା ସଭା ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୃଷ୍ଠପୋଷକ ତଥା ପୂର୍ବତନ ସରପଞ୍ଚ ଓ ଜିଲ୍ଲାପରିଷଦ ସଦସ୍ୟ ଭାଗିରଥୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ଣବ କୁମାର ବେହୁରା,ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,ପୂର୍ବତନ ପ୍ରଧାନ ଶିକ୍ଷକ ବେଣୁଧର ପାତ୍ର,ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଦୀପ ପ୍ରଧାନ, ଅନ୍ୟାନ୍ୟ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଜୟ ବେହେରା,ସୁଷମା ମହାପାତ୍ର,ଜ୍ୟୋସ୍ନା ରାଣୀ



ଦାଶ,ତପନ କୁମାର ରାଉତ,ସି ଆର୍ ସି ସି ଝୁନି ଦେଇ,ପୂର୍ବତନ ଶିକ୍ଷକ ସମୟ ମହାପାତ୍ର,ବିଦ୍ୟାଳୟ କମିଟି ସଭାପତି ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକାଳର ପ୍ରଶଂସା କରିଥିଲେ।ସରଳ ନିରାଡ଼ମ୍ବର ଜୀବନ ନିର୍ବାହ କରୁଥିବା ଶ୍ରୀମତୀ କୁମୁଦିନୀ ସତ୍ୟ ଧର୍ମ ନ୍ୟାୟ ପାଇଁ ଜୀବନ କୁ ଉତ୍ସର୍ଗ କରିବା କୁ ପିଲାମାନଙ୍କୁ ଉପଦେଶ ଦେଇ ଥିଲେ।ସମସ୍ତ କାର୍ଯ୍ୟକ୍ରମକୁ ଆଲୁମିନି କମିଟି ସଭାପତି ପ୍ରତାପ କେଶରୀ ସାହୁ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ,ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

## ଆମ୍ବୁଲାନ୍ସ କର୍ମଚାରୀ ପରିବାରଙ୍କୁ ସହାୟତା

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ସୁଶାନ୍ତ କୁମାର ଯାନୀଙ୍କ ପରିବାରକୁ ଏକ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛି ଅଲ ଓଡିଶା ଆମ୍ବୁଲାନ୍ସ ୟୁନିୟନ । ଗତ କିଛିଦିନ ତଳେ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିଲା । ତାଙ୍କର ଦଶାହ ଦିନ ଅଲ ଓଡିଶା ୧୦୮ ଆମ୍ବୁଲାନ୍ସ ୟୁନିୟନର କର୍ମକର୍ତାମାନେ ସୁଶାନ୍ତଙ୍କ ଗ୍ରାମରେ ପହଞ୍ଚି ତାଙ୍କ ପରିବାରକୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ କରିଥିଲେ ।

## ଭକ୍ତ ଦାସିଆ ପୀଠ : ପବିତ୍ର ସ୍ନାନପର୍ବରେ ଆଧ୍ୟାତ୍ମିକ ପତ୍ରିକା ଲୋକାର୍ପଣ

ପିପିଲି ,(ସବ୍ୟୁ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ, ପୁରୀ ଜିଲ୍ଲା ।ରବାଲିଗାଁରେ ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରଭୁଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦେବ ସ୍ନାନପର୍ବ ପାଳିତ ହୋଇଯାଇଛି ।ଏହିଅବସରରେ ଆଧ୍ୟାତ୍ମିକ ତ୍ରୟମାସିକ ପତ୍ରିକାର ଏକାଦଶ ବର୍ଷର ୨ୟ ସଂଖ୍ୟା ଭାବକୁ ନିକଟର ଲୋକାର୍ପିତହୋଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଡକ୍ଟର ପ୍ରତିଭା ମହାରଥୀ ସଭାପତିତ୍ୱ କରିଥିବାବେଳେ ୟୁରୋଭେଷନ



ସିଷ୍ଟମ୍ ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱରର ପରିଚାଳନା ନିର୍ଦ୍ଦେଶକ ପ୍ରଦିପ୍ତ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓ୍ୱାଲେଟ୍ ଫର୍ ଓ୍ୱେଲେଥ ମ୍ୟାନେଜମେଣ୍ଟ ପରିଚାଳନା ନିର୍ଦ୍ଦେଶକ – ତ୍ରିନାଥ ଲେଙ୍କା, କିଟ୍ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିରଞ୍ଜନ ମିଶ୍ର, ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁ, ସ୍ୱାସ୍ଥ୍ୟ ଓ ପରିମଳସମ୍ପାଦକ, ଅର୍ଜ୍ଜୁନ ଚରଣ ସାମଲ ଉତ୍ସବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡକ୍ଟର ଘନଶ୍ୟାମ ସ୍ୱାଇଁ ସଭା ପରିଚାଳନା କରିଥିବାବେଳେ, ବରିଷ୍ଠ ସଦସ୍ୟ ପ୍ରାଧ୍ୟାପକ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣନାଥ ମହାବିଦ୍ୟାଳୟ ଖୋର୍ଦ୍ଧାର ଅର୍ଥନୀତି ବିଭାଗର ପ୍ରାକ୍ତନ ପ୍ରଧ୍ୟାପିକା ଡକ୍ଟର ବାସନ୍ତି ଦାଶ, ଅକ୍ଷୟ ସାହୁ, ଗୋପାଳ ବଳ ପ୍ରମୁଖ ଯୋଗ ଦେଇଥିଲେ।

## ନିଶାମୁକ୍ତ ଓଡ଼ିଶା'କୁ ସଫଳ କରିବାକୁ ସଦର ଥାନାର ସଶକ୍ତ ପଦକ୍ଷେପ

ଫୁଲନଖରା ,(ସବ୍ୟୁ):ସମାଜରେ ଶାନ୍ତି, ସୁରକ୍ଷା ଓ ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କଟକ ସଦର ଥାନା ପକ୍ଷରୁ 'ଆମ ପୋଲିସ ସମିତି'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଆଇନଜୀବୀ, ଜନପ୍ରତିନିଧି, ସାମ୍ବାଦିକ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଜୋନ୪ ଏସିପି ଅମିତାଭ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନର ଶାସନ ପ୍ରତିଷ୍ଠା, ଜନସାଧାରଣଙ୍କ ସହଯୋଗ ଓ ଅପରାଧମୁକ୍ତ ସମାଜ ଗଠନରେ ପୋଲିସ-ଜନତାଙ୍କ ସମନ୍ୱୟ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଉମାକାନ୍ତ ନନ୍ଦ ଏବଂ କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ତଥା କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି




ଲଳିତ କୁମାର ଦାଶ ଉପସ୍ଥିତ ରହି ସାମାଜିକ ସଚେତନତା, ନୈତିକ ମୂଲ୍ୟବୋଧ ଓ ଆଇନ ପ୍ରତି ସମ୍ମାନ ବୃଦ୍ଧିର ଆବଶ୍ୟକତା ଉପରେ ମତ ରଖିଥିଲେ। ବୈଠକର ମୁଖ୍ୟ ଆକର୍ଷଣ ଥିଲା 'ନିଶାମୁକ୍ତ ଓଡ଼ିଶା ଅଭିଯାନ'। ଆଲୋଚନାରେ ।ବକ୍ତାମାନେ ମତ ରଖିଥିଲେ ଯେ, କେବଳ ପୋଲିସ ପ୍ରଶାସନର ପ୍ରୟାସ ଦ୍ୱାରା ନିଶାମୁକ୍ତ ସମାଜ ଗଠନ ସମ୍ଭବ ନୁହେଁ। ଏଥିପାଇଁ ଅଭିଭାବକ, ଶିକ୍ଷକ, ସମାଜସେବୀ, ଗଣମାଧ୍ୟମ, ସେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ।ଏହି ଅବସରରେ ସମସ୍ତ ଉପସ୍ଥିତ ସଦସ୍ୟ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନପ୍ରତିନିଧିମାନେ ପୋଲିସ ସହ ସମନ୍ୱୟ ରଖି ଅପରାଧ ଦମନ, ଟ୍ରାଫିକ ସଚେତନତା, ରାତ୍ରିକାଳୀନ ପାଟ୍ରୋଲିଂ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ସୂଚନା ପ୍ରଦାନ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ପୋଲିସ କେବଳ ଆଇନ ପ୍ରୟୋଗକାରୀ ସଂସ୍ଥା ନୁହେଁ, ବରଂ ସମାଜର ବିଶ୍ୱସ୍ତ ସହଯୋଗୀ। ଜନସାଧାରଣଙ୍କ ସହ ସମନ୍ୱୟ ରଖି ଅପରାଧ ନିୟନ୍ତ୍ରଣ, ନିଶା ବିରୋଧୀ ଅଭିଯାନ ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ସଦର ଥାନା ସଦା ସକ୍ରିୟ ରହିଛି ତାଙ୍କ ନେତୃତ୍ୱରେ ଜନସମ୍ପର୍କ ବୃଦ୍ଧି, ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ସହ ଶୁଣିବା ଏବଂ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ଭଳି ପଦକ୍ଷେପକୁ ଉପସ୍ଥିତ ବ୍ୟକ୍ତିମାନେ ସ୍ୱାଗତ କରିଥିଲେ। ଏହି ବୈଠକରେ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ବିକ୍ରମ ଶତପଥୀ, ଅନିଲ କୁମାର ବେଉରା, ପ୍ରମୋଦ କୁମାର ବେହେରା, ଅଶୋକ ପାତ୍ର, ଚତୁର୍ଭୁଜ ମହାପାତ୍ର, ଅଶୋକ କୁମାର ସାହୁ, ରଞ୍ଜିତ କୁମାର ସ୍ୱାଇଁ, ଅମିତ କୁମାର ପରିଜା, ଚିନ୍ମୟ ମହାରଣା, ଶ୍ରୀଧର ସାହୁ, ଅମୂଲ୍ୟ ନାୟକ, ପ୍ରତାପ ଚନ୍ଦ୍ର ସାହୁ, ଆଲୋକ କୁମାର ରାଉତଙ୍କ ସମେତ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ, ସୋସାଇଟି କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପାଚିକା ସହାୟିକାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୨୦ ବର୍ଷ ଧରି ପାଚିକା ସହାୟକା ଭାବେ କାର୍ଯ୍ୟ କରି ଆସୁଥିବା ମିନିକା ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏ ଅବସରରେ ଏସ ଏମ ସି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମିନିକାଙ୍କୁ ବିଦାୟକାଳୀନ ସାମଗ୍ରୀ ପ୍ରଦାନ କରାଯିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସାମୟିକ କ୍ରୀଡା ଶିକ୍ଷକ ଆଲୋକ ସେନାପତି ମିନିକାଙ୍କ କାର୍ଯ୍ୟ ସମ୍ପର୍କରେ ସ୍ମରଣ କରିଥିଲେ ।ଏହି ସଭାରେ ଏବିଇଓ ଗୋପବନ୍ଧୁ ଦେହୁରୀ ବିଦ୍ୟାଳୟରେ ପହଞ୍ଚି ମିନିକାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ସଭାକୁ ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ମହାପାତ୍ର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶଭା ରେ ଏସ ଏମ ସି କମିଟି ସମସ୍ତ ସଭ୍ୟ ସଭ୍ୟା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।


ଭାରତ ସରକାର
କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କମ୍ପାନୀ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍)
ଆଇ.ଆଇ.ସିଏ. ବିଲ୍ଡିଂ, ୭ମ ମହଲା,
ପ୍ଲଟ ପି-୬,୭,୮, ସେକ୍ଟର ୫, ଆଇ.ଏମ୍.ଟି ମାନେଶ୍ୱର, ଗୁରୁଗାଁ,
ହରିଆନା-୧୨୨୦୫୦
ଇମେଲ : roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated
Corporate Exit (C-PACE)
IICA Building, 7th Floor,
Plot P-6,7,8, Sector-5, IMT Manesar,
Gurgaon, Haryana - 122050.
Email: roc.cpace@mca.gov.in

ଫର୍ମ ନଂ ଏସଟିକେ -୬

ସାର୍ବଜନୀନ ବିଜ୍ଞପ୍ତି

କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮ ର ଉପ-ଧାରା (୨) ଏବଂ ଉପ-ଧାରା (୪) ଏବଂ କମ୍ପାନୀ (କମ୍ପାନୀ ପଞ୍ଜିକାରରୁ କମ୍ପାନୀର ନାମ ବାଦ ଦେବା) ନିୟମ, ୨୦୧୬ ର ନିୟମ ୭ ଅନୁସାରେ

ସାର୍ବଜନୀନ :ଆରଓସି/ସି-ପେସ/ଏସଟିକେ -୨/୨୪୮(୨)/୨୦୨୬-୨୭/୬୨୩ ତାରିଖ: ୨୩/୦୬/୨୦୨୬

ସନ୍ଦର୍ଭ :

କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮ ଅନୁଯାୟୀ ଓଡ଼ିଶା ରାଜ୍ୟର (୬) କମ୍ପାନୀର ନାମ ବାଦ ଦେବା କିମ୍ବା କାଟି ଦେବା ସମ୍ପର୍କରେ :

| କ୍ର.ନଂ | ଓ୍ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀ ନାମ |
|---|---|---|---|
| ୧ | ଏସି୩୭୧୨୩୦୬ | ୟୁ୫୫୧୦୦କ୍ୟୁଆର୨୦୧୮ଟିସି୦୧୨୫୫୦ | ଅଷ୍ଟୋରିଆ ପ୍ଲାଜା ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୩୮୯୦୬୭୨ | ୟୁ୩୫୧୦୬ଓଡି୨୦୨୩ପିଟିସି୦୪୨୪୧୨ | ହିଣ୍ଡାର୍କ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏସି୩୮୫୦୧୧୧ | ୟୁ ୭୨୨୦୦ଓଆର୨୦୧୦ପିଟିସି୦୧୨୦୦୮ | ଆଡଭାନ୍ସ ଇନୋଭେଟିଭ୍ ନେଟ୍ୱାର୍କ ପ୍ରାଇଭେଟ୍ ଲିମିଟେଡ୍ |
| ୪ | ଏସି୩୮୧୫୪୬୬ | ୟୁ୫୧୯୦୯ଓଆର୨୦୨୧ପିଟିସି୦୩୭୬୪୨ | ଡିପିଏମ୍ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍ |
| ୫ | ଏସି୩୭୯୩୪୬୧ | ୟୁ୬୩୦୩୦ଓଆର୨୦୨୧ପିଟିସି୦୩୫୪୪୦ | କ୍ୟାରି କାଟର ପ୍ରାଇଭେଟ୍ ଲିମିଟେଡ୍ |
| ୬ | ଏସି୩୬୭୯୫୮୨ | ୟୁ୧୦୫୦୯ଓଡି୨୦୨୫ପିଟିସି୦୪୮୭୭୧ | ରେନ୍‌ସେଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ସୂଚନା ଦିଆଯାଉଛି ଯେ କମ୍ପାନୀ ପଞ୍ଜିକାରକ କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮(୨) ଅନୁଯାୟୀ ଉପରୋକ୍ତ କମ୍ପାନୀଗୁଡ଼ିକଙ୍କଠାରୁ କମ୍ପାନୀ ପଞ୍ଜିକାରରୁ ସେମାନଙ୍କ ନାମ (ଗୁଡ଼ିକ) ବାଦ ଦେବା ପାଇଁ ଆବେଦନ ଗ୍ରହଣ କରିଥିଲେ କାରଣ ସେମାନେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତ । ସେମାନଙ୍କ ଅନ୍ତର୍ଭୁକ୍ତିର ଏକ ବର୍ଷ ମଧ୍ୟରେ କିମ୍ବା ଏହି ଆଧାରରେ ଯେ କମ୍ପାନୀ (ଗୁଡ଼ିକ) ପୂର୍ବ ଦୁଇ ଆର୍ଥିକ ବର୍ଷ ପାଇଁ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରୁନାହିଁ / କରୁନାହାନ୍ତି ଏବଂ କମ୍ପାନୀ ଆଇନ, ୨୦୧୩ ର ଧାରା ୪୫୫ ଅନୁଯାୟୀ ଏକ ନିଷ୍କ୍ରିୟ କମ୍ପାନୀର ମାନ୍ୟତା ପାଇବା ପାଇଁ ଏପରି ସମୟ ମଧ୍ୟରେ କୌଣସି ଆବେଦନ କରିନାହିଁ / କରିନାହାନ୍ତି କିମ୍ବା କମ୍ପାନୀ (ଗୁଡ଼ିକ) ସ୍ମାରକପତ୍ରରେ ନିଷ୍କ୍ରିୟ କମ୍ପାନୀ / ସବସ୍କ୍ରାଇବର୍ସଙ୍କ ସ୍ଥିତି ହାସଲ କରିଛି, ସେମାନେ ଏକ କମ୍ପାନୀର ଅନ୍ତର୍ଭୁକ୍ତିକରଣ ସମୟରେ ପ୍ରଦାନ କରିବାକୁ ଯେଉଁ ସବସ୍କ୍ରିପସନ ଦେଇଥିଲେ ତାହା ଦେଇନାହାଁନ୍ତି ଏବଂ ଧାରା ୧୦ଅ ର ଉପଧାରା (୧) ଅନୁଯାୟୀ ଏହାର ଅନ୍ତର୍ଭୁକ୍ତିର ଏକ ଶହ ଅଶୀ ଦିନ ମଧ୍ୟରେ ଏହି ପ୍ରଭାବର ଘୋଷଣା ଦାଖଲ କରାଯାଇନାହିଁ / କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରୁନାହିଁ, ଯେପରି ଧାରା ୧୨ ର ଉପଧାରା (୯) ଅନୁଯାୟୀ କରାଯାଇଥିବା ଭୌତିକ ଯାଞ୍ଚ ପରେ ପ୍ରକାଶିତ ହୋଇଛି, କିନ୍ତୁ ସେମାନେ କମ୍ପାନୀ ଭାବରେ ଏହାର ପଞ୍ଜୀକରଣ ଜାରି ରଖିବାକୁ ଚାହାଁନ୍ତି ନାହିଁ ଏବଂ ତେଣୁ, କମ୍ପାନୀଗୁଡ଼ିକର ରେଜିଷ୍ଟରରୁ ଏହାର ନାମକୁ ବାଦ ଦେବା / କାଟିବା ପାଇଁ ଅନୁରୋଧ କରିଛନ୍ତି ।

୩. ତଦନୁସାରେ, କମ୍ପାନୀ ରେଜିଷ୍ଟ୍ରାର କମ୍ପାନୀ ପଞ୍ଜିକାରୁ ଉପରୋକ୍ତ କମ୍ପାନୀଗୁଡ଼ିକର ନାମ ବାଦ ଦେବା କିମ୍ବା କାଟିବା ପାଇଁ ପ୍ରସ୍ତାବ ଦେଇଛନ୍ତି ।

୪. କମ୍ପାନୀ ପଞ୍ଜିକାରୁ ପ୍ରସ୍ତାବିତ କମ୍ପାନୀଗୁଡ଼ିକର ନାମ ବାଦ ଦେବା କିମ୍ବା କାଟିବା ଉପରେ ଆପତ୍ତି କରୁଥିବା ଯେକୌଣସି ବ୍ୟକ୍ତି ଏହି ସୂଚନା ପ୍ରକାଶନ ତାରିଖରୁ ତିରିଶ ଦିନ ମଧ୍ୟରେ ଉପରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟାଳୟ ଠିକଣାରେ ତାଙ୍କର ଆପତ୍ତି ପଠାଇପାରିବେ ।

ଇରକାନ୍ ତିର୍କି
ଡେପୁଟି ରେଜିଷ୍ଟ୍ରାର
ତ୍ୱରିତ କର୍ପୋରେଟ୍ ପ୍ରସ୍ଥାନ ପ୍ରକ୍ରିୟାକରଣ କେନ୍ଦ

CBC07123/11/0276/2627

## ସମ୍ପାଦକୀୟ

# ସିନ୍ଧୁ ଜଳ ବିବାଦରୁ କିଏ କ୍ଷତିଗ୍ରସ୍ତ ?

ସିନ୍ଧୁ ଜଳ ଚୁକ୍ତି ବିବାଦ ଯୋଗୁଁ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି ଏବଂ ପାକିସ୍ତାନ ପିପୁଲସ୍ ପାର୍ଟିର ଅଧ୍ୟକ୍ଷ ବିଲୱାଲ ଭୁଟ୍ଟୋ ଭାରତକୁ ପରମାଣୁ ଯୁଦ୍ଧର ଧମକ ଦେଇଛନ୍ତି । ପାକିସ୍ତାନ ମନେ ରଖିବା ଉଚିତ ଯେ ପାକିସ୍ତାନ ଗଛର ଡାଳେ ଡାଳେ ଗଲେ, ଭାରତ ଗଛର ପତରେ ପତରେ ଯାଇ ନିଜକୁ ସୁରକ୍ଷା ଦେବା ସହିତ ପାକିସ୍ତାନକୁ ପାନେ ଦେଇ ପାରିବ । ଭୁଟ୍ଟୋଙ୍କର ପୂର୍ବ ବଂଶଧରମାନେ ଭାରତ ବିରୋଧରେ ଏହିପରି ନାନାଦି ମିଛ କଥା କହି କହି ପାକିସ୍ତାନ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ସେମାନଙ୍କ ସହାନୁଭୂତି ଲାଭ କରୁଥିଲେ । କିନ୍ତୁ ଫଳ କିଛି ହୋଇ ନଥିଲା । ସେମାନେ କେତେବେଳେ ଆମେରିକାର ଗୋଡାଣିଆ ହେଉଥିଲେ ତ ଆଉ କେତେବେଳେ ଚୀନ୍‌ର । ପାକିସ୍ତାନର ନିଜତ୍ୱ ବୋଲି କିଛି ନଥିଲା । ଏ କଥା ସମୁଦାୟ ବିଶ୍ୱରେ ସମସ୍ତେ ଅନୁଭବ କରିଥିଲେ ସେତେବେଳେ । ଏବେ ମଧ୍ୟ ପାକିସ୍ତାନର ଫମ୍ପା ଆୱାଜ କିଛି କମି ନାହିଁ ।

ପାକିସ୍ତାନ ସହିତ ଭାରତର ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି ଅତୀତରେ । ଭାରତ ସହିତ ପାକିସ୍ତାନର ସିନ୍ଧୁ ଜଳ ବଣ୍ଟନ ଚୁକ୍ତି ବିଶ୍ୱବ୍ୟାଙ୍କ ମଧ୍ୟସ୍ଥତାରେ ୧୯୬୦ରେ ସ୍ୱାକ୍ଷରିତ ହୋଇଥିଲା । ଉଭୟ ଭାରତ ଓ ପାକିସ୍ତାନ ମଧ୍ୟରେ ଜଳ ବଣ୍ଟନ ପାଇଁ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଛଅଗୋଟି ନଦୀକୁ ଏହି ଜଳ ବଣ୍ଟନ ସକାଶେ ଭାଗ କରା ଯାଇଥିଲା । ପାକିସ୍ତାନର ପଶ୍ଚିମାଞ୍ଚଳରେ ଥିବା ସିନ୍ଧ, ଝେଲମ ଓ ଚେନାବକୁ ୯୯ ବିଲିଅନ କ୍ୟୁବିକ ମିଟର ଜଳ ବଣ୍ଟନ କରାଯାଇ ଅବଶିଷ୍ଟାଂଶ ଜଳକୁ ଭାରତ ପୂର୍ବାଞ୍ଚଳରେ ଥିବା ରଭି, ବିଅସ୍ ଓ ସତଲେଜ୍ (୪୧ ବିଲିଅନ କ୍ୟୁବିକ ମିଟର) ଦେବା ଲାଗି ଚୁକ୍ତି ହୋଇଥିଲା । କରାଚିଠାରେ ୧୯୬୦ ସେପ୍ଟେମ୍ବର ୧୯ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜୱାହରଲାଲ ନେହରୁ ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାଁଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ମାତ୍ର ବିଭିନ୍ନ ଦୃଷ୍ଟିରୁ ଏହି ଚୁକ୍ତି ତ୍ରୁଟିପୂର୍ଣ୍ଣ ଥିଲା । ଭାରତ ଏଥିରେ କ୍ଷତିଗ୍ରସ୍ତ ହୋଇଥିଲା । ନଦୀ ଉପତ୍ୟକାରେ ଭାରତର ଜନସଂଖ୍ୟା ଓ କୃଷିର ଆବଶ୍ୟକତା ପ୍ରତି ଦୃଷ୍ଟି ଦିଆଯାଇ ନଥିଲା ଏହି ଚୁକ୍ତିରେ ।

**ଏହା ପରେ ପାକିସ୍ତାନ ପକ୍ଷରୁ ୨୦୧୬ର ଉରି ଆକ୍ରମଣ ପରେ ଏହି ସିନ୍ଧୁ ଜଳ ବଣ୍ଟନ ଚୁକ୍ତିକୁ ବାତିଲ କରିବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଧମକ ଦେଇଥିଲେ । ସେ କହିଥିଲେ ଯେ ରକ୍ତ ଓ ଜଳ ଏକ ସଙ୍ଗେ ବହି ପାରିବ ନାହିଁ । ସେତେବେଳେ ମଧ୍ୟ ପାକିସ୍ତାନ ଭାରତକୁ ସତର୍କ କରାଇ ଦେଇଥିଲା ଯେ ସିନ୍ଧୁ ଜଳର ସ୍ରୋତକୁ କୌଣସି ଉପାୟରେ ଭାରତ ବନ୍ଦ କଲେ, ଯୁଦ୍ଧଜନିତ ପରିସ୍ଥିତି ସୃଷ୍ଟି ହେବ ଏବଂ ପାକିସ୍ତାନ ପକ୍ଷରୁ ପରମାଣୁ ବୋମା ଦ୍ୱାରା ଭାରତ ଉପରେ ଆକ୍ରମଣ କରାଯିବ । ଭାରତ ଏହି ଚୁକ୍ତି ବଳରେ ମାତ୍ର ୩୦ ପ୍ରତିଶତ ଜଳ ପୂର୍ବାଞ୍ଚଳର ନଦୀଗୁଡ଼ିକ ଜରିଆରେ ପାଉଥିଲା ଆଉ ପାକିସ୍ତାନ ୭୦ ପ୍ରତିଶତ ଜଳ ପାଇ ଲାଭବାନ ହେଉଥିଲା ।**

ଏହା ପରେ ପାକିସ୍ତାନ ପକ୍ଷରୁ ୨୦୧୬ର ଉରି ଆକ୍ରମଣ ପରେ ଏହି ସିନ୍ଧୁ ଜଳ ବଣ୍ଟନ ଚୁକ୍ତିକୁ ବାତିଲ କରିବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଧମକ ଦେଇଥିଲେ । ସେ କହିଥିଲେ ଯେ ରକ୍ତ ଓ ଜଳ ଏକ ସଙ୍ଗେ ବହି ପାରିବ ନାହିଁ । ସେତେବେଳେ ମଧ୍ୟ ପାକିସ୍ତାନ ଭାରତକୁ ସତର୍କ କରାଇ ଦେଇଥିଲା ଯେ ସିନ୍ଧୁ ଜଳର ସ୍ରୋତକୁ କୌଣସି ଉପାୟରେ ଭାରତ ବନ୍ଦ କଲେ, ଯୁଦ୍ଧଜନିତ ପରିସ୍ଥିତି ସୃଷ୍ଟି ହେବ ଏବଂ ପାକିସ୍ତାନ ପକ୍ଷରୁ ପରମାଣୁ ବୋମା ଦ୍ୱାରା ଭାରତ ଉପରେ ଆକ୍ରମଣ କରାଯିବ । ଭାରତ ଏହି ଚୁକ୍ତି ବଳରେ ମାତ୍ର ୩୦ ପ୍ରତିଶତ ଜଳ ପୂର୍ବାଞ୍ଚଳର ନଦୀଗୁଡ଼ିକ ଜରିଆରେ ପାଉଥିଲା ଆଉ ପାକିସ୍ତାନ ୭୦ ପ୍ରତିଶତ ଜଳ ପାଇ ଲାଭବାନ ହେଉଥିଲା ।

ଗତ ୨୦୨୫ ଏପ୍ରିଲ ୨୩ ତାରିଖରେ ପହଲଗାମରେ ପାକିସ୍ତାନ ଯେଉଁ ଆତଙ୍କବାଦୀଙ୍କଦ୍ୱାରା ଆକ୍ରମଣ ଆରମ୍ଭ କରିଥିଲା, ତଦ୍ୱାରା ୨୬ ଜଣଙ୍କର ପ୍ରାଣହାନି ଘଟିଥିଲା । ଏହା ପରେ ଭାରତ ସିନ୍ଧୁ ଜଳ ବଣ୍ଟନ ଚୁକ୍ତିକୁ ସ୍ଥଗିତ ରଖିଥିଲା ଏବଂ ଜାତୀୟ ନିରାପତ୍ତା ଦୃଷ୍ଟିରୁ ଏହା କରା ଯାଇଥିଲା ବୋଲି କାରଣ ଦର୍ଶା ଯାଇଥିଲା ।

ସେବେଠାରୁ ପାକିସ୍ତାନର ଏହି ଭୁଟ୍ଟୋ ଭାରତ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିଲେ । ମାତ୍ର କିଛି କରି ପାରି ନଥିଲେ । ଏବେ ମଧ୍ୟ ସେ ପରମାଣୁ ବୋମା ଆକ୍ରମଣର ଧମକ ଦେଉଛନ୍ତି, ଯାହାର ମୂଲ୍ୟ କିଛି ନାହିଁ ବୋଲି ଉଭୟ ରାଷ୍ଟ୍ରର ଲୋକେ ଅନୁଭବ କରୁଛନ୍ତି । ଅଥଚ ଏହି ଚୁକ୍ତିକୁ ବାତିଲ କରିବାକୁ ଯାଇ ଭାରତ ତାହାର ସାହସିକତା ପ୍ରଦର୍ଶନ କରିଛି ଓ ପାକିସ୍ତାନ ପ୍ରକୃତରେ କ୍ଷତିଗ୍ରସ୍ତ ହୋଇଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପଶ୍ଚିମ ଏସିଆରେ ନୂଆ ସମ୍ଭାବନା:

# ଆମେରିକା-ଇରାନର ୧୪ ସୂତ୍ରୀ ବୁଝାମଣାପତ୍ର



**ତେଜେଶ୍ୱର ପଟ୍ଟନାୟକ**

ଆମେରିକା ଓ ଇରାନ ମଧ୍ୟରେ ସମ୍ପ୍ରତି ହୋଇଥିବା ଶାନ୍ତି ଆଲୋଚନା ଆନ୍ତର୍ଜାତିକ ସ୍ତରରେ ବ୍ୟାପକ ଧ୍ୟାନ ଆକର୍ଷଣ କରିବା ସହ କୂଟନୈତିକ ଓ ଆର୍ଥିକ ମହଲରେ ନୂଆ ଆଶା ସଞ୍ଚାର କରିଛି । ଏହି ବୁଝାମଣାକୁ ପଶ୍ଚିମ ଏସିଆରେ ଦୀର୍ଘଦିନ ଧରି ଚାଲିଥିବା ଉତ୍ତେଜନା ଓ ଅନିଶ୍ଚିତତା କମେଇବାର ଏକ ସମ୍ଭାବ୍ୟ କୂଟନୈତିକ ପଦକ୍ଷେପ ଭାବେ ଦେଖାଯାଉଛି । ଗତ ସପ୍ତାହରେ ଆମେରିକା ଓ ଇରାନ ମଧ୍ୟରେ ଏକ ଐତିହାସିକ ୧୪-ସୂତ୍ରୀ ବୁଝାମଣାପତ୍ର (MoU) ସ୍ୱାକ୍ଷରିତ ହେବା ସହିତ ବିଶ୍ୱ ସମୁଦାୟ ଏକ ଉଲ୍ଲେଖନୀୟ କୂଟନୈତିକ ପରିବର୍ତ୍ତନର ସାକ୍ଷୀ ହୋଇଛି । ଏହି ଆଲୋଚନାରେ ପାକିସ୍ତାନ ଓ କାତାର ମଧ୍ୟସ୍ଥତା କରିଥିବା କୁହାଯାଇଛି, ଯାହା ଫଳରେ ତୁରନ୍ତ ଯୁଦ୍ଧବିରତି ସମ୍ଭବ ହୋଇଥିବା ସହ ୬୦ ଦିନ ମଧ୍ୟରେ ଏକ ସମ୍ପୂର୍ଣ୍ଣ ଶାନ୍ତି ଚୁକ୍ତି ପାଇଁ ଆଲୋଚନାର ପଥ ଖୋଲିଛି । ଟ୍ରମ୍ପଙ୍କ ବୁଝାମଣା ପତ୍ର ଘୋଷଣା ପରେ ବିଶ୍ୱ ବଜାରରେ ତୈଳ ମୂଲ୍ୟ ହ୍ରାସ ପାଇଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇରାନର ରାଷ୍ଟ୍ରପତି ମାସୁଦ ପେଜେଶ୍କିଆନଙ୍କ ଦ୍ୱାରା ସ୍ୱାକ୍ଷରିତ ଏହି ପ୍ରାରମ୍ଭିକ ଚୁକ୍ତି ତୁରନ୍ତ କାର୍ଯ୍ୟକାରୀ ହୋଇଥିବା ସହ ଚୂଡ଼ାନ୍ତ ସମାଧାନ ପାଇଁ ୬୦ ଦିନର ଆଲୋଚନା ଅବଧି ଧାର୍ଯ୍ୟ କରାଯାଇଛି । ସ୍ୱିଜରଲ୍ୟାଣ୍ଡର ଜେନିଭାରେ ଆମେରିକୀୟ ବୈଷୟିକ ଦଳ, ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ନେତୃତ୍ୱରେ, ଇରାନୀ ପ୍ରତିନିଧିମଣ୍ଡଳ ସହ ସିଧାସଳଖ ଆଲୋଚନା ଆରମ୍ଭ କରିଛନ୍ତି ।

ଆଲୋଚନାର ଏକ ପ୍ରମୁଖ ପ୍ରସଙ୍ଗ ହେଉଛି ଲେବାନନକୁ କେନ୍ଦ୍ର କରି ଉତ୍ତେଜନା କମାଇବା । ତଥାପି ଇରାନ-ସମର୍ଥିତ ହେଜବୋଲା ଓ ଇସ୍ରାଏଲ ମଧ୍ୟରେ ଦକ୍ଷିଣ ଲେବାନନରେ ଚାଲୁଥିବା ସଂଘର୍ଷ ଏହି ଶାନ୍ତି ପ୍ରକ୍ରିୟା ପାଇଁ ଏକ ବଡ଼ ଆହ୍ୱାନ ହୋଇ ରହିଛି । ଇସ୍ରାଏଲ ହେଜବୋଲା ସଙ୍ଗଠନ ପ୍ରତି ଅବିଶ୍ୱାସ ପ୍ରକାଶ କରୁଥିବାବେଳେ ସଂଘର୍ଷ ପୂର୍ଣ୍ଣ ଭାବେ ଥମିନାହିଁ । ଆମେରିକା ପ୍ରଶାସନ ଇସ୍ରାଏଲ ସହ ନିୟମିତ ଯୋଗାଯୋଗ ରଖି ଉତ୍ତେଜନା କମେଇବାକୁ ପ୍ରୟାସ କରିବାର ପ୍ରତିଶ୍ରୁତି ଦେଇଛି । ଏହି ଶାନ୍ତି ପ୍ରକ୍ରିୟାରେ ଇସ୍ରାଏଲକୁ ଆନୁଷ୍ଠାନିକ ଭାବେ ଆଲୋଚନାର ବାହାରେ ରଖାଯାଇଛି ।

ପଶ୍ଚିମ ଏସିଆରେ ଦୀର୍ଘଦିନ ଧରି ଚାଲିଥିବା ସଂଘର୍ଷ ଓ ଅସ୍ଥିରତା ମଧ୍ୟରେ ଏହି ୧୪-ସୂତ୍ରୀ ବୁଝାମଣାପତ୍ରକୁ ଏକ ଐତିହାସିକ ପଦକ୍ଷେପ ତଥା କୂଟନୈତିକ ପ୍ରୟାସ ଭାବେ ଦେଖାଯାଉଛି । ଏହି ବୁଝାମଣା ପତ୍ରରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାମରିକ ଉତ୍ତେଜନା ହ୍ରାସ, ଆର୍ଥିକ ସହଯୋଗ, ସାମୁଦ୍ରିକ ସୁରକ୍ଷା ଏବଂ ପରମାଣୁ ପ୍ରତିବଦ୍ଧତା ଭଳି ବିଷୟ ଉଲ୍ଲେଖ ଅଛି ।

ବୁଝାମଣାପତ୍ରର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ଲେବାନନ ସମେତ ଇରାନର ସୀମାବର୍ତ୍ତୀ ଅଞ୍ଚଳରେ ସାମରିକ କାର୍ଯ୍ୟକଳାପ କମାଇବା ଏବଂ ଆଞ୍ଚଳିକ ସ୍ଥିରତା ସୁଦୃଢ଼ କରିବା । ଲେବାନନର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦେବାକୁ ମଧ୍ୟ ଏଥିରେ ସ୍ଥାନ ଦିଆଯାଇଛି । ପାରସ୍ପରିକ ସାର୍ବଭୌମତ୍ୱ ପ୍ରତି ସମ୍ମାନ ଏବଂ ଇରାନର ଆଭ୍ୟନ୍ତରୀଣ ବ୍ୟାପାରରେ ଆମେରିକା ହସ୍ତକ୍ଷେପ କରିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି ।

ଆମେରିକା ଭିତରେ ଏହି ବୁଝାମଣାପତ୍ରକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି ଏବଂ କେତେକ ମହଲରେ ଟ୍ରମ୍ପ ପ୍ରଶାସନକୁ ସମାଲୋଚନା ମଧ୍ୟ କରାଯାଇଛି ।

ଏହି ବୁଝାମଣାପତ୍ର (MOU)କୁ ୬୦ ଦିନ ମଧ୍ୟରେ ଚୂଡ଼ାନ୍ତ ରୂପ ଦେବାର ଲକ୍ଷ୍ୟ ରଖା ଯାଇଥିବାବେଳେ, ଆବଶ୍ୟକ ହେଲେ ପାରସ୍ପରିକ ସମ୍ମତି ଆଧାରରେ ସମୟସୀମା ବୃଦ୍ଧି କରାଯାଇ ପାରିବ ।

ସୁରକ୍ଷା ବ୍ୟବସ୍ଥାର ଅଂଶ ଭାବେ ଇରାନକୁ ଘେରି ଥିବା ଆମେରିକାର ସାମୁଦ୍ରିକ କଟକଣା ହ୍ରାସ ପାଇବ । ଚୂଡ଼ାନ୍ତ ଚୁକ୍ତି ପରେ ଆମେରିକା ଇରାନ ନିକଟବର୍ତ୍ତୀ ଅଞ୍ଚଳରୁ ସେନା ପ୍ରତ୍ୟାହାର ପ୍ରତି ମଧ୍ୟ ପ୍ରତିବଦ୍ଧତା ଦେଖାଇବ ।

ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି କରିଡୋର ଭାବେ ପରିଚିତ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଏହି ଚୁକ୍ତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହା ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତା ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଓମାନ ସମେତ ଉପସାଗରୀୟ ଦେଶମାନଙ୍କ ସହ ସାମୁଦ୍ରିକ ସୁରକ୍ଷା ଢାଞ୍ଚା ଗଠନ ନେଇ ମଧ୍ୟ ଆଲୋଚନା ଜାରି ରହିଛି ।

ବୁଝାମଣାପତ୍ରରେ ଇରାନ ପାଇଁ ପ୍ରାୟ ୩୦୦ ବିଲିୟନ ଆମେରିକୀୟ ଡଲାରର ପୁନର୍ନିର୍ମାଣ ଓ ଆର୍ଥିକ ବିକାଶ ପ୍ୟାକେଜ୍ ପ୍ରସ୍ତାବ ରହିଛି ।

ଜେନିଭା ଆଲୋଚନା ପରେ ଆମେରିକା କିଛି ଆର୍ଥିକ ପ୍ରତିବନ୍ଧକ ଶିଥିଳ କରିବାକୁ ଘୋଷଣା କରିଛି । ଜାତିସଂଘ ସୁରକ୍ଷା ପରିଷଦ ମାଧ୍ୟମରେ ମଧ୍ୟ ପର୍ଯ୍ୟାୟ କ୍ରମେ ପ୍ରତିବନ୍ଧକ ହଟିବାର ସମ୍ଭାବନା ଉଲ୍ଲେଖ କରାଯାଇଛି ।

ପରମାଣୁ ପ୍ରସଙ୍ଗରେ ଇରାନ ପୁନର୍ବାର ସ୍ପଷ୍ଟ କରିଛି ଯେ ସେ ପରମାଣୁ ଅସ୍ତ୍ର ତିଆରି କରିବ ନାହିଁ । ତଥାପି ୟୁରାନିୟମ ଭଣ୍ଡାର ଅନ୍ତର୍ଜାତୀୟ ନିରୀକ୍ଷଣ ଅଧୀନରେ ରହିବ ଏବଂ ପ୍ରତିବନ୍ଧକ ହଟିବା ପାଇଁ ପରମାଣୁ ସମ୍ବନ୍ଧୀୟ ସର୍ତ୍ତାବଳୀ ଇରାନକୁ ପାଳନ କରିବାକୁ ହେବ ।

ବିଦେଶରେ ଜମା ଥିବା ଇରାନ ସରକାରଙ୍କ ସମ୍ପତ୍ତିକୁ ପର୍ଯ୍ୟାୟକ୍ରମେ ମୁକ୍ତ କରାଯିବାର ପ୍ରସ୍ତାବ ରହିଛି । ଏଥିସହ ଇରାନର ତେଲ, ପେଟ୍ରୋଲିୟମ ରପ୍ତାନି, ବ୍ୟାଙ୍କିଂ ଏବଂ ପରିବହନ ସେବା ଉପରେ କିଛି କଟକଣା ଅସ୍ଥାୟୀ ଭାବେ କୋହଳ କରାଯାଇ ପାରେ । ଚୁକ୍ତି କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା ପାଇଁ ଉଭୟ ଦେଶର ପ୍ରତିନିଧିମାନଙ୍କୁ ନେଇ ଏକ ମିଳିତ ତଦାରଖ କମିଟି ଗଠନ କରାଯିବ, ଯାହା ମତଭେଦ ଓ କାର୍ଯ୍ୟାନ୍ୱୟନଜନିତ ସମସ୍ୟାର ସମାଧାନ କରିବ । ଯେକୌଣସି ଚୂଡ଼ାନ୍ତ ଚୁକ୍ତିକୁ ଜାତିସଂଘ ସୁରକ୍ଷା ପରିଷଦର ଅନୁମୋଦନ ମାଧ୍ୟମରେ ସ୍ୱୀକୃତି ଦିଆଯିବ ବୋଲି ମଧ୍ୟ ପ୍ରସ୍ତାବ ରହିଛି ।

ଶେଷରେ, ବିଶ୍ୱ ବଜାର ଏହି ଶାନ୍ତି ପ୍ରୟାସକୁ ସକାରାତ୍ମକ ଭାବରେ ଗ୍ରହଣ କରିଥିବାବେଳେ କିଛି ବିଶ୍ଳେଷକମାନେ ସନ୍ଦେହ ପ୍ରକଟ କରିଛନ୍ତି । ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ ପାଇଲେ ବିଶ୍ୱ ତୈଳ ଓ ଗ୍ୟାସ ଯୋଗାଣ ବ୍ୟବସ୍ଥା ସ୍ଥିର ରହିପାରେ, କିନ୍ତୁ ଏହି ଚୁକ୍ତିନାମାର ଚୂଡ଼ାନ୍ତ ସଫଳତା ନିର୍ଭର କରିବ ଉଭୟ ଦେଶର ରାଜନୈତିକ ଇଚ୍ଛାଶକ୍ତି, ପାରସ୍ପରିକ ବିଶ୍ୱାସ ଏବଂ ଆଞ୍ଚଳିକ ସହଯୋଗ ଉପରେ । ସ୍ୱିଜରଲ୍ୟାଣ୍ଡରେ ଚାଲିଥିବା ଏହି ପ୍ରକ୍ରିୟା ଏପର୍ଯ୍ୟନ୍ତ ଏକ ପ୍ରାରମ୍ଭିକ ପଦକ୍ଷେପ ମାତ୍ର ଏହା ଭବିଷ୍ୟତରେ ସ୍ଥାୟୀ ଶାନ୍ତିରେ ପରିଣତ ହେବ କି ନାହିଁ, ତାହା କେବଳ ସମୟ ହିଁ କହିବ ।

**ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ ପାଇଲେ ବିଶ୍ୱ ତୈଳ ଓ ଗ୍ୟାସ ଯୋଗାଣ ବ୍ୟବସ୍ଥା ସ୍ଥିର ରହିପାରେ, କିନ୍ତୁ ଏହି ଚୁକ୍ତିନାମାର ଚୂଡ଼ାନ୍ତ ସଫଳତା ନିର୍ଭର କରିବ ଉଭୟ ଦେଶର ରାଜନୈତିକ ଇଚ୍ଛାଶକ୍ତି, ପାରସ୍ପରିକ ବିଶ୍ୱାସ ଏବଂ ଆଞ୍ଚଳିକ ସହଯୋଗ ଉପରେ । ସ୍ୱିଜରଲ୍ୟାଣ୍ଡରେ ଚାଲିଥିବା ଏହି ପ୍ରକ୍ରିୟା ଏପର୍ଯ୍ୟନ୍ତ ଏକ ପ୍ରାରମ୍ଭିକ ପଦକ୍ଷେପ ମାତ୍ର ଏହା ଭବିଷ୍ୟତରେ ସ୍ଥାୟୀ ଶାନ୍ତିରେ ପରିଣତ ହେବ କି ନାହିଁ, ତାହା କେବଳ ସମୟ ହିଁ କହିବ ।**

**(ଲେଖକ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଉପ-ମହାପ୍ରବନ୍ଧକ ଓ ସ୍ତମ୍ଭକାର )**
**କେ୫,କଳିଙ୍ଗ ବିହାର ,ଭୁବନେଶ୍ୱର,**

# ନୂତନ ଶିକ୍ଷାର ଦିଗ୍‌ଦର୍ଶନ



**ନିର୍ମଳ କୁମାର ରଣା**

ଶିକ୍ଷା ମଣିଷର ଜୀବନକୁ ଆଲୋକିତ କରିବାର ସର୍ବୋତ୍ତମ ସାଧନ । ଏହା କେବଳ ପୁସ୍ତକୀୟ ଜ୍ଞାନ ଅର୍ଜନର ମାଧ୍ୟମ ନୁହେଁ, ବରଂ ବ୍ୟକ୍ତିର ଚରିତ୍ର ଗଠନ, ମାନସିକ ବିକାଶ, ନୈତିକ ମୂଲ୍ୟବୋଧ, ସାମାଜିକ ସଚେତନତା ଏବଂ ଜୀବନଯାପନର କୌଶଳ ବିକାଶର ମୂଳ ଆଧାର । ସମାଜ, ବିଜ୍ଞାନ, ପ୍ରଯୁକ୍ତି ଏବଂ ଜୀବନଶୈଳୀରେ ନିରନ୍ତର ପରିବର୍ତ୍ତନ ଘଟୁଥିବାରୁ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସମୟୋପଯୋଗୀ ପରିବର୍ତ୍ତନ ଅପରିହାର୍ଯ୍ୟ । ଏହି ଆବଶ୍ୟକତାକୁ ଅନୁଭବ କରି ଦେଶର ନୂତନ ଶିକ୍ଷା ନୀତିର ଆଧାରରେ ଓଡ଼ିଶା ପାଇଁ ଏକ ନୂତନ ପାଠ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି । ଏହାର ଲକ୍ଷ୍ୟ ହେଉଛି ଶିକ୍ଷାକୁ ଅଧିକ ଆନନ୍ଦଦାୟକ, ଜୀବନମୁଖୀ, ଶିଶୁକେନ୍ଦ୍ରିକ, ଦକ୍ଷତାଭିତ୍ତିକ ଏବଂ ମୂଲ୍ୟବୋଧସମ୍ପନ୍ନ କରିବା ।

ଏହି ରୂପରେଖ କେବଳ ପାଠ୍ୟପୁସ୍ତକର ପରିବର୍ତ୍ତନ ନୁହେଁ ଏହା ଶିକ୍ଷାର ଉଦ୍ଦେଶ୍ୟ, ଶିକ୍ଷାଦାନ ପଦ୍ଧତି, ମୂଲ୍ୟାଙ୍କନ, ଶିକ୍ଷକଙ୍କ ଭୂମିକା ଏବଂ ଶିଶୁର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଏକ ନୂତନ ଚିନ୍ତାଧାରା ପ୍ରସ୍ତୁତ କରେ ।

### ପାଠ୍ୟକ୍ରମ ରୂପରେଖର ଆବଶ୍ୟକତା

ଦୀର୍ଘଦିନ ଧରି ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷା, ମୂଲ୍ୟାୟନ ଏବଂ ଘୋଷା ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଫଳରେ ଅନେକ ଶିଶୁ ବିଷୟବସ୍ତୁ ବୁଝିବା ପରିବର୍ତ୍ତେ କେବଳ ମନେ ରଖିବାରେ ସୀମିତ ରହୁଥିଲେ । ଏହି ପଦ୍ଧତି ସୃଜନଶୀଳତା, ଚିନ୍ତନଶକ୍ତି, ଅନୁସନ୍ଧାନ ପ୍ରବୃତ୍ତି ଏବଂ ଜୀବନ କୌଶଳର ବିକାଶରେ ବାଧକ ହେଉଥିଲା । ନୂତନ ପାଠ୍ୟକ୍ରମ ରୂପରେଖ ଶିକ୍ଷାକୁ ଜୀବନ ସହିତ ଯୋଡ଼ିବା, ଶିଶୁଙ୍କୁ ସକ୍ରିୟ ଅଂଶଗ୍ରହଣକାରୀ କରିବା ଏବଂ ଜ୍ଞାନକୁ ବ୍ୟବହାରିକ ଜୀବନରେ ପ୍ରୟୋଗ କରିବାର କ୍ଷମତା ବିକାଶ କରିବାକୁ ଗୁରୁତ୍ୱ ଦେଇଛି ।

ଏହି ରୂପରେଖର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ । କେବଳ ବୌଦ୍ଧିକ ବିକାଶ ନୁହେଁ, ବରଂ ଶାରୀରିକ, ମାନସିକ, ଭାବନାତ୍ମକ, ସାମାଜିକ, ସାଂସ୍କୃତିକ ଓ ନୈତିକ ବିକାଶକୁ ସମାନ ଗୁରୁତ୍ୱ ଦିଆଯାଇଛି । ଶିଶୁ ନିଜ ଆଗ୍ରହ ଅନୁଯାୟୀ ଶିଖିବ, ପ୍ରଶ୍ନ ପଚାରିବ, ନୂତନ କଥା ଜାଣିବାକୁ ଆଗ୍ରହୀ ହେବ ଏବଂ ସମାଜ ପାଇଁ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ଉଠିବ, ଏହା ହେଉଛି ଏହି ରୂପରେଖାର ପ୍ରଧାନ ଲକ୍ଷ୍ୟ ।

ପ୍ରତ୍ୟେକ ଶିଶୁ ସ୍ୱତନ୍ତ୍ର । ତାହାର ଶିଖିବାର ଗତି, ରୁଚି, କ୍ଷମତା ଏବଂ ପରିବେଶ ଅଲଗା । ତେଣୁ ଶିକ୍ଷାକୁ ଶିଶୁର ଆବଶ୍ୟକତା ଅନୁଯାୟୀ ଗଢ଼ି ତୋଳିବା ଆବଶ୍ୟକ । ଶିକ୍ଷକ କେବଳ ପାଠ ପଢ଼ାଇବେ ନାହିଁ, ବରଂ ଶିଶୁଙ୍କୁ ଭାବିବା, ବୁଝିବା, ଆଲୋଚନା କରିବା, ପ୍ରଶ୍ନ କରିବା ଓ ଅନୁଭବରୁ ଶିଖିବା ପାଇଁ ସୁଯୋଗ ସୃଷ୍ଟି କରିବେ ।

ଶିଶୁ ନିଜେ କରି ଶିଖିଲେ ତାହା ଦୀର୍ଘସ୍ଥାୟୀ ହୁଏ । ତେଣୁ ଗପ, ଗୀତ, ଖେଳ, ପରୀକ୍ଷଣ, ଭ୍ରମଣ, ପର୍ଯ୍ୟବେକ୍ଷଣ, ଦଳଗତ କାର୍ଯ୍ୟ, ଆଲୋଚନା ଓ ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଶିକ୍ଷା ଦେବାକୁ ପ୍ରାଧାନ୍ୟ ଦିଆଯାଇଛି । ଶିଶୁ ନିଜ ମାତୃଭାଷାରେ ସହଜରେ ଚିନ୍ତା କରିପାରେ ଏବଂ ଶିଖିପାରେ । ତେଣୁ ପ୍ରାରମ୍ଭିକ ସ୍ତରରେ ମାତୃଭାଷା ମାଧ୍ୟମରେ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି । ଏହା ଶିଶୁର ଭାଷାଦକ୍ଷତା, ଆତ୍ମବିଶ୍ୱାସ ଏବଂ ସୃଜନଶୀଳତାକୁ ବିକଶିତ କରେ । ଶିକ୍ଷାର ଉଦ୍ଦେଶ୍ୟ କେବଳ ଜ୍ଞାନ ଅର୍ଜନ ନୁହେଁ ଭଲ ମଣିଷ ହେବା ମଧ୍ୟ । ସତ୍ୟନିଷ୍ଠା, ସହାନୁଭୂତି, ସହଯୋଗ, ପରିବେଶ ସୁରକ୍ଷା, ଦେଶପ୍ରେମ, ସାମାଜିକ ଦାୟିତ୍ୱ ଓ ମାନବିକ ମୂଲ୍ୟବୋଧର ବିକାଶକୁ ଏହି ରୂପରେଖାରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସମସ୍ତ ଶିଶୁ ସମାନ ସୁଯୋଗ ପାଇବା ଉଚିତ । ଆର୍ଥିକ, ସାମାଜିକ, ଭାଷାଗତ କିମ୍ବା ଶାରୀରିକ ପାର୍ଥକ୍ୟ ଆଧାରରେ କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ନହେଉ,ଏହା ହିଁ ରୂପରେଖର ମୂଳ ଭାବନା ।

**ସତ୍ୟନିଷ୍ଠା, ସହାନୁଭୂତି, ସହଯୋଗ, ପରିବେଶ ସୁରକ୍ଷା, ଦେଶପ୍ରେମ, ସାମାଜିକ ଦାୟିତ୍ୱ ଓ ମାନବିକ ମୂଲ୍ୟବୋଧର ବିକାଶକୁ ଏହି ରୂପରେଖାରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସମସ୍ତ ଶିଶୁ ସମାନ ସୁଯୋଗ ପାଇବା ଉଚିତ । ଆର୍ଥିକ, ସାମାଜିକ, ଭାଷାଗତ କିମ୍ବା ଶାରୀରିକ ପାର୍ଥକ୍ୟ ଆଧାରରେ କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ନହେଉ,ଏହା ହିଁ ରୂପରେଖର ମୂଳ ଭାବନା ।**

ଶିକ୍ଷକ ହେଉଛନ୍ତି ଶିକ୍ଷା ବ୍ୟବସ୍ଥାର ପ୍ରାଣ । ସେ ଶିଶୁଙ୍କ ମନରେ ଜ୍ଞାନପ୍ରତି ଆଗ୍ରହ ସୃଷ୍ଟି କରନ୍ତି, ନୈତିକ ମୂଲ୍ୟବୋଧ ଜାଗ୍ରତ କରନ୍ତି ଏବଂ ସମାଜ ପାଇଁ ଜଣେ ଉତ୍ତମ ନାଗରିକ ଗଢ଼ି ତୋଳନ୍ତି । ଏହି ରୂପରେଖାରେ ଶିକ୍ଷକଙ୍କୁ ନିରନ୍ତର ଅଧ୍ୟୟନଶୀଳ, ସୃଜନଶୀଳ ଓ ସମ୍ବେଦନଶୀଳ ହେବାକୁ ପ୍ରୋତ୍ସାହନ ଦିଆଯାଇଛି । ମୂଲ୍ୟାଙ୍କନ କେବଳ ବାର୍ଷିକ ପରୀକ୍ଷାରେ ସୀମିତ ରହିବ ନାହିଁ । ଶିଶୁର ଦୈନନ୍ଦିନ ଶିକ୍ଷାପ୍ରାପ୍ତି, ଅଂଶଗ୍ରହଣ, ସୃଜନଶୀଳତା, ବ୍ୟବହାର, ଚିନ୍ତନଶକ୍ତି ଏବଂ ଜୀବନଦକ୍ଷତାକୁ ମଧ୍ୟ ସମାନ ଗୁରୁତ୍ୱ ସହ ଆକଳନ କରାଯିବ । ଏହା ଶିଶୁଙ୍କ ଉପରେ ପରୀକ୍ଷାର ଅନାବଶ୍ୟକ ଚାପ କମାଇଥାଏ । ଓଡ଼ିଶାର ଭାଷା, ସାହିତ୍ୟ, ଲୋକକଳା, ପର୍ବପର୍ବାଣୀ, ଇତିହାସ, ହସ୍ତଶିଳ୍ପ ଓ ପ୍ରାକୃତିକ ସମ୍ପଦକୁ ଶିକ୍ଷା ସହ ଯୋଡ଼ା ଯାଇଛି । ଏହା ଶିଶୁଙ୍କ ମନରେ ନିଜ ସଂସ୍କୃତି ପ୍ରତି ଗର୍ବବୋଧ ଏବଂ ସୁରକ୍ଷାର ମନୋଭାବ ସୃଷ୍ଟି କରେ ।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପାଠ୍ୟଚର୍ଯ୍ୟା ବା ଓ.ସି.ଏଫ-ଏସ.ଇ-୨୦୨୫ ରୂପରେଖ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଶିକ୍ଷାକୁ ଅଧିକ ମାନବିକ, ଆନନ୍ଦମୟ, ଜୀବନମୁଖୀ ଓ ସମାଜୋପଯୋଗୀ କରିବାର ଏକ ସୁଦୂରପ୍ରସାରୀ ପ୍ରୟାସ । ଯଦି ଏହାର ଉଦ୍ଦେଶ୍ୟକୁ ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଏ, ତେବେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଜ୍ଞାନ, ମୂଲ୍ୟବୋଧ, ସୃଜନଶୀଳତା ଓ ଦାୟିତ୍ୱବୋଧରେ ସମୃଦ୍ଧ ହୋଇ ଦେଶ ଓ ସମାଜର ଉନ୍ନତିରେ ସକ୍ରିୟ ଭୂମିକା ନିଭାଇପାରିବ । ଏହା ହିଁ ଏହି ନୂତନ ପାଠ୍ୟଚର୍ଯ୍ୟା ରୂପରେଖାର ସଫଳତାର ପ୍ରକୃତ ପରିଚୟ ।

**ପୁରୁଣାକଟ, ବୌଦ୍ଧ**
**ମୋ-୯୯୩୭୬୬୯୫୫୧**

## ସମ୍ପାଦକଙ୍କୁ ପତ୍ର

### ଦିବ୍ୟାଙ୍ଗଙ୍କ ଘର ସିଲ୍ କରାଗଲା, ବ୍ୟାଙ୍କ କର୍ତ୍ତୃପକ୍ଷ ଜବାବ ଦିଅନ୍ତୁ

ମହାଶୟ,
ନିଜେ କିମ୍ବା ପରିବାରର କେହି ଆଦୌ ଋଣ କରି ନଥିବା କିମ୍ବା କୌଣସି ଲୋନ୍ ଲାଗି ଗ୍ୟାରେଣ୍ଟର ପଡ଼ି ନଥିବା ବା ଉକ୍ତ ଜାଗାକୁ ବନ୍ଧକ ପାଇଁ ସ୍ୱୀକୃତି ପ୍ରଦାନ କରି ନଥିବା ସମ୍ବଲପୁର ଜିଲ୍ଲା

ଜମନକିରା ବ୍ଲକ୍ ଗୌତମପାଲି ଗାଁର ଦିବ୍ୟାଙ୍ଗ ବୃଦ୍ଧ ଧନଞ୍ଜୟ ପ୍ରଧାନ ନିଜସ୍ୱ ଜାଗାରେ ନିର୍ମିତ ଘରକୁ ତହସିଲଦାରଙ୍କ ସହାୟତାରେ ଡିସିବି ବ୍ୟାଙ୍କ ସିଲ୍ କରିବା ପ୍ରଚଳିତ ଆଇନ୍‌ର ବିରୁଦ୍ଧାଚରଣ । 'ସରଫାଏସୀ ଆକ୍ଟ' ୨୦୦୨, ଧାରା ୧୩ ଅନୁଯାୟୀ, ଖିଲାପୀ ଋଣ 'ଏନପିଏ' ଘୋଷିତ ହେଲେ ଋଣଗ୍ରହୀତା ଓ ଗ୍ୟାରଣ୍ଟରଙ୍କ ଘର ଠିକଣାରେ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍ ପଠାଯାଏ, ଯହିଁରେ ବନ୍ଧକ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ସହିତ ୬୦ ଦିନ ମଧ୍ୟରେ ସମୁଦାୟ ଋଣ ପରିଶୋଧ କରିବାକୁ କୁହା ଯାଇଥାଏ । ୬୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଋଣ ପରିଶୋଧ କରା ନଗଲେ, ସମ୍ପୃକ୍ତ ବ୍ୟାଙ୍କ୍ ମାଜିଷ୍ଟ୍ରେଟଙ୍କ ସହାୟତାରେ ନୋଟିସ୍‌ରେ ଦିଆଯାଇଥିବା ସମ୍ପତ୍ତି (ଘର) ସିଲ୍ କରି ପାରିବେ । କିନ୍ତୁ ଏହି କ୍ଷେତ୍ରରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କଦ୍ୱାରା 'ସରଫାଏସୀ ଆକ୍ଟ'ର ନିୟମାବଳୀ ଠିକ୍ ଅନୁପାଳନ ହୋଇନାହିଁ ।

'ଡିସିବି ବ୍ୟାଙ୍କ'ର ଅଧିକାରୀ ଅତ୍ୟନ୍ତ ବେପରୁଆ ଓ ଖାମଖିଆଲି ଭାବେ ଏହାକୁ ପରିଚାଳନା କରିଛନ୍ତି । ସରଳ, ନିରୀହ , ଦିବ୍ୟାଙ୍ଗ ବୃଦ୍ଧ ଧନଞ୍ଜୟଙ୍କ ଆକୁଳ ନିବେଦନ, ନିଜ ଭାଗ ଜମିର ସ୍ୱତନ୍ତ୍ର ପଟ୍ଟାର କପି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ତହସିଲଦାରଙ୍କୁ ଦେଖାଇବା ସତ୍ତ୍ୱେ ଘର ସିଲ୍ କରିଦିଆଗଲା ।

ବ୍ୟାଙ୍କର ଏହି ପଦକ୍ଷେପ ସଂସଦର ସାର୍ବଭୌମତ୍ୱ ଓ ଗରିମା ପ୍ରତି ଅସମ୍ମାନ (ଏହି ଆଇନ ସଂସଦ ଦ୍ୱାରା ସର୍ବସମ୍ମତ ପାରିତ) । ଅବଶ୍ୟ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପରେ ସମ୍ବଲପୁର ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଯୋଗୁଁ ୨୧ ଦିନ ପରେ, ଘର ସିଲ୍ ଖୋଲାଯାଇ, ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ଏହି ୨୧ ଦିନ ପରିବାରବର୍ଗ ଯେଉଁ ଶାରିରୀକ ଯାତନା , ମାନସିକ ଯନ୍ତ୍ରଣା ଏବଂ ସାମାଜିକ ଲାଞ୍ଛନା ଓ ବିଦ୍ରୁପ ସହିଲେ, ତାହାର କ୍ଷତି କିଏ ଭରଣା କରିବ ? ଏପରି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ ହେଉ ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

**ପ୍ରତାପ ନାୟକ,ଏମ୍ ଆଇ ଜି-୭୫,**
**କେ୯ଏକଳିଙ୍ଗ ବିହାର ଭୁବନେଶ୍ୱର -୧୯**
**(ଫୋନ୍) ୭୭୫୦୮୫୨୮୧୯**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲଘୁଚାପ...

ଗୁରୁବାର ସକାଳ ୮.୩୦ ସୁଦ୍ଧା ବରଗଡ ଜିଲ୍ଲାର ଅମ୍ବାଭୋନା ଠାରେ ୧୮୦ ମିମି ବର୍ଷା ହୋଇଥିବା ବେଳେ ଅତାବିରାରେ ୧୨୦ ମିମି, ଭଟଲିରେ ୧୧୦ ମିମି, ସମ୍ବଲପୁର ଜିଲ୍ଲାର ଜୁଜୁମରାରେ ୧୩୦ ମିମି, ବୁର୍ଲାରେ ୮୮.୪ ମିମି, ହିରାକୁଦରେ ୮୪.୨ ମିମି, ସୋନପୁର ଜିଲ୍ଲାର ବିରମହାରାଜପୁର ଠାରେ ୧୦୭ ମିମି, ଉଲୁଣ୍ଡାରେ ୯୪ ମିମି, କନ୍ଧମାଳର ବାଲିଗୁଡାରେ ୯୦ ମିମି, ଖଜୁରୀପଡାରେ ୭୫ ମିମି, ଫିରିଙ୍ଗିଆରେ ୭୨.୬ ମିମି, ବଲାଙ୍ଗିରର ଖପରାଖୋଲରେ ୮୪ମିମି, ମାଲକାନଗିରିରେ ୭୯ ମିମି,କେନ୍ଦୁଝରର ଯୋଡାର ୭୩ ମିମି, ଝାରସୁଗୁଡାରେ ୭୩.୨ ମିମି, କଟକରେ ୬୭.୪ ମିମି ବର୍ଷା ରେକର୍ଡ କରାଯାଇଛି ।

ଗୁରୁବାର ସକାଳ ସାଢେ ୮ ରୁ ସନ୍ଧ୍ୟା ସାଢେ ୫ ଟା ମଧ୍ୟରେ ଜଗତସିଂହପୁରରେ ୫୭.୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଢେଙ୍କାନାଳରେ ୪୬ ମିମି, ଭୁବନେଶ୍ୱରରେ ୨୮.୯ ମିମି, କେନ୍ଦ୍ରାପଡାରେ ୨୭ ମିମି, ବାରିପଦାରେ ୨୦ମିମି, ଯାଜପୁରରେ ୧୬.୪ ମିମି, କୋରାପୁଟ ଓ ଗୋପାଳପୁରରେ ୧୧ ମିମି, ସୋନପୁରରେ ୧୦ମିମି ବର୍ଷା ହୋଇଥିବା ଜଣାପଡିଛି । ଆସନ୍ତା ଦୁଇଦିନ ଲାଗି ମାଲକାନଗିରି ଓ କୋରାପୁଟ ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ରେଡ୍ ଓ୍ୱାର୍ଣ୍ଣି ଜାରି ହୋଇଛି । ଏହାସହ କଳାହାଣ୍ଡି, ନବରଙ୍ଗପୁର, ରାୟଗଡା, ଗଜପତି, କେନ୍ଦ୍ରାପଡା, ଜଗତସିଂହପୁର, କଟକ,ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ୍ ଓ୍ୱାର୍ଣ୍ଣି ଜାରି ହୋଇଛି । ସେହିପରି ଭଦ୍ରକ, ବାଲେଶ୍ୱର, ଯାଜପୁର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡା ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ ।

## ଏଆଇ...

ମଧ୍ୟରେ ୧୨୦ ନୂଆ ବ୍ୟବସାୟୀକ ଚୁକ୍ତି ସ୍ୱାକ୍ଷର ହୋଇଛି । ଯାହା ମାଧ୍ୟମରେ ଭାରତକୁ ୧୦ ବିଲିୟନ୍ ଡଲାରରୁ ଅଧିକ ଜାପାନୀ ବିନିଯୋଗ ଆସିବ । ଭାରତ ଏବଂ ଜାପାନ ବିଶ୍ୱର ଦୁଇଟି ବୃହତ୍ତମ ଅର୍ଥନୀତି ମଧ୍ୟରେ ରହିଛନ୍ତି । ଏହି

## ସ୍ୱାସ୍ଥ୍ୟସେବା...

ରୋଗୀ ବେଡରେ ଜୀବନ ସହ ସଂଘର୍ଷ କରୁଛନ୍ତି, କିନ୍ତୁ ଏପଟେ ଡାକ୍ତରଙ୍କ ଦେଖା ନାହିଁ । କିଛି ଚୁକ୍ତି ଭିତ୍ତିକ ଡାକ୍ତରଙ୍କ ଦ୍ୱାରା ଚାଲିଛି ଚିକିତ୍ସା ଚିକିତ୍ସା ଯାହା ସମୁଦ୍ରକୁ ଶଙ୍ଖେ ।

ଏପଟେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ବି ସମାନ ସ୍ଥିତି । ରୋଗୀଙ୍କର ଲମ୍ବା ଲାଇନ ଲାଗିଛି । ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କୁ କାଉଣ୍ଟରରୁ ସିଧାସଳଖ ମନା କରିଦିଆଯାଉଛି । ସେପଟେ ମୟୂରଭଞ୍ଜ ପିଆରଏମ୍ ମେଡିକାଲରେ ଖାଁ ଖାଁ ପରିବେଶ । ବହିର୍ବିଭାଗ ଅଛି, ହେଲେ ଡାକ୍ତର ନାହାନ୍ତି । ରୋଗୀମାନେ ଏ ମେଡିକାଲରୁ ସେ ମେଡିକାଲ ଘୁରି ବୁଲୁଛନ୍ତି । କିନ୍ତୁ, ବି ଚିକିତ୍ସା ସୁବିଧା ମିଳିପାରୁନ । ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଭିଡ଼ । ଏଠାରେ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁନଥିବାରୁ ଅନ୍ୟ ହସ୍ପିଟାଲକୁ ରେଫର୍ କରାଯାଉଛି । ଦୁର୍ଗମ ଓ ଉପାନ୍ତ ଅଞ୍ଚଳରୁ ଆସୁଥିବା ରୋଗୀ ହଇରାଣ ହେଉଛନ୍ତି । ସେପଟେ କନ୍ଧମାଳରେ ଜିଲ୍ଲାର ସମସ୍ତ ସିଏଚସି ଏବଂ ପିଏଚସିରେ ଡାକ୍ତର ଶୂନ୍ୟ । ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଏକାଠି ହୋଇ ଆନ୍ଦୋଳନ ଚଳାଇଛନ୍ତି ଡାକ୍ତର । କେନ୍ଦ୍ରୀୟ ବେତନ ଗଠନ ଅନୁଯାୟୀ ଯୋଗ୍ୟତା ତାରିଖରୁ ଡାଇନାମିକ୍ ଆସ୍ୟୁର୍ଡ କ୍ୟାରିଅର ପ୍ରୋଗ୍ରେସନ୍ କାର୍ଯ୍ୟକାରୀ କରିବା, ସମସ୍ତ ଗ୍ରେଡ୍‌ରେ ଆନୁପାତିକ କ୍ୟାଡର ପୁନର୍ଗଠନ ପାଇଁ ଦାବିରେ ଡାକ୍ତରମାନେ ଆନ୍ଦୋଳନ ଚଳାଇଛନ୍ତି । ସୁପର ସ୍ପେଶାଲିଷ୍ଟ, ସ୍ପେଶାଲିଷ୍ଟ, ଡିପ୍ଲୋମାଧାରୀ ଡାକ୍ତର, ପ୍ରଶାସକଙ୍କ ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ, ମୃତଦେହ ବ୍ୟବଚ୍ଛେଦ ଭତ୍ତା ଭଳି ୧୦ଟି ଦାବିରେ ଧାରଣା ବସିଛନ୍ତି । ଡାକ୍ତରମାନେ ଚେତାବନୀ ଦେଇଛନ୍ତି ସରକାର ଅନ୍ତତଃ ପକ୍ଷେ ୩ରୁ ୪ଟି ପ୍ରମୁଖ ଦାବି ତୁରନ୍ତ ପୂରଣ କରନ୍ତୁ, ନଚେତ ଆଗକୁ ସ୍ଥିତି ଆହୁରି ସଂଗୀନ ହେବ । ସରକାର କେବେ ଡାକ୍ତରଙ୍କ ୧୦ ଦଫା ଦାବି ଶୁଣୁଛନ୍ତି ଓ ସ୍ୱାସ୍ଥ୍ୟସେବା କେବେ ସ୍ୱାଭାବିକ ହେଉଛି ।

## ଝାରପଡ଼ା...

୫ଜଣ ଆକ୍ରାନ୍ତ ହେବା ପରେ ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଅଣାଯାଇଥିଲା । ସେ ସମୟରେ ମଧ୍ୟ ସେମାନେ କିପରି ଏକକାଳୀନ ଗୁରୁତର ହେଲେ ସେଥିନେଇ ଚର୍ଚ୍ଚା ହୋଇଥିଲା ।

୮ଜଣ ଆକ୍ରାନ୍ତ ଥିବାବେଳେ ସଂଖ୍ୟା ବଢିବା ଆଶଙ୍କା ରହିଛି । କାରଣ ବାଲିପାଟଣା ଥାନା ଅଞ୍ଚଳରେ ଜଣେ ୧୨ବର୍ଷୀୟା ନାବାଳିକାଙ୍କୁ ଜଣେ ୬୨ବର୍ଷୀୟ ବ୍ୟକ୍ତି ଦୁଷ୍କର୍ମ କରିଥିଲେ । ଯଦ୍ୱାରା ନାବାଳିକା ଅନ୍ତଃସତ୍ତ୍ୱା ହୋଇ ଗର୍ଭପାତ କରାଇବା ପରେ ରକ୍ତସ୍ରାବ ବନ୍ଦ ହୋଇନଥିଲା । ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ । ସେହି ପୀଡିତା ନାବାଳିକା ଏଚ୍‌ଆଇଭି ପଜିଟିଭ୍‌ରେ ଆକ୍ରାନ୍ତ ଥିବା ଡାକ୍ତରୀ ପରୀକ୍ଷା ପରେ ଜଣାପଡିଥିଲା । ସେହି ୬୨ ବର୍ଷୀୟ ବ୍ୟକ୍ତି ଏଚ୍‌ଆଇଭି ପଜିଟିଭ୍‌ରେ ଆକ୍ରାନ୍ତ ଥିବା ନେଇ ସନ୍ଦେହ କରି ଜେଲ୍ ପକ୍ଷରୁ ତାଙ୍କର ପରୀକ୍ଷାନିରୀକ୍ଷା କରାଯାଉଛି । ଯଦି ପରୀକ୍ଷାରୁ ପଜିଟିଭ୍ ଆସେ ତେବେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିବ ।

ଯେଉଁ ୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ତାଙ୍କ ଦାଢି କାଟିବା ଓ ଅନ୍ୟାନ୍ୟ ସ୍ପର୍ଶକାତର ବିଷୟ ଉପରେ ସତର୍କତା ଅବଲମ୍ବନ କରାଯାଉଛି । ଅନ୍ୟ ଅନ୍ତେବାସୀମାନେ ତାଙ୍କୁ ନିର୍ଯାତନା ଦେଉଛନ୍ତି କି ନାହିଁ ବୋଲି ସୁପରିଟେଣ୍ଡେଣ୍ଟଙ୍କୁ ପଚାରିବାରୁ ସେମାନେ ସାଧାରଣ ଅନ୍ତେବାସୀଙ୍କ ପରି ଚଳୁଛନ୍ତି । ତାଙ୍କୁ ସ୍ୱତନ୍ତ୍ର ଓ୍ୱାର୍ଡରେ ରଖାଯିବା ସହ ଚିକିତ୍ସା ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଉଛି ବୋଲି ଶ୍ରୀ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ନିଶା କାରବାର ଓ ଅନ୍ତେବାସୀ ମାର୍‌ପିଟ୍ ହେବାକୁ ନେଇ ଜେଲ୍ କର୍ତ୍ତୃପକ୍ଷ ଚିନ୍ତିତ ରହୁଥିଲେ ହେଲେ ଏଡ୍‌ସ ଆକ୍ରାନ୍ତ ଝାରପଡା ଜେଲ୍ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢାଇଛନ୍ତି ।

## ୧.୧୦ ଲକ୍ଷ...

ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କୁ ମିଶାଇ ସମୁଦାୟ ୫୩,୫୦୦ରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ରାଜ୍ୟର ଖଣିଜ ସମ୍ବଳରୁ କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ବିଶ୍ୱସ୍ତରରେ ବର୍ତ୍ତମାନ 'ଗ୍ରୀନ୍ ମେଟାଲ୍ସ' ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏ ଦିଗରେ ଓଡିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି । ଏହି ପ୍ରକଳ୍ପ ଆମର ଏ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆମ ସରକାର 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନେଇ ଆଗକୁ ବଢୁଛି । ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ଏକ ଶିଳ୍ପରେ ଅଗ୍ରଣୀ ଅଞ୍ଚଳ ଭାବେ ଗଢ଼ିତୋଳିବାକୁ ସରକାର ବଦ୍ଧପରିକର । ଆଇଏଚ୍‌ସି ଗ୍ରୁପ୍ ସହିତ କେବଳ ଆଲୁମିନିୟମ୍ ପ୍ରକଳ୍ପ ନୁହେଁ, ବରଂ ଗବେଷଣା ଓ ବିକାଶ, ମେଟାଲର୍ଜି, ଡିଜିଟାଲ୍ ସିଷ୍ଟମ୍ ଏବଂ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର ଭଳି ଉଦୀୟମାନ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରାଯିବ । ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି ।

ଏହି ଅବସରରେ 'ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ'ର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର୍ ପିଟର ଆବ୍ରାମ କହିଛନ୍ତି ଯେ, ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ । ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ । ଆସ୍ଥା, ସମାନ ଚିନ୍ତାଧାରା ଓ ମିଳିତ ଲକ୍ଷ୍ୟ ଆଧାରରେ ଗଠିତ ଏହି ସମ୍ପର୍କ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଆର୍ଥିକ ସେବା ଏବଂ ଗ୍ରାହକ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ଆଣିଦେବ । ଓଡ଼ିଶା କେବଳ ଏକ ନିବେଶ ସ୍ଥଳୀ ନୁହେଁ, ବରଂ ଦୀର୍ଘକାଳୀନ ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ ଏକ ପ୍ରମୁଖ ରଣନୀତିକ ସହଯୋଗୀ ବୋଲି ସେ ପ୍ରକାଶ କରିଛନ୍ତି ।

ଏହି ଅବସରରେ ଆଦାନୀ ପୋର୍ଟସ୍ ଆଣ୍ଡ ଏସଇଜେଡ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରଚୁର ଖଣିଜ ସମ୍ପଦ ଏବଂ ଶିଳ୍ପ ସମ୍ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଓଡ଼ିଶାରେ ଥିବା ଦେଶର ସର୍ବବୃହତ ବକ୍ସାଇଟ୍ ଭଣ୍ଡାର ଓ ୫୦ ପ୍ରତିଶତରୁ ଅଧିକ ଲୁହାପଥର ଏହାକୁ ଭାରତର ଶିଳ୍ପ ଜଗତର ମେରୁଦଣ୍ଡ ଭାବେ ଗଢ଼ିତୋଳିଛି । ବର୍ତ୍ତମାନର ସରକାରଙ୍କ ଦୃଢ଼ ନୀତି ଯୋଗୁଁ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟରୁ ରୂପାନ୍ତରିତ ହୋଇ ଏକ ଉତ୍ପାଦନ କେନ୍ଦ୍ର ପାଲଟିଛି । ଏହି ଏମ୍‌ଓୟୁ ଓଡ଼ିଶାର ଜନସାଧାରଣ ଓ ସ୍ଥାନୀୟ ଅର୍ଥନୀତିକୁ ବିଶ୍ୱସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଏହି ସମାବେଶରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ୟୁଏଇ ଆଇଏଚ୍‌ସି ଗ୍ରୁପ୍‌ର ନିର୍ଦ୍ଦେଶକ ଓ ସିଇଓ ସୟଦ୍ ବସର୍ ସୁଏବ୍, ୟୁଏଇ ଇଣ୍ଟରନ୍ୟାସନାଲ୍ ରିସୋର୍ସେସ୍ ହୋଲ୍ଡିଂର ସିଇଓ ଅଲି ଅଲ୍-ରସ୍‌ଦି, ଆଇଏଚ୍‌ସି ଗ୍ରୁପ୍‌ର ନେତୃବୃନ୍ଦ ହେସାମ୍ ଓ ଅବ୍‌ଦୁଲା ଅଲ୍-ରସ୍‌ଦି ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଶିଳ୍ପ ଜଗତର ପ୍ରତିଷ୍ଠିତ ନେତୃବୃନ୍ଦ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇପିକଲ୍‌ର ନିର୍ଦ୍ଦେଶିକା ଅବୋଲି ସୁନୀଲ ନରଭଣେ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ନ୍ୟାୟିକ...

ନେବାର କ୍ଷମତାର ବିକଳ୍ପ ହୋଇପାରିବ ନାହିଁ । ଅଦାଲତରେ ଏଆଇ କେବଳ ସହାୟକ ଉପକରଣ ଭାବେ ବ୍ୟବହାର କରାଯାଇପାରିବ । ବିଚାରପତି ଓ ଆଇନ୍‌ଜୀବୀମାନେ ଏଆଇରୁ ମିଳୁଥିବା ସମସ୍ତ ତଥ୍ୟକୁ ସ୍ୱାଧୀନ ଭାବେ ଯାଞ୍ଚ କରିବା ଆବଶ୍ୟକ । ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଏକ ବିଶେଷ କମିଟି ଗଠନ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଦିଲ୍ଲୀ...

ନିଗମ ଓ ବୋର୍ଡ ନିଯୁକ୍ତି ହୋଇପାରୁନାହିଁ । ଦଳୀୟ ସୂତ୍ରରୁ ସୂଚନା ଅନୁଯାୟୀ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ଓଡ଼ିଶାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ । ଏ ନେଇ ମଧ୍ୟ ଦଳର ହାଇକମାଣ୍ଡଙ୍କ ସହ ଆଲୋଚନା ହେଉଛି ।

## ୩୨ ହଜାର...

ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଆଧାରରେ କରାଯିବ । ଆଡ଼ମିଶନର ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ଉପଲବ୍ଧ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଚମ୍ପତ...

ଡାଏରୀ କରାଯାଇଛି । ଆଇନ୍ ଅନୁଯାୟୀ ଏହାକୁ ଯାଞ୍ଚ କରାଗଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉତ୍ତରପ୍ରଦେଶ ସରକାର ଏହି ଘଟଣାରେ ଜୁନ୍ ୨୩ରେ ଏସ୍‌ଆଇଟି ଗଠନ କରିଛନ୍ତି ଏବଂ ୮ ଜଣଙ୍କୁ ଗିରଫ କରାଯାଇଛି ।


### BHUBANESWAR DEVELOPMENT AUTHORITY BHUBANESWAR

13001/1043/2627

AKASH SHOVA BUILDING, SACHIVALAYA MARG, BHUBANESWAR - 751001

Visit us at: http://www. bda. gov. in

RFP No.357 Date : 01.07.26

Executive Engineer, Division- V, BDA, Bhubaneswar on behalf of Bhubaneswar Development Authority invites Request for proposal (RFP) in ONLINE MODE only for the work:**"SELECTION OF AN AGENCY FOR SUPPLY OF EXCAVATORS & MACHINERIES WITH OPERATOR ON DAILY RENT BASIS FOR BDA- 2nd call"**. The RFP documents will be available in the website: https .//tenders odisha. gov. in from **Dtd. 04.07.2026 to 13.07.2026 up to 5.30 PM**. The last date of receipt of proposals in online mode is up to 5.30PM on Dtd. 13.07.2026 and the RFP will be opened at **11.30 AM** on **Dtd. 14.07.2026** in the office chamber of the Executive Engineer, Division No-V, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the website https://tendersodisha.gov.in for further details. Any addendum / corrigendum / cancellation of RFP can be seen in this website only.

Sd/- Executive Engineer
Division No-V, BDA

OIPR : 13001/13033/1/26-27/0085



E-mail ID:pwd_sng@yahoo.co.in

### GOVERNMENT OF ODISHA
### OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH

34001/427/2627

"e"-Procurement Notice

Bid Identification No. SE-R&B-SNG-03 OF 2026-27

Letter No. 2998 Date : 25/06/2026

| | | |
|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for execution of Building Work ( including EI & PH work) as detailed in DTCN. | |
| 2. | Nature of Work | Building work (including EI & PH work) |
| 3. | No. of works. | 01 (One) NO |
| 4. | Tender Cost | Rs.10,000/- |
| 5. | Class of Contractor | B |
| 6. | Availability of bid document in the website | From 10:00 A.M. Date-:05.07.2026 to 05:00 P.M Date-20.07.2026 |
| 7. | Date of opening of Bid | 11:00A.M. On Dt.21.07.2026 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum /corrigendum / cancellation of tender can also be seen in the said website only. | |

Sd/- Superintending' Engineer
Sundargarh (R&B) Division

OIPR : 34001/34043/1/26-27/0003



### GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI

25001/609/2627 E-mail-ruralworksdivisioniimalkangiri@yahoo.in

INVITATION FOR BIDS (SHORT NOTICE)

"E" PROCUREMENT NOTICE NO. RWDSE_MKG_II_ONLINE_04/2026-27

| | | | |
|---|---|---|---|
| 1. | Name of the work | : | Road works in the District of Malkangiri for the year-2026-27 |
| 2. | Total No of work | : | 03 Number of Road Work |
| 3. | Estimated Cost | : | Rs. 7.63 Lakhs to Rs. 18.31 Lakhs. |
| 4. | Period of Completion | : | As Specified in the Annexure |
| 5. | Class of Contractor | : | As Specified in the Annexure |
| 6. | Cost of Tender Paper Annexure Annexure | : | Cost of tender is to be remitted ONLINE as specified in column-6 of the Annexure |
| 7. | Details Projects | : | As Specified in the Annexure. |

Other details as follows :-

| | | | |
|---|---|---|---|
| a) | Procurement Officer | : | Superintending Engineer, Rural Works Division-II, Malkangiri |
| b) | Availability of Tender Online | : | 09.07.2026 at 11.00 AM to 18.07.2026 up to 5.30 PM |
| c) | Last date & time of seeking of Tender Clarification | : | 17.07.2026 up to 5.00 PM |
| d) | Technical Bid Opening | : | 20.07.2026 at 11.00 AM |
| e) | Decision to conduct Lottery | : | If required to decide the agency, transparent Lottery shall be conducted on date 29.07.2026 at 11.00 AM in Office Chamber of the undersigned. |

Further details can be seen from the Govt. website www.tendersorissa.gov.in

Sd/- Superintending Engineer
Rural Works Division-II, Malkangiri

OIPR : 25001/25079/1/26-27/0004



25001/625/2627 E.Mail- rw boudh@yahoo.co.in

### Government of Odisha
### e-Procurement Notice

Bid Identification No. Online tender/ 02/S.E.RW BOUDH/2026-27

NATIONAL COMPETITIVE BIDDING THROUGH e-procurement

Name of the work: - Road works -1 No.

| | | | |
|---|---|---|---|
| 1. | Estimated cost | : | Rs. 60.50 lakh (approximately) |
| 2. | Period of completion | : | 03 calendar Months |
| 3. | Date & Time of availability of Bid documents in the portal | : | From 03.07.2026,10.00AM to 18.07.2026 5.00 PM |
| 4. | Last date / Time for receipt of bids in the portal | : | 18.07.2026 up to 5.00 PM |
| 5. | Last date / Time for seeking of Tender clarification | : | 17.07.2026 up to 5.00 PM |
| 6. | Date & Time of opening of Technical Bid | : | 20.07.2026 at 11.00 AM & |
| 7. | Date & Time of opening of Financial Bid: | : | 23.07.2026 at 11.00 AM |
| 8. | Name & Address of the officer inviting Bid | : | Executive Engineer, R.W Division, Boudh |

Further details, corrigendum(s) etc can be seen from the e-procurement portal "https:// www.tendersorissa.gov.in"

Sd/- Executive Engineer
R.W. Division,Boudh

OIPR : 25001/25061/1/26-27/0003



### OFFICE OF THE MUNICIPALITY, BASUDEVPUR.

13001/1040/2627

At/P.O.-Basudevpur, Dist-Bhadrak, Odisha, Pin-756125
Phone: (06784) 271252 (Off.), Fax: (06784) 271252,
E-mail: basudevpurn.hud@nic.in/ basudevpurnac@gmail.com

Letter No.1800 Date:25.06.2026

REQUEST FOR PROPOSAL

The Executive Officer, Basudevpur Municipality invites sealed Request for Proposal (RFP) from interested Central Govt/State Govt. Agencies/ Organizations for "Request for Proposal (RFP) for Implementation & installation of Traffic Signals at 5 nos. of strategic places of Basudevpur Municipality. The RFP Document containing the details of criteria, submission requirement, objective, scope of work etc. can be downloaded from the website https:// basudevpurmunicipality.in/.

Further details, if any, may be obtained from Basudevpur Municipality - 756125 during working hours. Last date for submission of RFP is 13th July 2026 up to 4pm. Sealed envelope marked to Basudevpur Municipality-756125, containing RFP with all relevant documents may be submitted mentioning "Implementation & Installation of Traffic Signals at 5 nos. of Strategic places of Basudevpur Municipality" on the top of the envelope. The Sealed RFP documents should be send through Speed Post/Regd. Post The Office will not be responsible for any postal delay. The authority has rights to cancel the RFP at any stage without assigning any reason thereof.

Sd/- Executive Officer
Basudevpur Municipality

OIPR : 13001/13135/1/26-27/0004



13001/1046/2627

### OFFICE OF THE GENERAL MANAGER, WATCO DIVISION, CUTTACK.

Telephone/e-mail/FAX: 0671-2547115/gmwatcoctc@gmail.com

NATIONAL COMPETITIVE BIDDING THROUGH e-Procurement

Bid Identification No. GMWATCO (W)-07/2026-27 Dtd.30.06.2026

| | | | |
|---|---|---|---|
| | Name of the work | : | 3 Nos. work |
| 1. | Estimated cost | : | Rs.7.31 Lakh to Rs.26.70 Lakh (Approx.). |
| 2. | Period of completion | : | 3 (Three) months. |
| 3. | Date & time of availability of bid document in the portal | : | From 11 A.M of dt.04.07.2026 to 5.00 P.M. of dt.14.07.2026. |
| 4. | Last date / time of receipt of bids in the portal | : | 14.07.2026 up to 05.00 P.M. |
| 5. | Date & time of opening of bids | : | 15.07.2026 at 12.30 P.M. |
| 6. | Name and address of the Officer Inviting Bid | : | The General Manager, WATCO Division, Cuttack-753003, Odisha, Ph.(0671)2547115, email:gmwatcoctc@gmail.com |
| 7. | The bidders have to participate in ONLINE bidding only. | | |

Further details can be seen from the web site www.tendersodisha.gov.in

Sd/- General Manager
WATCO Division, Cuttack

OIPR : 13001/13170/1/26-27/0008



### ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିବା ସିନିୟର କୋଚିଂ ଡିପୋ ଅଫିସର, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର ଡିଭିଜନନିମ୍ନରେ ଉଲ୍ଲେଖିତ ବିବରଣୀ ଅନୁଯାୟୀ www.ireps.gov.in ୱେବସାଇଟରେ ଇ-ଟେଣ୍ଡରିଂ ମାଧ୍ୟମରେ ଏକ ଖୋଲା ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ନିମ୍ନରେ ଉଲ୍ଲେଖିତ ବିବରଣୀ ଅନୁଯାୟୀ କେବଳ www.ireps.gov.in ୱେବସାଇଟରେ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ କରାଯାଇଛି । କୌଣସି ଅଫଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଡକ୍ୟୁମେଣ୍ଟ ବିଭାଗରେ ଅପଲୋଡ୍ ହୋଇଥିବା ଟେଣ୍ଡର ଡକ୍ୟୁମେଣ୍ଟ ପଢ଼ନ୍ତୁ । **କ୍ର.ନଂ-୧. ଟେଣ୍ଡର ନୋଟିସ ନଂ:ଏସଆରସି-ସି-ହ୍ୱାଇଟ୍ସ୍ଏସ-ଟିଟି -୦୩୦୨୨୬ । କାର୍ଯ୍ୟର ନାମ:** ସାନ୍ତ୍ରାଗାଛି: ସାନ୍ତ୍ରାଗାଛି ରେଳ ଷ୍ଟେସନରେ କ୍ୱିକ୍ ୱାଟର୍ ପାଣି ଦେବା ପ୍ରଣାଳୀ ସ୍ଥାପନ । **ଟେଣ୍ଡର ମୂଲ୍ୟ** : ଟ୮,୯୬,୬୮,୬୮୮.୬୬ (ସମସ୍ତ ଟେକ୍ସ ସହିତ) । ଇଏମଡିଃ ଟ ୧୬,୩୩,୪୦୦/- । ଟେଣ୍ଡର ବନ୍ଦ ତାରିଖ: ୨୭.୦୭.୨୦୨୬ ରାତି ୧୧.୩୦ ଘଣ୍ଟା । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:ଟ ୦ । **କ୍ର.ନଂ-୨: ଟେଣ୍ଡର ନୋଟିସ୍ ନଂଇଃସି-ମେକାନିକାଲ-ଓବିଏଚଏସ-ଏସଏଚଏମ -୦୨-୨୬ । କାର୍ଯ୍ୟର ନାମ:** ୧୦ଟି ଟ୍ରେନରେ ଅନ ବୋର୍ଡ ହାଉସକିପିଂ ସର୍ଭିସ୍ (ଓବିଏଚଏସ) ଏବଂ ୯ଟି ପ୍ରାଥମିକ ଟ୍ରେନରେ ଲିନେନ୍ ବଣ୍ଟନ ଯାହା ୦୩ ବର୍ଷ ପାଇଁ ପଦ୍ମପୁକୁର ଏବଂ ଶାଲିମାରରେ ରଖାଯିବ । ଟେଣ୍ଡର ମୂଲ୍ୟ: ଟ୩୪,୦୫,୨୯,୦୧୧.୬୨ । ଇଏମଡି: ଟ୧୮,୫୨,୯୦୦/- । ଟେଣ୍ଡର ବନ୍ଦ ତାରିଖ: ୨୯.୦୭.୨୦୨୬ ଦିନ ୧୨.୩୦ ଘଣ୍ଟା । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ୧୦,୦୦୦ ଟଙ୍କା (ଫେରସ୍ତଯୋଗ୍ୟ ନୁହେଁ) । (PR-407)



### ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ
### ଇ-ଟେଣ୍ଡର ନୋଟିସ୍

ଟେଣ୍ଡର ନୋଟିସ୍ ନଂ-ସିଏଚ/ସି/ବିଏସପି//୨୬-୨୬/୧୧ ତାରିଖ: ୨୬.୦୬.୨୦୨୬ (ଖୋଲା ଟେଣ୍ଡର) (ଦୁଇଟି ପ୍ୟାକେଟ୍ ସିଷ୍ଟମ)

**କାର୍ଯ୍ୟର ନାମ:**ଏସଇସିଆର-ଫେଜ ସିର ବିଳାସପୁର ଡିଭିଜନ ଉପରେଇଏଲଏସ/ବିଏସପିରେ ବୈଦ୍ୟୁତିକ ଲୋକୋଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସୁବିଧାଗୁଡ଼ିକର ସୃଷ୍ଟି/ବର୍ଦ୍ଧନ/ଉନ୍ନତି ।

**ଟେଣ୍ଡର ମୂଲ୍ୟ: ଟ୭୪୩୭୫୫୭୩୧.୧୩/-, ଇଏମଡି: ଟଙ୍କା ୪୮୬୫୧୦୦.୦୦/-, ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ନାହିଁ, କାର୍ଯ୍ୟ ସମାପ୍ତି ଅବଧି: ସ୍ୱୀକୃତି ପତ୍ର ତାରିଖରୁ ୦୯ (ନଅ) ମାସ ।**

**ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ୨୪/୦୭/୨୦୨୬ ଦିନ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ, **ଟେଣ୍ଡର ଖୋଲିବାର ତାରିଖ ଏବଂ ସମୟ:** ୨୪/୦୭/୨୦୨୬ ଦିନ ୧୫:୩୦ ଘଣ୍ଟା ।

ଟେଣ୍ଡର ଡକ୍ୟୁମେଣ୍ଟ ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ମୁଖ୍ୟ ପ୍ରଶାସନିକ ଅଧିକାରୀ/କନ/ଏସ.ଇ.ସି.ଆର/ ବିଳାସପୁରଙ୍କ କାର୍ଯ୍ୟାଳୟ, ପିନ୍: ୪୯୫୦୦୪ କିମ୍ବା ଉପ-ମୁଖ୍ୟ ଯନ୍ତ୍ରୀ (କନ)/ଏସ.ଇ.ସି. ରେଳବାଇ/ ବିଳାସପୁର-ପିନ୍: ୪୯୫୦୦୪ କିମ୍ବା ଉପ-ମୁଖ୍ୟ ଯନ୍ତ୍ରୀ/କନ/ଆଇ/ଏସ.ଇ.ସି ରେଳବାଇ/ ରାୟପୁର-ପିନ୍: ୪୯୨୦୦୯, ମୁଖ୍ୟ ପ୍ରକଳ୍ପ ପରିଚାଳକ/ପଶ୍ଚିମ/ ନିର୍ମାଣ / ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ନାଗପୁର-ପିନ୍: ୪୪୦୦୦୧ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମର ୱେବସାଇଟ www.ireps.gov.in ରେ ଦେଖନ୍ତୁ ।

ଉପ-ମୁଖ୍ୟ ଯନ୍ତ୍ରୀ/କନ/ଇଉର
CPR/10/251 ଏସ.ଇ.ସି. ରେଳବାଇ/ବିଳାସପୁର

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ @secrail



### AFFIDAVIT

By virtue of an affidavit sworn before Notary Public, Bhubaneswar, dated. 02/7/2026 I,Muna Naik, Address Talasahi, Subalaya, Nayagarh, Pin-752091 declare that I have changed my name from SUNDRA NAYAK to Muna Naik. Henceforth, I shall be known as Muna Naik for all purposes.

(Muna Naik)



### AFFIDAVIT

By virtue of an affidavit No. 2387, before the Executive Magistrate, Niali on dtd. 10.06.2026, I, Jyotirmayee Mohapatra, W/o- Tapan Kumar Mohapatra, At/Po- Kulashree, Ps-Niali, Dist-Cuttack-754105, Odisha, declare that, I have changed my name from Jyotirmayee Pradhan to Jyotirmayee Mohapatra. Henceforth, I shall be known as Jyotirmayee Mohapatra for all future purposes.



### AFFIDAVIT

By virtue of an affidavit sworn before Executive Magistrate,Nayagarh Odisha on dated 24.06.2026 Babula Maharana S/o -Harihar Maharana Resident of- Rameswar Sahi,Ward No-4,Nayagarh Municipality P.O-Nayagarh P.S-Nayagarh Dist-Nayagarh,PIN-752070 declare that I have changed my minor Son's name from Krishna Chandra Maharana to Krushna Chandra Maharana Henceforth, He shall be known as Krushna Chandra Maharana for all purposes.

Sd/- Babula Maharana



### AFFIDAVIT

By virtue of an affidavit sworn beforeThe Executive Magistrate BALASORE dated. 23.06.26. I Sunita Marandi, W/o-Sri Chandra Marandi, At-Sankadadiha, P.O-Itamundia, P.S- Khunta, Dist-Mayurbhanj, Odisha, Pin-757075 declare that I have changed my son's name from DEPU MARANDI TO DEEPAK MARANDI. Henceforth he shall be known as DEEPAK MARANDI for all purpose.

Sunita Marandi



Email: oritourpuri @gmail.com Tel No 06752 - 222664

37001/26/2627

### GOVERNMENT OF ODISHA
### TOURISM DEVELOPMENT OFFICE, PURI

REQUEST FOR PROPOSAL (RFP) N0.1425/TDO Dated: 02.07.2026

"Selection of agency for Comprehensive sea beach cleaning, on-road cleaning, solid waste management and maintenance services for the Puri Sea Beach stretch from Pink House (Penthakata) to Sterling Resort and the road stretch from Hsarihara Square to Sterling Resort". The details information are uploaded in the Puri District Website - **https://puri.odisha.gov .in.**

Sd/-
Asst. Director, Tourism

OIPR : 37001/37008/1/26-27/0001



### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

13001/1036/2627

ପତ୍ର ସଂଖ୍ୟା ୯୦ **ବିଜ୍ଞାପନ** ତା : ୨୨.୦୬.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ.ଆଇ.ଜି-୧-୩/୩ (MIG-1-3/3), ଚନ୍ଦ୍ରଶେଖରପୁର ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବିଦ୍ୟାଧର ପଟ୍ଟନାୟକ, ପିତା- ବଂଶୀଧର ପଟ୍ଟନାୟକ, ସା/ପୋ-ମାଲୁଦ, ଥାନା-କୃଷ୍ଣପ୍ରସାଦ, ଜିଲ୍ଲା-ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଦ୍ୟାଧର ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସଂଜୟ କୁମାର ଦାସ, ପିତା-ପୂର୍ଣ୍ଣ ଚନ୍ଦ୍ର ଦାସ, ସା-ନିମପାଟଣା, ପୋ/ଥାନା-ଫତେଗଡ, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0124



### GOVT. AUTONOMOUS COLLEGE, ANGUL

11001/183/2627

### Tender Notice

Sealed quotations are invited from reputed and registered software firm for design, development, maintenance and hosting of the website of Government Autonomous College, Angul. The sealed quotation must reach the Office of Principal by speed post on or before 18.07.2026 by 5.00 PM positively. For further details, please visit the Website https://angul.odisha.gov.in/ and **www.gaca.nic.in.**

Sd/-
Principal

OIPR : 11001/11025/1/26-27/0002



GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA

25001/608/2627 (eerw_kpd@yahoo.com)

1st Corrigendum to
Tender call Notice No- Tender Online RWD/KPD - 02 of 2026-27, Dated:- 11.06.2026
Due to unavoidable circumstances the change as detailed below are hereby made in the above NIT.

1. Period of availability of tenders on line / Date of time of bidding online / Date of opening of tender papers : The details are as follows.

| Procurement Officer | Place of Opening | Availability of tender online for bidding | | Last date and time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 10.07.2026 At- 5.00 P.M. | 22.07.2026 Up to 5.00 P.M. | Up to 5.00 P.M. on 21.07.2026 | 23.06.2026 at 11.00 A.M. | The dae will be intimated to the technically qualified bidders later on |

1. All other terms and conditions of the said Tender call Notice shall remain unaltered.

Sd/- Superintending Engineer
Rural Works Division, Kendrapara

OIPR : 25001/25064/1/26-27/0004



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ପ୍ରମୋଦ କୁମାର ପୂର୍ବାଞ୍ଚଳ ଡେପୁଟି ସିଏଜି

ଭୁବନେଶ୍ୱର: ଭାରତୀୟ ଅଡିଟ୍ ଓ ଆକାଉଣ୍ଟସ୍ ସେବାର ୧୯୯୨ ବ୍ୟାଚ୍‌ର ଅଧିକାରୀ ପ୍ରମୋଦ କୁମାର ଭୁବନେଶ୍ୱରସ୍ଥିତ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ(ପୂର୍ବାଞ୍ଚଳ) କାର୍ଯ୍ୟାଳୟରେ ଉପ-ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ଡେପୁଟି ସିଏଜି ) ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଉପ-ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ପୂର୍ବାଞ୍ଚଳ) ଭାବେ ସେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡର କ୍ଷେତ୍ରର ଅଡିଟ୍ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପର ତଦାରଖ କରିବା ସହିତ ସାର୍ବଜନିକ କ୍ଷେତ୍ରର ଅଡିଟ୍ ବ୍ୟବସ୍ଥା, ଆର୍ଥିକ ଉତ୍ତରଦାୟିତ୍ୱ ଏବଂ ସୁଶାସନକୁ ଅଧିକ ସୁଦୃଢ଼ କରିବା ଦିଗରେ ରଣନୀତିଗତ ନେତୃତ୍ୱ ପ୍ରଦାନ କରିବେ।



ଏହି ଦାୟିତ୍ୱ ଗ୍ରହଣ ପୂର୍ବରୁ ପ୍ରମୋଦ କୁମାର ନୂଆଦିଲ୍ଲୀସ୍ଥିତ ଅତିରିକ୍ତ ଉପ-ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ଭିତ୍ତିଭୂମି) ଭାବେ କାର୍ଯ୍ୟରତ ଥିଲେ। ସେଠାରେ ସେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ସମେତ ଅନେକ ପ୍ରମୁଖ ଭିତ୍ତିଭୂମି କ୍ଷେତ୍ରର ମନ୍ତ୍ରଣାଳୟ ଓ ବୃହତ୍ ସରକାରୀ ଉଦ୍ୟୋଗଗୁଡ଼ିକର ଅଡିଟ୍ ତଦାରଖ କରୁଥିଲେ। ତାଙ୍କର ଦୀର୍ଘ କର୍ମଜୀବନରେ ସେ ଉତ୍ତର-ପୂର୍ବାଞ୍ଚଳ ଉନ୍ନୟନ ମନ୍ତ୍ରଣାଳୟରେ ଉପ-ସଚିବ ଏବଂ ମାଲେସିଆର କୁଆଲାଲମ୍ପୁରସ୍ଥିତ ବିଦେଶସ୍ଥ ଅଡିଟ୍ କାର୍ଯ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ନିର୍ଦ୍ଦେଶକ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିର୍ବାହ କରିଛନ୍ତି। ଭୁବନେଶ୍ୱରସ୍ଥିତ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ପୂର୍ବାଞ୍ଚଳ) କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ପ୍ରମୋଦ କୁମାରଙ୍କୁ ସ୍ୱାଗତ ଜଣାଇବା ସହିତ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସାର୍ବଜନିକ ଆର୍ଥିକ ପରିଚାଳନାରେ ଉତ୍କର୍ଷତା ସୁନିଶ୍ଚିତ କରିବା ନିମନ୍ତେ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକଙ୍କ ସାମ୍ବିଧାନିକ ଦାୟିତ୍ୱ ପାଳନରେ ତାଙ୍କ ନେତୃତ୍ୱରେ କାର୍ଯ୍ୟ କରିବା ପାଇଁ ସେମାନଙ୍କର ଦୃଢ଼ ପ୍ରତିବଦ୍ଧତା ପୁନଃବ୍ୟକ୍ତ କରିଛନ୍ତି।

## ଟ୍ରେନ ଆଗକୁ ଡେଇଁ ବୃଦ୍ଧଙ୍କ ଆତ୍ମହତ୍ୟା

ସୋର,(ସବ୍ୟୁ): ଗୁରୁବାର ସକାଳ ସାଢ଼େ୧୦ଟାରେ ସୋର ରେଳ ଷ୍ଟେସନ ଦକ୍ଷିଣକୁ ଲିଙ୍ଗପଡ଼ା ଗେଟ ପାଖାପାଖି ଡାଉନ୍ ଲାଇନ୍‌ରେ ଆସୁଥିବା ଏକ ମାଲବାହୀ ଟ୍ରେନ ଆଗକୁ ଡେଇଁ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଦେଖାଯାଇଛି । ବୃଦ୍ଧ ଜଣଙ୍କର ଘର ଖଇରା ବ୍ଲକ ଡୁଡ଼ିଗଡ଼ିଆ ଡାଲଙ୍ଗ ଗ୍ରାମର ସୁଦର୍ଶନ ଶତପଥୀ (୮୨) ବୋଲି ଜଣାପଡ଼ିଛି । ଖବର ପାଇ ବାଲେଶ୍ୱର ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ତେବେ କେଉଁ କାରଣରୁ ବୃଦ୍ଧ ଜଣକ ଆତ୍ମହତ୍ୟା କଲେ ଜଣାପଡ଼ି ନଥିଲେ ବି ଜିଆରପି ତଦନ୍ତ ଜାରି ରଖିଛି ।

### ଏମ୍ସ ଭୁବନେଶ୍ୱରରେ ଜାତୀୟ ଚିକିତ୍ସକ ଦିବସ ସମାରୋହ

# ସାମଗ୍ରୀକ ବିକାଶରେ ଚିକିତ୍ସକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ): ଏମ୍ସ ଭୁବନେଶ୍ୱରରେ ଜାତୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି । ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ଡିନ୍ (ଏକାଡେମିକ୍) ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡ. ବିନୋଦ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସମସ୍ତ ଅଂଶୀଦାରଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା । କାର୍ଯ୍ୟକ୍ରମ ମାଧ୍ୟମରେ ଚିକିତ୍ସା ସେବା ପ୍ରଦାନ ଭଳି ପବିତ୍ର



ବୃତ୍ତିକୁ ସମ୍ମାନିତ କରିବା ଏବଂ ଏହାର ସ୍ୱାସ୍ଥ୍ୟସେବା କର୍ମୀଙ୍କ ଉତ୍ସର୍ଗୀକୃତ ଭାବନାକୁ ସ୍ୱୀକାର କରିବା, ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ ଅନୁଷ୍ଠାନର ଚିକିତ୍ସକ, ଆବାସିକ ଡାକ୍ତର ଏବଂ ଇଣ୍ଟର୍ନଙ୍କୁ ସେମାନଙ୍କର ଅନୁକରଣୀୟ ସେବା, ବୃତ୍ତିଗତ ପ୍ରତିବଦ୍ଧତା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଅକ୍ଳାନ୍ତ ପ୍ରୟାସ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଜାତୀୟ ଚିକିତ୍ସକ ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ଏଥିସହିତ ସ୍ନେହପୂର୍ଣ୍ଣ, ନୀତିଗତ ଏବଂ ପ୍ରମାଣ-ଭିତ୍ତିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଚିକିତ୍ସକଙ୍କ ଅକ୍ଳାନ୍ତ ପ୍ରୟାସକୁ ପ୍ରଶଂସା କରିଥିଲେ । ଡାକ୍ତର, ଶିକ୍ଷକ, ପରାମର୍ଶଦାତା ଏବଂ ଗବେଷକ ଭାବରେ ଚିକିତ୍ସକଙ୍କ ବହୁମୁଖୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ ।

## ଯୁକ୍ତ ଦୁଇ - ନାମଲେଖା କେବେ ?

ଭୁବନେଶ୍ୱର(ତଥ୍ୟ) ମାଟ୍ରିକ ପରୀକ୍ଷା ଫଳ ବାହାରିବାକୁ ଦୁଇ ମାସ ପୂରିଗଲାଣି। ହେଲେ ବର୍ତ୍ତମାନ ସୁଦ୍ଧା ଯୁକ୍ତ ଦୁଇ ନାମଲେଖା ତାଲିକା ପ୍ରକାଶ ପାଇପାରୁ ନାହିଁ। ଅନ୍ୟ ପକ୍ଷରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜୋରସୋରରେ ଯୁକ୍ତ ଦୁଇ ପାଠପଢା ଆରମ୍ଭ କରିଦେଲେଣି। ମଇ ଦୁଇ ତାରିଖରେ ରାଜ୍ୟରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ୯୫ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରଥମଥ ପାଇଁ ଓଡିଆ ଭାଷାରେ ସାର୍ଟିଫିକେଟ ମିଳିବ ବୋଲି କୁହାଯାଇଥିଲା। ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ କିନ୍ତୁ ବର୍ତ୍ତମାନ ସୁଦ୍ଧା ଯୁକ୍ତ ଦୁଇ ଶ୍ରେଣୀରେ ନାମଲେଖାଇବାପାଇଁ ଚାହିଁ ବସିଛନ୍ତି। ଯେଉଁମାନେ ଆବେଦନ କରିଛନ୍ତି ସେମାନଙ୍କୁ ଚଳିତ ମାସ ଆଠ ତାରିଖରେ ପ୍ରଥମ ତାଲିକା ପ୍ରକାଶ ପାଇବା ନେଇ ସୂଚନା ଦିଆଯାଇଛି। ଅନ୍ୟ ପକ୍ଷରେ ମାଟ୍ରିକ ପରୀକ୍ଷାରେ ଯେଉଁସବୁ ଛାତ୍ରଛାତ୍ରୀମାନେ ଭଲ ଫଳାଫଳ କରିଥିଲେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ବିଭିନ୍ନ କୋଚିଂ ସଂସ୍ଥାଗୁଡିକ ନିଜ ନିଜ ଅନୁଷ୍ଠାନକୁ ନେଇ ସାରିଲେଣି। ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଅନେକ ଛାତ୍ରଛାତ୍ରୀ ଏଠାରେ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷାପାଇଁ ପ୍ରସ୍ତୁତି ବି ଆରମ୍ଭ କରିସାରିଲେଣି। ଏମାନେ ଆଉ ଯୁକ୍ତ ଦୁଇ ପରିଷଦ ଅଧିନରେ ଥିବା କଲେଜଗୁଡିକରେ ପ୍ରାୟତଃ ନାମ ଲେଖାଇବାର ନାହିଁ। ସେହିଭଳି ସିବିଏସଇ ବୋର୍ଡରୁ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ନିଜ ନିଜ ବିଦ୍ୟାଳୟରେ ନାମ ଲେଖାଇବା ସହିତ ମାସାଧିକକାଳ ହେଲା ଯୁକ୍ତଦୁଇ ପାଠ ପଢା ଆରମ୍ଭ କରିଛନ୍ତି। ଆଉ କିଛି ଛାତ୍ରଛାତ୍ରୀ କେଉଁଠାରେ ଯୁକ୍ତ ଦୁଇ ପଢିବେ ତାହା ସ୍ଥିର କରନଥିଲେ ମଧ୍ୟ ବିଭିନ୍ନ କୋଚିଂ ସେଣ୍ଟରଗୁଡିକରେ ଟିଉସନ ହେବାରେ ଲାଗିଛନ୍ତି। ରାଜ୍ୟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟଗୁଡିକରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ନାମଲେଖା ସରିବା ସହିତ ଯୁକ୍ତଦୁଇ ପାଠପଢା ଜୋରସୋରରେ ଆରମ୍ଭ ହୋଇଗଲାଣି। ଏହି ପିଲାମାନେ ଯୁକ୍ତ ଦୁଇ ପାଠପଢା ସହିତ ବିଭିନ୍ନ ପ୍ରବେଶିକା ପରୀକ୍ଷାପାଇଁ ବି ପ୍ରସ୍ତୁତି ଚଳାଇଥିବା ଜଣାଯାଇଛି।

### କଟକରେ ୩୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ୍ ପାଇଁ

# ଫୋର୍ଟିସ୍ ହେଲଥ୍ କେୟାରର ଡିଅନ୍ ଗ୍ରୁପ୍ ସହ ଚୁକ୍ତି

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ଫୋର୍ଟିସ୍ ହେଲଥ୍ କେୟାର ଓଡ଼ିଶାର ପ୍ରମୁଖ ରିଅଲ୍‌ଇ ଷ୍ଟେଟ୍ ଏବଂ ଭିତ୍ତିଭୂମି ବିକାଶ ସଂସ୍ଥା ଡିଅନ୍ ଗ୍ରୁପ୍ ସହ କଟକର ତ୍ରିଶୁଳିଆସ୍ଥିତ ଡିଅନ୍ ରିଭରସାଇଡ୍ ଟାଉନସିପ୍‌ରେ ୩୦୦ ଶଯ୍ୟା ବିଶିଷ୍ଟ ଏକ ଗ୍ରୀନଫିଲ୍ଡ ମଲ୍ଟି,ସ୍ପେସିଆଲିଟି ହସ୍ପିଟାଲ୍ ନିର୍ମାଣ ଏବଂ ପରିଚାଳନା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଛି । ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବା ପରେ ଏହା ଓଡ଼ିଶା ଓ ପଡ଼ୋଶୀ ରାଜ୍ୟଗୁଡ଼ିକ ପାଇଁ ଏକ ପ୍ରମୁଖ ତୃତୀୟ ସ୍ତରୀୟ କେନ୍ଦ୍ର ଭାବେ ଗଢ଼ିଉଠିବ। ଏଠାରେ ଉନ୍ନତ ଚିକିତ୍ସା ସୁବିଧା, ଅତ୍ୟାଧୁନିକ ମେଡିକାଲ୍ ପ୍ରଯୁକ୍ତି, ଉନ୍ନତ ଡାୟାଗ୍ନୋଷ୍ଟିକ୍ସ କ୍ରିଟିକାଲ୍ କେୟାର ଓ ବିଭିନ୍ନ ସୁପର୍ ସ୍ପେସିଆଲିଟି ସେବା ଉପଲବ୍ଧ ହେବ । ଚିକିତ୍ସା ଦ୍ରୁତ ବିକାଶଶୀଳ କଟକ-ଭୁବନେଶ୍ୱର କରିଡରରେ ଅବସ୍ଥିତ ଏହି ହସ୍ପିଟାଲ୍ ଓଡିଶା ଏବଂ ପୂର୍ବ ଭାରତରେ ଉନ୍ନତ ସ୍ୱାସ୍ଥ୍ୟସେବାର ଆବଶ୍ୟକତା କୁ ପୂରଣ କରିବ। ସହ ଏକାଧିକ ଚିକିତ୍ସା ବିଭାଗରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଭାବେ ବିକଶିତ ହେବ । ଏହି ଅବସରରେ ଫୋର୍ଟିସ୍ ହେଲଥ୍ କେୟାରର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଡ଼. ଅଶୁତୋଷ ରଘୁବଂଶୀ କହିଛନ୍ତି, "ଡିଅନ୍ ଗ୍ରୁପ୍ ସହ ଏହି ସହଭାଗିତା ମାଧ୍ୟମରେ ଓଡ଼ିଶାରେ ଉନ୍ନତ ତୃତୀୟ ସ୍ତରୀୟ ଚିକିତ୍ସା ସେବା ପହଞ୍ଚାଇବାରେ ସକ୍ଷମ ହୋଇଥିବାରୁ ଆମେ ଗର୍ବିତ । ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳର ରୋଗୀଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଭାରତରେ ଆମର ସ୍ୱାସ୍ଥ୍ୟସେବା ବିସ୍ତାର ଯାତ୍ରାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଡିଅନ୍ ଗ୍ରୁପ୍ ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ମନୋଜ ସାହୁ କହିଛନ୍ତି, "ଡିଅନ୍ ଗ୍ରୁପ୍ ସଦା ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ସେବା ସହିତ ସମନ୍ୱିତ ସହର ଗଢ଼ିବାରେ ବିଶ୍ୱାସ କରେ। ଫୋର୍ଟିସ୍ ହେଲଥ୍ କେୟାର ସହ ଏହି ସହଭାଗିତା ଓଡ଼ିଶାରେ ବିଶ୍ୱସ୍ତରୀୟ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ପ୍ରତିଷ୍ଠାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରାଜ୍ୟରେ ଉନ୍ନତ ଚିକିତ୍ସା ସେବାର ବଢୁଥିବା ଚାହିଦା ପୂରଣ କରିବା ସହ ରୋଗୀଙ୍କୁ ନିଜ ରାଜ୍ୟରେ ଉଚ୍ଚମାନର ଚିକିତ୍ସା ସୁବିଧା ଉପଲବ୍ଧ କରାଇବ। ଗୁଣବତ୍ତା, ନବସୃଜନ ଏବଂ ନିରନ୍ତର ବିକାଶ ପ୍ରତି ପ୍ରତିବଦ୍ଧତା ସହ ଡିଅନ୍ ଗ୍ରୁପ୍ ଓଡ଼ିଶାର ସହରାଞ୍ଚଳ ଓ ଅର୍ଥନୈତିକ ବିକାଶକୁ ଆକାର ଦେବାରେ ନିରନ୍ତର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଆସୁଛି ।

# ଅରୁନ୍ଧତୀ ଜୁଏଲର୍ସ୍‌ର ୨୬ ତମ ବାର୍ଷିକ ମହୋତ୍ସବ ପାଳିତ

ବଲାଙ୍ଗିର,(ସବ୍ୟୁ): ଓଡ଼ିଶାର ସର୍ବବୃହତ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସର ୨୬ତମ ବାର୍ଷିକୀ ଉତ୍ସବ ନିଜର ଜନ୍ମମାଟି ବଲାଙ୍ଗିରରେ ପାଳିତ ହୋଇଯାଇଛି । ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସକୁ ହଜାର ହଜାର ବଲାଙ୍ଗୀରବାସୀ ଓ ଶୁଭେଚ୍ଛୁମାନଙ୍କ ସୁଅ ଛୁଟିଥିଲା । ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲେ ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ତଥା ଓଲିଉଡର ଜଣାଶୁଣା ଅଭିନେତ୍ରୀ ଶିବାନୀ ସଂଗୀତା । ତାଙ୍କର ଉପସ୍ଥିତି ପରିବେଶକୁ ଆହୁରି ଉତ୍ସବ ମୁଖର କରିବା ସହ ବଲାଙ୍ଗିରବାସୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା । ଏଥସହିତ ଅରୁନ୍ଧତୀ ପକ୍ଷରୁ ଘୋଷଣା କରାଯାଇଥିବା ବିଶେଷ 'ଆନିଭର୍ସାରି ମେଗା ଅଫର'କୁ ନେଇ ବଲାଙ୍ଗୀର ବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଥିଲା । ଏହି ଅଫର ମାଧ୍ୟମରେ ସମସ୍ତ ବଲାଙ୍ଗୀର ବାସୀ ଆସନ୍ତା ୫ ତାରିଖ ଯାଏଁ ସୁନା, ହୀରା, ରୁପା ଗହଣାର ଗଢା ମଜୁରୀରେ ଫ୍ଲାଟ ୩୬% ରିହାତି ସହ ୨୨ କ୍ୟାରେଟ ସୁନା କ୍ରୟରେ ସମାନ ଓଜନର ରୁପା ଓ ହୀରା କ୍ରୟରେ ସେଥିରେ ସୁନା ଓଜନର ୫ ଗୁଣା ରୁପା ମାଗଣା ପାଇବା ସହିତ ପୁରୁଣା ସୁନା ଏକ୍ସଚେଞ୍ଜରେ ୦% କାଟ ସହ ପ୍ରତି ଗ୍ରାମରେ ୩୫୦ ଟଙ୍କାର ଅତିରିକ୍ତ ବୋନସର ଲାଭ ପାଇପାରିବେ ।

ବଲାଙ୍ଗିରବାସୀଙ୍କ ଏହି ବିପୁଳ ସମର୍ଥନରେ ଅଭିଭୂତ ହୋଇ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ବଲାଙ୍ଗୀରବାସୀଙ୍କୁ ନିଜର ଆବେଗପୂର୍ଣ୍ଣ କୃତଜ୍ଞତା ଜଣାଇ କହିଛନ୍ତି ଯେ ବଲାଙ୍ଗୀର ମାଟି ଓ ବଲାଙ୍ଗୀର ବାସୀଙ୍କ ପାଇଁ ଆଜି ଅରୁନ୍ଧତୀର ସ୍ୱତନ୍ତ୍ର ପରିଚୟ । ଅରୁନ୍ଧତୀର ଏହି ଶୁଭ ବାର୍ଷିକୀ ଅବସରରେ ବଲାଙ୍ଗିର ବାସୀଙ୍କ ଉପସ୍ଥିତି ଓ ଉତ୍ସାହ ପ୍ରମାଣିତ କରୁଛି, ବଲାଙ୍ଗୀରବାସୀଙ୍କ ହୃଦୟରେ ଅରୁନ୍ଧତୀ ପ୍ରତି କେତେ ମାତ୍ରାରେ ଭରସା ଓ ଭଲପାଇବା ରହିଛି, ସେଥପାଇଁ ମୁଁ ସମସ୍ତ ବଲାଙ୍ଗିରବାସୀଙ୍କୁ ସେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ଏହି ୨୨ ବର୍ଷର ବିଶ୍ୱାସ ଓ ଭରସାକୁ ମଜଭୁତ କରି ଅରୁନ୍ଧତୀ ଆଗାମୀ ଦିନରେ ଜାତୀୟ ସ୍ତରରେ ପ୍ରଥମ ଥର ପାଇଁ ନିଜର ଉପସ୍ଥିତି ଜାହିର କରି ଏହି ପାର୍ବଣ ଋତୁରେ କୋଲକାତା ଠାରେ ନିଜର ନୂଆ ଶାଖା ଉନ୍ମୋଚନ କରିବା ସହ ଓଡ଼ିଶାରେ ଆଉ ୪ଟି ପ୍ରମୁଖ ସ୍ଥାନ ଭଦ୍ରକ, ବାଲେଶ୍ୱର, ଯାଜପୁର ରୋଡ଼ ଠାରେ ମଧ୍ୟ ନିଜର ନୂତନ ଶାଖା ମାଧ୍ୟମରେ ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କୁ



ନିଜର ନିରନ୍ତର ଓ ନିଷ୍ପାପର ସେବା ଯୋଗାଇ ଦେଇ ବଲାଙ୍ଗୀର ମାଟି ପାଇଁ ଆହୁରି ଅନେକ ଗର୍ବ, ଗୌରବ ଓ ସୁନାମ ଆଣିବାକୁ ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି । ସର୍ବଶେଷରେ ସେ ସଫଳତାର ଏହି ୨୬ ବର୍ଷର ଯାତ୍ରାକୁ ଏତେ ସ୍ମରଣୀୟ କରିଥବାରୁ ଏବଂ ଏହି ଉତ୍ସବକୁ ଐତିହାସିକ ସଫଳତା ଦେଇଥିବାରୁ ଅରୁନ୍ଧତୀ ପରିବାର ପକ୍ଷରୁ ସମସ୍ତ ବଲାଙ୍ଗୀରବାସୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ ।

# ପ୍ରଫେସର ଡାକ୍ତର ବାସୁଦେବ କର ସ୍ମାରକୀ ବକ୍ତୃତା

କଟକ, (ସ୍ୱପ୍ର) : ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ରାମକୃଷ୍ଣ ମେମୋରିଆଲ ହଲରେ ବିଜ୍ଞାନ ପ୍ରଚାର ସମିତି, ଓଡିଶାଙ୍କ ଆନୁକୂଲ୍ୟରେ ପ୍ରଫେସର ଡା. ବାସୁଦେବ କର ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବକ୍ତା ଭାବେ ଯୋଗ ଦେଇଥିଲେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଅନୁଷ୍ଠାନର ପ୍ରାକ୍ତନ ଡିନ ପ୍ରଫେସର ଡା. ନିରଞ୍ଜନ ରାଉତ । ସମ୍ମାନୀତ ବକ୍ତା ଭାବେ ପ୍ରଫେସର ଡା. ହେମଲତା ସ୍ୱାଇଁ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଜ୍ଞାନ ପ୍ରଚାର ସମିତିର ସମ୍ପାଦକ କବିତା ପାଟ୍ଟଶାଣୀ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଆବାହକ ପ୍ରଫେସର ଡ଼ଃ ଭାରତୀ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସମିତିର ଉପସଭାପତି ଡ଼ଃ ସୁଭାଷିନୀ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ । ବକ୍ତାମାନେ ଡାକ୍ତର କରଙ୍କୁ ଜଣେ ସୁଚିକିତ୍ସକ, ଉତ୍ତମ



ପ୍ରଶାସକ ଓ ସର୍ବୋପରି ଜଣେ ଉତ୍ତମ ହୃଦୟବାନ ମଣିଷ ଥିଲେ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଚଳିତ ବର୍ଷର ଡାକ୍ତର ବାସୁଦେବ କର ଶିଶୁଜ୍ଞାନ ସାହିତ୍ୟ ସମ୍ମାନ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବୈଜ୍ଞାନିକ ଡ଼ଃ ନିକୁଞ୍ଜ ବିହାରୀ ସାହୁ ଙ୍କୁ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଇଂ ଧୀରେନ୍ଦ୍ର ବିଶ୍ୱାଳ, ଡା. ନିରଞ୍ଜନ ତ୍ରିପାଠୀ, ଡା. ପଦ୍ମନାଭ ବେହେରା, ଡା. ସୁଦର୍ଶନ ପଟ୍ଟନାୟକ, ଡ଼ଃ ହେମନ୍ତ ପରିଡା. ଡ଼ଃ ଶିବଶଙ୍କର ନାୟକ, ଡ଼ଃ ଜୟଶ୍ରୀ ସ୍ୱାଇଁ, ଜ୍ୟୋତିଷଚନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସହ ବିଶ୍ୱବିଦ୍ୟାଳୟର ବହୁ ଛାତ୍ର, ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ସମିତିର ଯୁଗ୍ମ ସମ୍ପାଦକ ଅରବିନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରି : ଧରାପଡ଼ିଲେ ଦୁଇ ପାଚିକା

ନିରାକାରପୁର,(ସବ୍ୟୁ):ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଞ୍ଚଳର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରି ହେଉଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି । ସ୍କୁଲ ପିଲାଙ୍କ ପାଇଁ ଆସୁଥିବା ଚାଉଳ ଓ ଡାଲି ଆଦି ସାମଗ୍ରୀ ଚୋରି କରି ଦୁଇ ଜଣ ପାଚିକା ରଙ୍ଗେହାତ ଧରାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି ।ସୂଚନା ଅନୁଯାୟୀ, ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ସାରିବା ପରେ ଦାୟିତ୍ୱରେ ଥିବା କିଛି ପାଚିକା ବଳକା ଖାଦ୍ୟ ସାମଗ୍ରୀକୁ ଚୋରି କରି ନେଉଥିବା ନେଇ ଦୀର୍ଘ ଦିନ ହେବ ସନ୍ଦେହ ପ୍ରକାଶ ପାଇଥିଲା । ଏହି ସନ୍ଦେହ ଆଧାରରେ ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀ ମିଳିତ ଭାବେ ରୋଷେଇ ଘରେ ଚଢ଼ାଉ କରିଥିଲେ ।ଚଢ଼ାଉ ସମୟରେ ରୋଷେଇ ଘର ଭିତରେ ମାଟି ଖୋଳି ପୋତି ରଖାଯାଇଥିବା ଅବସ୍ଥାରେ ଚାଉଳ, ଡାଲି, ତେଲ, ଲୁଣ ଓ ହଳଦୀ ଗୁଣ୍ଡ ଆଦି ସାମଗ୍ରୀ ଜବତ କରାଯାଇଛି ।ବିଦ୍ୟାଳୟରେ କାର୍ଯ୍ୟରତ ତିନି ଜଣ ପାଚିକାଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଘଟଣାସ୍ଥଳରେ ଧରାଯାଇଥିବା ବେଳେ ସେମାନେ ନିଜର ଦୋଷ ସ୍ୱୀକାର କରିଛନ୍ତି । ତେବେ ଏହି ଚୋରି ଘଟଣାର ମୁଖ୍ୟ ସୂତ୍ରଧର କୁହାଯାଉଥିବା ଅନ୍ୟ ଜଣେ ପାଚିକା ସେଠାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି ।ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସ୍ଥାନୀୟ ସରପଞ୍ଚ ଏବଂ ପରିଚାଳନା କମିଟିର ସଭାପତି ସମ୍ପୃକ୍ତ ପାଚିକାମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ବିଭାଗୀୟ ତଦନ୍ତ ପରେ ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି ।ଏହି ସମ୍ବେଦନଶୀଳ ମାମଲାର ସମାଧାନ ଏବଂ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଶୁକ୍ରବାର ବିଦ୍ୟାଳୟ ପରିସରରେ ଏକ ଜରୁରୀ ସଭା ଡକାଯାଇଛି । ଏହି ବୈଠକରେ ପରିଚାଳନା କମିଟି, ସ୍ଥାନୀୟ ଜନପ୍ରତିନିଧି ଏବଂ ଶିକ୍ଷା ବିଭାଗର ଅଧିକାରୀମାନେ ଯୋଗଦେଇ କାର୍ଯ୍ୟାନୁଷ୍ଠାନ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଶୁଣିବାକୁ ମିଳୁଛି ।

### ଜିଲ୍ଲାପାଳଙ୍କ ବିରୋଧରେ ଜାତିଆଣ ଆକ୍ଷେପ ଅଭିଯୋଗ ଆଣିଲା

# ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ, ଅଭିଯୋଗକୁ ଖଣ୍ଡନ କଲେ ଜିଲ୍ଲାପାଳ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ପୌରପାଳିକା ବିରୋଧରେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ତଦନ୍ତ ରିପୋର୍ଟ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଠିକା ସଫେଇ କର୍ମଚାରୀଙ୍କୁ ଜିଲ୍ଲାପାଳ ଜାତିଆଣ ଆକ୍ଷେପ ଓ ଦୁର୍ବ୍ୟବହାର କରିଥିବା ଓଡ଼ିଶା ଚୁକ୍ତିଭିତିକ ଠିକା କର୍ମଚାରୀ ସଂଘ ଅଭିଯୋଗ ଆଣିଛି। ସଫେଇ କର୍ମଚାରୀଙ୍କ ପ୍ରତି ଜିଲ୍ଲାପାଳଙ୍କ ଏଭଳି ମନ୍ତବ୍ୟ କୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ସହ କାର୍ଯ୍ୟାଳୟ ପରିସର ଏକାଧିକ ମହିଳା, ପୁରୁଷ ସଫେଇ କର୍ମଚାରୀ ଧାରଣ ଦେଇ ଜିଲ୍ଲା ପ୍ରଶାସନ ବିରୋଧ ରେ ସ୍ଲୋଗାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଏସ୍‌ଡିପିଓ ପଙ୍କଜ ମାଝୀ, ଥାନାଧିକାରୀ ସଞ୍ଜୟ ନାୟକ ବୁଝାସୁଝା କରିବା ପରେ ମଧ୍ୟ ନିଜ ଜିଦରେ ଅଟଳ ରହିଥିଲେ। ତାଙ୍କ ବିରୋଧ ରେ କାର୍ଯ୍ୟନୁଷ୍ଠାନ ଦାବିରେ ଆଦର୍ଶ ଥାନାଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହି ଅଭିଯୋଗ ଖଣ୍ଡନ କରିଥିବା ବେଳେ ଟେଣ୍ଡର ଅନିୟମିତତାର ତଦନ୍ତ ଚାଲିଥିବା କହିଛନ୍ତି। ଖୋର୍ଦ୍ଧା ପୌରପାଳିକା ପକ୍ଷରୁ ଡ୍ରେନ ଓ ପରିମଳ ପାଇଁ ହୋଇଥିବା ୬କୋଟି ରୁ ଅଧିକ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତାର ଅଭିଯୋଗ ଆଣିଥିଲା ଓଡ଼ିଶା ଚୁକ୍ତିଭିତିକ ଠିକା କର୍ମଚାରୀ ସଂଘ। ଏହାର ତଦନ୍ତ ପାଇଁ ଗତ ଏପ୍ରିଲ ମାସ ରେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଦୁଇ ମାସ ବିତିଲାଣି ଅଥଚ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଏବଂ ଅଭିଯୋଗକାରୀ ତଦନ୍ତ ପ୍ରକ୍ରିୟାର ଅଗ୍ରଗତି ସଂକ୍ରାନ୍ତ ରେ କୌଣସି ସୁଚନା ନ ଦେବା ପ୍ରତିବାଦ ରେ ସଂଘ ରାଜ୍ୟ ସଭାପତି ମୋହନ ନାୟକ ଙ୍କ ନେତୃତ୍ୱ ରେ ଏକାଧିକ ସଫେଇ କର୍ମଚାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଧାରଣା ଦେଇଥିଲେ। ତେବେ ସଂଘ ଆଣିଥିବା ଅଭିଯୋଗ ଉପରେ ଆଲୋଚନା କରିବା ପରିବର୍ତ୍ତେ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ଆଣିଛନ୍ତି।

# ଏଆଇ-ସକ୍ଷମ ଶିଳ୍ପ ୫.୦ ମ୍ୟାନେଜମେଣ୍ଟ ଶିକ୍ଷା ଉପରେ ଫ୍ୟାକଲ୍ଟି ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱରର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଫ୍ୟାକଲ୍ଟି ଅଫ୍ ବିଜ୍‌ନେସ୍ ଆଣ୍ଡ କମ୍ପ୍ୟୁଟର ସାଇନସେସ୍(ଆଇବିସିଏସ୍) ପକ୍ଷରୁ ଗତ ଶନିବାର ଶିକ୍ଷାଦାନ



କ୍ଷେତ୍ରରେ ଉତ୍କର୍ଷର୍ତା, ଗବେଷଣା କ୍ଷମତା ଏବଂ ଶୈକ୍ଷିକ ନେତୃତ୍ୱକୁ ପୁନଃ ପରିଭାଷିତ କରିବା "ଉପରେ ଏକ ୫ ଦିନିଆ ଫ୍ୟାକଲ୍ଟି ବିକାଶ କାର୍ଯ୍ୟକ୍ରମ (ଏଫଡିପି) ଆରମ୍ଭ ହୋଇଛି। "ଏଆଇ-ଏନାବଲଡ ଇଣ୍ଡଷ୍ଟ୍ରି ୫.୦ ମ୍ୟାନେଜମେଣ୍ଟ ଏଜୁକେସନ: ରିଡିଫାଇନିଂ ଟିଚିଂ ଏକ୍ସିଲେନସ୍, ରିସର୍ଚ୍ଚ କ୍ୟାପାବିଲିଟି ଆଣ୍ଡ ଏକାଡେମିକ ଲିଡରସିପ୍" ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପି. କେ. ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଟିସିଏସ୍‌ର ଗ୍ରୋଥ୍ ମାର୍କେଟ୍-କ୍ଲାଉଡ୍ ଇନଫ୍ରାଷ୍ଟ୍ରଚର ୟୁନିଟ୍‌ର ଆପ୍ଲିକେସନ୍ ମଡର୍ଣ୍ଣାଇଜେସନ୍ ଆଣ୍ଡ ଡିଜିଟାଲ୍ ଟ୍ରାନ୍ସଫର୍ମେଶନ୍ ଡେଲିଭରି ହେଡ୍ ଡକ୍ଟର ଶ୍ରୀକାନ୍ତ କୁମାର ମହାପାତ୍ର, ସୋଆ ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ଅୟଶକାନ୍ତ ମହାନ୍ତି, ଆସୋସିଏଟ୍ ଡିନ୍ ପ୍ରଫେସର (ଡକ୍ଟର) ମନୋରଞ୍ଜନ ଦାଶ ଏବଂ ପ୍ରଫେସର (ଡକ୍ଟର) ବନ୍ଦନା ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ ଶିଳ୍ପ ବିଶେଷଜ୍ଞମାନେ ସାମିଲ ହୋଇ କୃତ୍ରିମ ବୁଦ୍ଧିମତା ଉପରେ ଶିଳ୍ପ ୫.୦, ଡିଜିଟାଲ୍ ପରିବର୍ତ୍ତନ, ଏଆଇ ବ୍ୟବହାର ଦ୍ୱାରା ଶିକ୍ଷାଦାନ, ଗବେଷଣା, ଏଚ୍‌ଆର ଆନାଲିଟିକ୍ସ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇଥିବା ମ୍ୟାନେଜମେଂଟ ଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଟିସିଏସ୍‌ର ଡେଲିଭରି ହେଡ୍ ଡକ୍ଟର ମହାପାତ୍ର, ଟିସିଏସ୍‌ର ଏଆଇ କନ୍‌ସଲଟାଣ୍ଟ ଶ୍ରୀମତୀ ସୀତା ନାୟକ, ଜାଭିୟର ବିଶ୍ୱବିଦ୍ୟାଳୟର ପ୍ରଫେସର (ଡକ୍ଟର) ସୁଚିତ୍ରା ପାଲ, ଟିସିଏସ୍‌ର ଚିଫ୍ ଆର୍କିଟେକ୍ଟ ବିଶ୍ୱରଞ୍ଜନ ଜେନା, ସିନିୟର୍ କନ୍‌ସଂଲାଟ୍ ଶ୍ରୀମତୀ ସସ୍ମିତା ପଟ୍ଟନାୟକ, ସୋଆ ଆଇବିସିଏସ୍‌ର ପ୍ରଫେସର (ଡକ୍ଟର) ବନ୍ଦନା ନାୟକ, ଜାଭିୟର୍ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର (ଡକ୍ଟର) ଲଲାଟେନ୍ଦୁ କେଶରୀ ଜେନା ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ମତ ରଖିଥିଲେ।

## ସୁନ୍ଦରଗ୍ରାମ ରଥଯାତ୍ରା ବୈଠକ

କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମର ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଦ୍ୱାରିକାନାଥ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଟ୍ରଷ୍ଟର ସମସ୍ତ ଟ୍ରଷ୍ଟି ଓ ସଦସମାନେ ଯୋଗଦେଇଥିଲେ । ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସୁପରିଚାଳନା ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ଚତୁର୍ଦ୍ଧା ମୂର୍ତ୍ତିଙ୍କ ମାଉସୀମା'ଘରେ ଅବସ୍ଥାନ ସମୟରେ ପ୍ରତ୍ୟେକ ଦିନ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରିବାକୁ ସ୍ଥିର ହୋଇଥିଲା । ଏତଦ ସହିତ ପୁଲିସ, ବିଦ୍ୟୁତ ବିଭାଗ କର୍ମଚାରୀ ଓ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ନିମନ୍ତେ ବୈଠକରେ ଅନୁରୋଧ କରାଯାଇଥିଲା । ଅନମାନଙ୍କ ମଧରେ ଇଂ.ଫଣିଭୂଷଣ ମହାନ୍ତି, ଅଗା ବାବା, ସୀତାକାନ୍ତ ଦାଶ, ପୂଜକ ପ୍ରଭାତ ପଣ୍ଡା, କେଦାରନାଥ ମିଶ୍ର, ଚନ୍ଦ୍ରଶେଖର ଦାଶ ଓ ଯୁବକ ସଂଘ ସଦସମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟ ଚଳଚିତ୍ର ପୁରସ୍କାର : ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ପାଇଲେ ସମର୍ପିତା ଦାଶ

ଭୁବନେଶ୍ୱର, (ସବ୍ୟୁ): ଗବେଷିକା ସମର୍ପିତା ଦାଶ ଓଡିଆ ଚଳଚିତ୍ର "ଏଇ ଆକାଶ ତଳେ" ପାଇଁ ଓଡିଶା ରାଜ୍ୟ ଚଳଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ (ଜୁରି) ସମ୍ମାନରେ ସମ୍ମାନିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ହସ୍ତରୁ ସେ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ, ସୂର୍ଯ୍ୟବଂଶି ସୂରଜ, ସରକାରଙ୍କ ବରିଷ୍ଠ ପ୍ରତିନିଧି, ବିଶିଷ୍ଟ ଚଳଚିତ୍ର ବ୍ୟକ୍ତିତ୍ୱ ମାନେ ଉପସ୍ଥିତ ଥିଲେ। ଏହି ଚଳଚିତ୍ରଟି ସମର୍ପିତାଙ୍କ ପ୍ରଥମ ଚଳଚିତ୍ର ହୋଇଥିବାବେଳେ ସେ ଏଥିରେ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିବା ତାଙ୍କୁ ପ୍ରଶଂସାର ପାତ୍ର କରିଛି। ସମର୍ପିତା ଜଣେ ଗବେଷିକା,ଅଭିନେତ୍ରୀ, ନାଟ୍ୟକର୍ମୀ ଓ ଉଦ୍ୟୋଗୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଛନ୍ତି। ପ୍ରାୟ ୬ ବର୍ଷର ନାଟ୍ୟ ଅନୁଭୁତି ସହ ସେ ବିଭିନ୍ନ ମଞ୍ଚ ନାଟକରେ ମୁଖ୍ୟ ଭୁମିକାରେ ଅଭିନୟ କରିଛନ୍ତି।

ଷ୍ଟୋରୀ ଲ୍ୟାବ୍ ଦ୍ୱାରା ପ୍ରସ୍ତୁତ ଏହି ଚଳଚିତ୍ରଟି ଜଣେ ଝିଅ, ତାର ବାପା,



ମାଟି, ରାଜ୍ୟ ଓ ନିଜ ପରିଚୟକୁ ନେଇ ଏକ ସମ୍ବେଦନଶୀଳ କାହାଣୀ। ଏଥିରେ ଉଦ୍ୟୋଗୀକତା, ଗ୍ରାମୀଣ ପର୍ଯ୍ୟଟନ, କୃଷି-ପର୍ଯ୍ୟଟନ, ଲୋକସଂସ୍କୃତି ଓ ଆତ୍ମ-ଅନ୍ୱେଷଣ ଭଳି ବିଷୟଗୁଡ଼ିକୁ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି। ବିଶେଷକରି ଗ୍ରାମାଞ୍ଚଳର ଅଧାରିତ ପର୍ଯ୍ୟଟନ ବ୍ୟବସ୍ଥା ଓ ସ୍ଥାନିୟ ଉଦ୍ୟୋଗୀଙ୍କ ସଶକ୍ତିକରଣକୁ ନେଇ ଚଳଚିତ୍ରର କେନ୍ଦ୍ରୀୟ ଭାବନା ରହିଛି। ଏହି ପୁରସ୍କାର କେବଳ ଜଣେ ଅଭିନେତ୍ରୀଙ୍କ ସଫଳତା ନୁହେଁ, ବଂର ଓଡିଶାର କାହାଣୀ ସଂସ୍କୃତି ଓ ଗ୍ରାମୀଣ ଉପସ୍ଥାପନାକୁ ବିଶ୍ୱ ସ୍ତରରେ ଉପସ୍ଥାପନ କରିବାର ଏକ ସଫଳ ପ୍ରୟାସ ହୋଇପାରିଛି। ଷ୍ଟୋରୀ ଲ୍ୟାବ୍‌ର ଏହି ପ୍ରୟାସ ଗ୍ରାମିଣ ସଂସ୍କୃତି ଏବଂ ଓଡିଶା ପ୍ରତି ଉପହାର ଏବଂ ଏହା ଯୁବ ଚଳଚିତ୍ର ନିର୍ମାତାମାନଙ୍କୁ ପ୍ରେରିତ କରିବ ବୋଲି ସମର୍ପିତା ଦାଶ କହିଛନ୍ତି।

## ଜାତିସଂଘରେ ଭାରତର କଡ଼ା ଆଭିମୁଖ୍ୟ

# ଆତଙ୍କବାଦ ବିରୋଧରେ ଦୋହରା ନୀତି ବନ୍ଦ ହେଉ

**ନୂଆଦିଲ୍ଲୀ:** ଆତଙ୍କବାଦୀ କେବଳ ଜଣେ ଆତଙ୍କବାଦୀ ଏବଂ ଏହାର କୌଣସି ଆଧାର ବା ଯଥାର୍ଥତା ରହିପାରିବ ନାହିଁ ବୋଲି ଜାତିସଂଘରେ ଭାରତ ସ୍ପଷ୍ଟ କରିଛି। ଜାତିସଂଘ ସାଧାରଣ ସଭାରେ ମିଳିତ ଜାତିସଂଘ ଗ୍ଲୋବାଲ କାଉଣ୍ଟର-ଟେରରିଜମ ଷ୍ଟ୍ରାଟେଜି (ଜିସିଟିଏସ୍) ର ନବମ ସମୀକ୍ଷା ସମୟରେ ବିଶ୍ୱ ସମୁଦାୟକୁ ସମ୍ବୋଧିତ କରି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ହରୀଶ ପର୍ବଥାନେନୀ ଆତଙ୍କବାଦ ବିରୋଧରେ ଦୋହରା ନୀତି ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। ଭାରତ ଦୀର୍ଘ ଦଶନ୍ଧି ଧରି ସୀମାପାର ଆତଙ୍କବାଦର ଶିକାର ହୋଇଆସୁଛି ଏବଂ ଆମର ନାଗରିକମାନେ ଏଥିପାଇଁ ବଡ଼ ମୂଲ୍ୟ ଦେଇଛନ୍ତି। ତେଣୁ କୌଣସି ରାଜନୈତିକ କାରଣ, ରଣନୀତିକ ହିସାବ କିମ୍ବା ଅଭିଯୋଗ ଆଧାରରେ ଆତଙ୍କବାଦକୁ ପ୍ରଶ୍ରୟ ଦିଆଯାଇପାରିବ



ନାହିଁ ଏବଂ ଏହି ଚିନ୍ତାଧାରାକୁ ସମୂଳେ ବିନାଶ କରିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ଜୋର ଦେଇ କହିଛନ୍ତି। "ଆତଙ୍କବାଦୀ କେବଳ ଆତଙ୍କବାଦୀ, ଏହାର କୌଣସି ବାହାନା ଚଳିବ ନାହିଁ" । ରାଷ୍ଟ୍ରଦୂତ ପର୍ବଥାନେନୀ କହିଛନ୍ତି ଯେ, ଭାରତ ବହୁ ଦଶନ୍ଧି ଧରି ସୀମାପାର ଆତଙ୍କବାଦର ଶିକାର ହୋଇଆସୁଛି। ଆମର ଅସଂଖ୍ୟ ନିରୀହ ଲୋକ ଜୀବନ ହରାଇଛନ୍ତି, ପରିବାର ଉଜୁଡ଼ି ଯାଇଛି ଏବଂ ସମାଜ ବିପର୍ଯ୍ୟସ୍ତ ହୋଇଛି। ଏହି କଠିନ ଅନୁଭୂତି ହିଁ ଆତଙ୍କବାଦ ବିରୋଧରେ ଭାରତର ସଂକଳ୍ପକୁ ମଜବୁତ କରିଛି। ସେ ଜାତିସଂଘକୁ ମନେ ପକାଇ ଦେଇଛନ୍ତି ଯେ, ମାନବାଧିକାର ଏବଂ ଆଇନର ଶାସନ ରକ୍ଷା କରିବା ନିଶ୍ଚିତ ଜରୁରୀ, ମାତ୍ର ସବୁଠାରୁ ବଡ଼ ମାନବାଧିକାର ହେଉଛି "ଜୀବନ ଜୀଇଁବାର ଅଧିକାର" ଏବଂ ଆତଙ୍କବାଦ ଏହି ଅଧିକାର ଉପରେ ସବୁଠାରୁ ବଡ଼ ଆକ୍ରମଣ ଅଟେ। ତେଣୁ ଆତଙ୍କବାଦର ମାଷ୍ଟରମାଇଣ୍ଡ, ସଂଗଠକ, ଆର୍ଥିକ ସହାୟତା ପ୍ରଦାନକାରୀ ଓ ଏହାକୁ ପ୍ରତିପୋଷଣ କରୁଥିବା ଦେଶଗୁଡ଼ିକୁ ଦାୟୀ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରର କର୍ତ୍ତବ୍ୟ। ଏହା ସହିତ ଭାରତ ଆତଙ୍କବାଦୀ ପାଣ୍ଠି ରୋକିବା ଉପରେ ଗୁରୁତ୍ୱାରୋପ କରିଛି। ବିଶ୍ୱ ସ୍ତରରେ ଆର୍ଥିକ ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ବୃଦ୍ଧି କରିବା ଏବଂ 'ଏଫଏଟିଏଫ୍' ନିୟମକୁ କଡ଼ାକଡ଼ି ଲାଗୁ କରିବାକୁ ସେ ଆହ୍ୱାନ ଦେଇଛନ୍ତି, ଯେପରି କୌଣସି ଦେଶ ଆତଙ୍କବାଦୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ନପାଲଟେ। ବର୍ତ୍ତମାନ ଆତଙ୍କବାଦୀମାନେ ନୂଆ ନୂଆ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର କରୁଥିବାରୁ ଏହାକୁ ରୋକିବା ପାଇଁ ସାର୍ବଜନୀନ ଆଇନଗତ ବ୍ୟବସ୍ଥା "ସିସିଆଇଟି"କୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଭାରତ ଦାବି କରିଛି, ଯାହା ଗତ ୩ ଦଶନ୍ଧି ଧରି ବିଶ୍ୱ ରାଜନୀତି ଯୋଗୁଁ ଅଟକି ରହିଛି। ଭାରତ କହିଛି ଯେ କେବଳ ଇସଲାମୋଫୋବିଆ କିମ୍ବା ଖ୍ରୀଷ୍ଟିଆନଫୋବିଆ ନୁହେଁ, ବରଂ ହିନ୍ଦୁ, ବୌଦ୍ଧ ଓ ଶିଖ୍ ଭଳି ଅନ୍ୟ ସମସ୍ତ ଧର୍ମ ପ୍ରତି ଥିବା ବିଦ୍ୱେଷକୁ ମଧ୍ୟ ଜାତିସଂଘ ସମାନ ଭାବେ ନିନ୍ଦା କରିବା ଉଚିତ।

## ▶▶ ମଣିପୁରରେ ନାଗା-କୁକି ବିବାଦ

# କୁକି ଗାଁ ପୋଡ଼ିବାକୁ ନେଇ ଉତ୍ତେଜନା



**ଇମ୍ଫାଲ:** ମଣିପୁରରେ ପୁଣି ଥରେ ନାଗା-କୁକି ସମୁଦାୟ ମଧ୍ୟରେ ଉତ୍ତେଜନା ଦେଖାଯାଇଛି। ବୁଧବାର ଦିନ ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଅଜ୍ଞାତ ଦୁର୍ବୃତ୍ତମାନେ ଫାଇମୋଲର ଜନଶୂନ୍ୟ କୁକି ଗ୍ରାମରେ ନିଆଁ ଲଗାଇ ସମସ୍ତ ଘର ପୋଡ଼ି ନଷ୍ଟ କରିଦେବାକୁ ନେଇ ଅଶାନ୍ତି ପ୍ରକାଶ ପାଇଛି। ନାଗା ଲୋକମାନେ ଗ୍ରାମର ଚର୍ଚ୍ଚ ବ୍ୟତୀତ ଅନ୍ୟ ଘରଗୁଡ଼ିକୁ ପୋଡ଼ି ଦେବାକୁ ଚେଷ୍ଟା କରିଥିଲେ। ଅନ୍ୟପକ୍ଷରେ ନିକଟସ୍ଥ ଶାଙ୍ଗାଲୋକର ତାଙ୍ଗଖୁଲ ନାଗା ଗ୍ରାମକୁ ପୋଡ଼ି ଦେବାର ପ୍ରତିଶୋଧମୂଳକ ପ୍ରୟାସକୁ ସୁରକ୍ଷାବାହିନୀ ପଣ୍ଡ କରିଦେଇଥିଲେ। ପୁଲିସ ସୂଚନା ଅନୁଯାୟୀ, ଏହି ଘଟଣା ବୁଧବାର ମଧ୍ୟାହ୍ନ ୧୨ଟା ୩୦ ମିନିଟ ସମୟରେ ଘଟିଥିଲା। ଭାରତ-ମ୍ୟାଁମାର ନିକଟ ଚାସାଦ ପୁଲିସ ଷ୍ଟେସନର ଉତ୍ତର-ପୂର୍ବରେ ୪୫ କିମି ଦୂରରେ ଥିବା ଫାଇମୋଲ ଗାଁରେ ଦୁର୍ବୃତ୍ତ ପ୍ରବେଶ କରି କୁକି ସମ୍ପ୍ରଦାୟର ଲୋକଙ୍କ ଘରଗୁଡ଼ିକୁ ପୋଡ଼ି ଦେଇଥିଲେ। ଫାଇମୋଲ ଗାଁର ଲୋକମାନେ ବର୍ତ୍ତମାନ ଆସାମ ରାଇଫଲ୍ସ ଶିବିର ନିକଟ ଆଇସି ଗାଁରେ ଆଶ୍ରୟ ନେଇଛନ୍ତି। ଫାଇମୋଲ ଗାଁର ୧୫ଟି ଘର ଏଥିରେ ପୋଡ଼ି ଯାଇଥିଲା। ଏହି ଘଟଣାର ପ୍ରତିଶୋଧ ନେବାକୁ ଆଉ ଏକ ଗୋଷ୍ଠୀ ଅପରାହ୍ଣ ୧ଟା ୪୫ ମିନିଟ ବେଳେ ଶାଙ୍ଗାଲୋକ ତାଙ୍ଗଖୁଲ ଗ୍ରାମରେ ନିଆଁ ଲଗାଇବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଘଉଡ଼ାଇ ଦେଇଥିଲା।

## ଜଳଦସ୍ୟୁଙ୍କ କବଳରୁ କ୍ରୁ ସଦସ୍ୟଙ୍କ ଜୀବନ ବଞ୍ଚାଇଲା ଭାରତୀୟ ନୌସେନା

**ନୂଆଦିଲ୍ଲୀ:** ଭାରତୀୟ ନୌସେନା ଭାରତ ଅଭିମୁଖେ ଆସୁଥିବା ଏକ ଜାହାଜକୁ ଜଳଦସ୍ୟୁଙ୍କ ଠାରୁ ସୁରକ୍ଷା ପ୍ରଦାନ କରି ଲୁଟ୍ର ଏକ ଉଦ୍ୟମକୁ ପଣ୍ଡ କରିଛି। ଜାହାଜଟି ଏବେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଜୁଲାଇ ୧ ତାରିଖ ରାତିରେ ଜାହାଜ ଉପରେ ଜଳଦସ୍ୟୁ ଆକ୍ରମଣ କରିଥିଲେ। ଭାରତୀୟ ନୌସେନା ଯୁଦ୍ଧଜାହାଜ ଆଇଏନଏସ ତ୍ରିକଣ୍ଡ ଏହି ଲୁଟ୍ ଉଦ୍ୟମକୁ ପଣ୍ଡ କରିଛି। ସୂଚନା ଅନୁଯାୟୀ, ଜଳଦସ୍ୟୁ ଲୁଟ୍ ପାଇଁ ଯୋଜନା କରିଥିବା ଜାହାଜ ଏମଭି ଗୋଲ୍ଡେନ୍ ଆର୍ସେନାଲ୍ରେ ଭାରତୀୟ ନୌସେନା ମେରାଇନ୍ କମାଣ୍ଡୋ ଚଢ଼ିଥିଲେ। ସେଥିରେ ଜଣେ ଭାରତୀୟ କ୍ରୁ ସଦସ୍ୟ ମଧ୍ୟ ଥିଲେ। ଜାହାଜଟି ଭାରତ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଣୁଛି। କ୍ରୁମାନେ ନିଜକୁ ଏକ ସୁରକ୍ଷିତ କୋଠରୀରେ ବନ୍ଦ କରିଦେଇଥିଲେ ଏବଂ ଯୋଗାଯୋଗ ମାଧ୍ୟମରେ ଡକାୟତି ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ଯେତେବେଳେ ଭାରତୀୟ



ନୌସେନା ଯୁଦ୍ଧଜାହାଜ ସମ୍ପୃକ୍ତ ଜାହାଜ ନିକଟକୁ ଆସିଥିଲା, ଜଳଦସ୍ୟୁମାନେ ଭୟରେ ପଳାଇଯାଇଥିଲେ। ଏହା ପ୍ରଥମ ଥର ନୁହେଁ ଯେତେବେଳେ ଭାରତୀୟ ନୌସେନା ନିଜର ଦକ୍ଷତା ପ୍ରଦର୍ଶନ କରି ଜଳଦସ୍ୟୁଙ୍କଠାରୁ ଏକ ଜାହାଜକୁ ଉଦ୍ଧାର କରିଛି। ପୂର୍ବରୁ ପୂର୍ବରୁ ଜୁନ୍ ୧୯ରେ ଆଇଏନଏସ ତ୍ରିକଣ୍ଡ ଏମଭି ଫରିଦ୍-୫ରୁ ଜରୁରୀକାଳୀନ ଅନୁରୋଧ ପାଇ ପଶ୍ଚିମ ଭାରତ ମହାସାଗରରେ ସମୟୋଚିତ ପଦକ୍ଷେପ ଗ୍ରହଣ କରି ଜଳଦସ୍ୟୁଙ୍କୁ ଘଉଡ଼ାଇ ଦେଇଥିଲା। ସେହିପରି ୨୭ ମେ'ରେ, ଭାରତୀୟ ନୌସେନା ଭାରତ ମହାସାଗରରେ ଏକ ମାଲବାହୀ ଜାହାଜକୁ ଉଦ୍ଧାର କରିଥିଲା। ପଶ୍ଚିମ ଭାରତ ମହାସାଗରରେ ମାଲବାହୀ ଜାହାଜ ଏମଭି ମାଶାଆଲ୍ଲାହ-୧ ନିକଟରେ ଜଳଦସ୍ୟୁଙ୍କ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା।। ଆଇଏନଏସ କୋଲକାତା ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରି ଉଦ୍ୟମକୁ ପଣ୍ଡ କରିଥିଲା।

# ଦିଲ୍ଲୀ-ପଞ୍ଜାବ ଆତଙ୍କବାଦୀ ଯୋଜନାର ପର୍ଦ୍ଦାଫାସ

## ଆଇଏସଆଇ ନେଟୱାର୍କ ସହ ଜଡ଼ିତ ୪ ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ:** ଦିଲ୍ଲୀ ପୁଲିସ ସ୍ପେଶାଲ୍ ସେଲ୍ର ଏସିପି ବିବେକ କୁମାର ତ୍ୟାଗୀଙ୍କ ତତ୍ତ୍ୱାବଧାନରେ,ଇନ୍ସପେକ୍ଟର ସତୀଶ ରାଣା ଏବଂ ଇନ୍ସପେକ୍ଟର ଅଶୋକଙ୍କୁ ନେଇ ଗଠିତ ଏକ ଦଳ ଏକ ଆନ୍ତଃରାଜ୍ୟ ଅପରେସନରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନେ ଆଇଏସଆଇ ହ୍ୟାଣ୍ଡଲର୍ ଶହଜାଦ ଭଟ୍ଟି ଏବଂ ତାଙ୍କ ସହଯୋଗୀଙ୍କ ନିର୍ଦ୍ଦେଶରେ ଦିଲ୍ଲୀରେ ଏକ ଆତଙ୍କବାଦୀ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଥିଲେ। ଧରା ନପଡ଼ିବା ପାଇଁ ଅଭିଯୁକ୍ତମାନେ ବିଦେଶୀ ଫୋନ୍ ନମ୍ବର ବ୍ୟବହାର କରୁଥିଲେ। ଏହି ନମ୍ବରଗୁଡ଼ିକ ସେମାନଙ୍କର ପାକିସ୍ତାନୀ ହ୍ୟାଣ୍ଡଲର୍ ଦ୍ୱାରା ପ୍ରଦାନ କରାଯାଇଥିଲା। ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ସମସ୍ତେ ପଞ୍ଜାବର ବାସିନ୍ଦା। ସେମାନଙ୍କୁ ଶୁଭଦୀପ ସିଂହ ଓରଫ ବିଶାଳ (୨୩), ଗୁରଜନ୍ତ ସିଂହ ଓରଫ ରିଷି, ସାଜନ ସିଂହ ଓରଫ ହନି (୨୮) ଏବଂ ଗଗନପ୍ରୀତ (୨୪) ବୋଲି ଚିହ୍ନଟ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଜିଗାନା ପିସ୍ତଲ ଏବଂ ଗୋଟିଏ ପଏଣ୍ଟ ୩୦ ବୋର ପିସ୍ତଲ, ନଅ ରାଉଣ୍ଡ



ଗୁଳି ଏବଂ ପାଞ୍ଚଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସ୍ପେଶାଲ୍ ସେଲ୍ ବିଶ୍ୱସ୍ତ ଏବଂ ଠୋସ୍ ସୂଚନା ପାଇଥିଲା ଯେ, ପାକିସ୍ତାନରେ ବାସ କରୁଥିବା ଆଇଏସଆଇ ହ୍ୟାଣ୍ଡଲର୍ ଶହଜାଦ ଭଟ୍ଟି, ପାକିସ୍ତାନରେ ରହୁଥିବା ଅନ୍ୟ ସହଯୋଗୀମାନଙ୍କ ସହିତ ଦିଲ୍ଲୀ-ଏନସିଆରରେ ଏକ ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ର କରୁଛନ୍ତି। ସୂଚନାରୁ ଏହା ମଧ୍ୟ ଜଣାପଡିଥିଲା ଯେ, ସେମାନେ ଏହି ଅପରେସନ ପାଇଁ ପଞ୍ଜାବରୁ ଯୁବକମାନଙ୍କୁ ନିଯୁକ୍ତି ଦେଇଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଏବଂ ବୈଷୟିକ ବିଶ୍ଳେଷଣ ଆଧାରରେ, ଦିଲ୍ଲୀ ଏବଂ ପଞ୍ଜାବର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଅନେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିଲା। ପ୍ରଥମ ଗିରଫଦାରୀ ପଞ୍ଜାବର ଅମୃତସରର ମାଜିଥା ରୋଡରେ କରାଯାଇଥିଲା ଏବଂ ଅଭିଯୁକ୍ତ ଶୁଭଦୀପ ସିଂହଙ୍କଠାରୁ ଏକ ଅର୍ଦ୍ଧ-ସ୍ୱୟଂଚାଳିତ ପିସ୍ତଲ, ପାଞ୍ଚଟି ଜୀବନ୍ତ କାର୍ଟ୍ରିଜ୍ ଏବଂ ଦୁଇଟି ମୋବାଇଲ୍ ଫୋନ୍ ମିଳିଥିଲା। ପଚରାଉଚରା ସମୟରେ, ସେ ପ୍ରକାଶ କରିଥିଲେ ଯେ, ସେ ପାକିସ୍ତାନରେ ଶହଜାଦ ନେଟୱାର୍କର ହ୍ୟାଣ୍ଡଲରମାନଙ୍କ ସହିତ ଯୋଗାଯୋଗରେ ଥିଲେ ଏବଂ ଡ୍ରୋନ୍ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ସଂଗ୍ରହ କରୁଥିଲେ। ତଦନ୍ତ ସମୟରେ, ତାଙ୍କର ଦୁଇ ସହଯୋଗୀ, ଗୁରଜନ୍ତ ସିଂହ ଓରଫ ରିଷି ଏବଂ ସାଜନ ସିଂହ ଓରଫ ହନିଙ୍କୁ ପଞ୍ଜାବରୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଏକ ଜିଗନା ପିସ୍ତଲ, ଚାରୋଟି ଜୀବନ୍ତ କାର୍ଟୁସ୍ ଏବଂ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ପରେ, ଜୁନ୍ ୨୪ ତାରିଖରେ, ଆଉ ଜଣେ ଅଭିଯୁକ୍ତ, ଗଗନପ୍ରୀତଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା, ଏବଂ ତାଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସମ୍ବଳିତ ଏକ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ତାଙ୍କୁ ପାକିସ୍ତାନୀ ହ୍ୟାଣ୍ଡଲରମାନେ ଦିଲ୍ଲୀରେ ଧାର୍ମିକ ସ୍ଥଳ ଏବଂ ପୁଲିସ ଥାନାଗୁଡ଼ିକର ରେକି କରିବା ଏବଂ ଦିଲ୍ଲୀରେ ଗୁଳିକାଣ୍ଡ ଘଟାଇବା ପାଇଁ ଦାୟିତ୍ୱ ଦେଇଥିଲେ। ଅଭିଯୁକ୍ତ ଶୁଭଦୀପ ସିଂହ ଓରଫ ବିଶାଳ ପାକିସ୍ତାନ ସୀମାରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ପଞ୍ଜାବର ତରନତାରନର ବାସିନ୍ଦା। ସେ ପିସ୍ତଲ ଏବଂ ନିଶାଦ୍ରବ୍ୟର ସାମଗ୍ରୀ ପହଞ୍ଚାଇବା ପାଇଁ ଡ୍ରୋନ୍ ବ୍ୟବହାର କରୁଥିଲେ। ସେ ପାକିସ୍ତାନରେ ଥିବା ଆଇଏସଆଇ ହ୍ୟାଣ୍ଡଲର ଏବଂ ଡ୍ରୋନ୍ ଅପରେଟରଙ୍କ ସହ ଯୋଗାଯୋଗ କରିବା ପାଇଁ ଏକ ବିଦେଶୀ ଫୋନ୍ ନମ୍ବର ବ୍ୟବହାର କରୁଥିଲେ। ତାଙ୍କୁ ପୂର୍ବରୁ ଏକ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବଷ୍ଟେନ୍ସ (ଏନଡିପିଏସ) ମାମଲାରେ ପଞ୍ଜାବ ପୁଲିସ ଗିରଫ କରିଥିଲା। ଗୁରଜନ୍ତ ସିଂହ, ଓରଫ ରିଷି, ପଞ୍ଜାବର ତରନତାରନର ବାସିନ୍ଦା। ସେ ବିଦେଶୀ ନମ୍ବର ମାଧ୍ୟମରେ ଆଇଏସଆଇ ହ୍ୟାଣ୍ଡଲରଙ୍କ ସହ ସମ୍ପର୍କରେ ଥିଲେ । ତାଙ୍କ ସମ୍ପର୍କୀୟ ଭାଇ ସାଜନ ସିଂହ, ଓରଫ ହନି ସହିତ, ସେ ଡ୍ରୋନ୍ ମାଧ୍ୟମରେ ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ଆଣୁଥିଲେ। ସଜନ ସିଂହ ଓରଫ ହନି, ପଞ୍ଜାବର ଅମୃତସରର ବାସିନ୍ଦା। ସେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ସହ ଯୋଗାଯୋଗ କରିବା ପାଇଁ ବିଦେଶୀ ନମ୍ବର ମଧ୍ୟ ବ୍ୟବହାର କରୁଥିଲେ। ପୂର୍ବରୁ ତାଙ୍କୁ ଏନଡିପିଏସ ମାମଲାରେ ପଞ୍ଜାବ ପୋଲିସ ଗିରଫ କରିଥିଲା। ପଞ୍ଜାବର ଫତେଗଡ଼ ସାହିବ ଜିଲ୍ଲାର ବାସିନ୍ଦା ଗଗନପ୍ରୀତ ସୋସିଆଲ ମିଡିଆ ମାଧ୍ୟମରେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ସହ ଯୋଗାଯୋଗରେ ଥିଲେ। ।ଙ୍କୁ ଦିଲ୍ଲୀର ପୁଲିସ ଷ୍ଟେସନ ଏବଂ ପୁଲିସ ପିକେଟ୍ର ଭିଡିଓ ତିଆରି କରିବା ଏବଂ ଗୁଳି ଚଳାଇବା ଦାୟିତ୍ୱ ଦିଆଯାଇଥିଲା।

# ମୋଟେଲ୍ ଅଗ୍ନିକାଣ୍ଡରେ ଆଖି ବୁଜିଲେ ଗୁଜରାଟ ଦମ୍ପତି ଓ ଝିଅ

**ୱାଶିଂଟନ:** ନିଆଁ ଲିଭାଇ ଦେଇଛି ଗୋଟିଏ ପରିବାରର ୩ ସଦସ୍ୟଙ୍କ ଜୀବନର ଦୀପ। ଆମେରିକାର ଓହିଓ ସ୍ଥିତ ଗୋଟିଏ ମୋଟେଲରେ ଲାଗିଥିବା ଅଗ୍ନିକାଣ୍ଡରେ ଗୁଜରାଟର ଖେଡର ଦମ୍ପତି ଓ ତାଙ୍କ ୨୦ ବର୍ଷୀୟ ଝିଅଙ୍କ ମୃତ୍ୟୁ ହୋଇଛି। ସେମାନେ ମୋଟେଲରେ କାମ କରିବା ସହ ସେଠାରେ ରହୁଥିଲେ। ହେଲେ ଏବେ ମୋଟେଲ ଅଗ୍ନିକାଣ୍ଡରେ ପୂରା ପରିବାର ମୃତ୍ୟୁର ଶେଯରେ ଶୋଇଯାଇଛି। ମୃତକମାନେ ହେଲେ- ହିତେଶଭାଇ ସୁତାର, ତାଙ୍କ ପତ୍ନୀ ହିନାବେନ ଓ ୨୦ ବର୍ଷୀୟ ଝିଅ ଈଶାନି। ସେମାନଙ୍କ ଘର ଗୁଜରାଟର ଖେଡା ଜିଲ୍ଲେ ଅନ୍ତର୍ଗତ ନଦିଆଦରେ। ହେଲେ ସୁତାର ପରିବାର ପ୍ରାୟ ୨ ବର୍ଷ ହେଲା ଓହିଓର ଉଷ୍ଟର ଠାରେ କାମ କରି ରହୁଥିଲେ। ହିତେଶ ଭାଇ କାମ କରୁଥିବା ଇକୋନୋ ଲଜ୍ ମୋଟେଲରେ ପୂରା ଘଟଣା ଘଟିଛି। ରାତି ପ୍ରାୟ ୧.୩୦ରେ ପରିବାର ସଦସ୍ୟ କାମ କରିବା ସହ ରହୁଥିବା ମୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ପୂରା ଅଞ୍ଚଳ ଧୂଆଁମୟ ହୋଇ ଯାଇଥିଲା। ମୋଟେଲର ଛାତରେ ନିଆଁ ଜଳୁଥିବା ଦେଖାଯାଇଥିଲା। ସୁତାର ପରିବାର ସେମାନଙ୍କ ରୁମରେ ଥିବା ବେଳେ ହିଁ ଅଗ୍ନିକାଣ୍ଡ ଘଟିଥିଲା। ପୂରା ବିଲଡିଂକୁ ନିଆଁ ଓ ଧୂଆଁ କରାୟତ କରି ଦେଇଥିବାରୁ ସେମାନେ ମୋଟେଲର ଡେସ୍କକୁ ଫୋନ କରି ସାହାଯ୍ୟ ମାଗିଥିଲେ। ସେମାନଙ୍କୁ ରୁମର ପାଣି ସପ୍ଲାଇକୁ ଖୋଲିବାକୁ ଓ ନିଜର ସୁରକ୍ଷା ପାଇଁ ସେଠାରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିବାର ଲୋକ ନିଆଁ ଓ ଧୂଆଁରୁ ବର୍ତ୍ତିବା ପାଇଁ ନିଜକୁ ବାଥରୁମରେ ଲକ କରି ଦେଇଥିଲେ। ହେଲେ ଅଗ୍ନିଶମ ବାହିନୀ ନିଆଁ ଓ ଧୂଆଁକୁ ଆୟତ୍ତ କରିବାକୁ ଢେର ସମୟ ନେଇଥିଲେ। ଏସବୁ ଭିତରେ ସୁତାର ପରିବାର ବାଥରୁମ ଭିତରେ ହିଁ ଅଣନିଃଶ୍ୱାସ ହୋଇ ଆଖି ବୁଜିଥିଲେ। ସୁତାର ପରିବାରକୁ ଛାଡ଼ି ଦେଲେ ଏହି ଘଟଣାରେ ଆଉ କେହି ବି ମୃତାହତ ହୋଇ ନାହାନ୍ତି। ତେବେ ନିଆଁକୁ ଆୟତ୍ତ କରିବା ବେଳେ ଜଣେ ଅଗ୍ନିଶମ କର୍ମଚାରୀ ସାମନ୍ୟ ଆହତ ହୋଇଥିଲେ। ଏବେ ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀମାନେ କେଉଁ ପରିସ୍ଥିତିରେ ନିଆଁ ଲାଗିଥିଲା, ତା'ର ତଦନ୍ତ କରୁଛନ୍ତି।

# ଓଡ଼ିଆ ବୈଜ୍ଞାନିକ ଡିଆରଡିଓର ମହାନିର୍ଦ୍ଦେଶକ

**ବେଙ୍ଗାଲୁରୁ:** ପ୍ରତିଷ୍ଠିତ ବୈଜ୍ଞାନିକ ଡକ୍ଟର ଜଗନ୍ନାଥ ନାୟକ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ)ର ମହାନିର୍ଦ୍ଦେଶକ(କ୍ଷେପଣାସ୍ତ୍ର ଏବଂ ରଣନୈତିକ ପ୍ରଣାଳୀ)ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସବୁଠାରୁ ମର୍ଯ୍ୟାଦାଜନକ ଏବଂ ଗୁରୁତ୍ୱପୂର୍ଣ୍ଣ ପଦବୀ ଗ୍ରହଣ କରବା ପୂର୍ବରୁ ସେ ହାଇ ଏନର୍ଜି ସିଷ୍ଟମ ଏବଂ ସାଇନ୍ସ ସେଣ୍ଟର (ଚେସ), ହାଇଦ୍ରାବାଦର ନିର୍ଦ୍ଦେଶକ ଥିଲେ । ଡକ୍ଟର ନାୟକଙ୍କର ଡିଆରଡିଓରେ ୩୫ ବର୍ଷର ଅଭିଜ୍ଞତା ଅଛ । ସେ ପ୍ରତିରକ୍ଷା ଏବଂ ମହାକାଶ ପ୍ରୟୋଗ ପାଇଁ ଆଡଭାନ୍ସ ଏଭିଓନିକ୍ସର ସ୍ୱଦେଶୀ ଡିଜାଇନ୍ ଏବଂ ବିକାଶରେ ଗବେଷଣା ଏବଂ ବିକାଶ ପାଇଁ ପ୍ରସିଦ୍ଧ । ଚେସର ନିର୍ଦ୍ଦେଶକ ଭାବରେ, ଡକ୍ଟର ନାୟକ ଭାରତର ପ୍ରଥମ ନିର୍ଦ୍ଦେଶିତ ଶକ୍ତି ଅସ୍ତ୍ର ପ୍ରଣାଳୀର ବିକାଶ, କ୍ଷେତ୍ର ପରୀକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତରର ନେତୃତ୍ୱ ନେଇଥିଲେ, ଯାହା ଭବିଷ୍ୟତ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାରେ ଏକ ପ୍ରମୁଖ ସଫଳତା । ଗବେଷଣା କେନ୍ଦ୍ର ଇମାରତ ସହିତ ସେବା କରିବା ସମୟରେ, ସେ ଆକାଶ କ୍ଷେପଣାସ୍ତ୍ର ଏବଂ ଆଣ୍ଟି-ଡ୍ରୋନ୍ ସିଷ୍ଟମ ପାଇଁ ସ୍ୱଦେଶୀ



ଫାଇବର ଅପଟିକ୍ ଜାଇରୋସ୍କୋପ୍ ମାର୍ଗଦର୍ଶନର ନେତୃତ୍ୱ ନେଇଥିଲେ । ବୈଜ୍ଞାନିକ ଡକ୍ଟର ନାୟକ ପ୍ରସିଦ୍ଧ ପତ୍ରିକାରେ ୧୨୫ ରୁ ଅଧିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରିଛନ୍ତି । ଓଡିଶାର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଅରଖକୁଦ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଡକ୍ଟର ନାୟକ ରୋହିଆ ହାଇସ୍କୁଲରୁ ତାଙ୍କର ପ୍ରାରମ୍ଭିକ ଶିକ୍ଷା ଲାଭ କରିଥିଲେ । ପରେ ସେ କଟକର ରେଭେନ୍ସା କଲେଜରୁ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ ଏବଂ ପରେ ପ୍ରତିଷ୍ଠିତ ଆଇଆଇଏସସି , ବେଙ୍ଗାଲୁରୁରୁ ଏମଏସ ଏବଂ ପିଏଚଡି କରିଥିଲେ । ଏହି ଖୁସି ଖବର ପାଇବା ପରେ, ରୋହିଆର ପୁରୁଣା ଛାତ୍ର ସଂଘ ହାଇସ୍କୁଲ ପକ୍ଷରୁ ଡକ୍ଟର ନାୟକଙ୍କୁ ତାଙ୍କର ଚମତ୍କାର ସଫଳତା ପାଇଁ ଅଭିନନ୍ଦନ କରାଯାଇଛି । ଡିଆରଡିଓର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଗ୍ରହଣ କରି ଡକ୍ଟର ନାୟକ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ।

# ଟିଭିକେରେ ଯୋଗ ଦେଲେ ୩ ପୂର୍ବତନ ମନ୍ତ୍ରୀ

**ଚେନ୍ନାଇ:** ଏଆଇଏଡିଏମ୍କେର ୩ ଜଣ ପୂର୍ବତନ ମନ୍ତ୍ରୀ ଡ. ସି ବିଜୟଭାସ୍କର, ଏମ୍ଆର ବିଜୟଭାସ୍କର ଏବଂ ଏମଏସ୍ଆନନ୍ଦନ ସେମାନଙ୍କ ସମର୍ଥକଙ୍କ ସହ ଆଜି ଶାସକ ଟିଭିକେରେ ଯୋଗ ଦେଇଛନ୍ତି। ମମଲ୍ଲପୁରମରେ ଟିଭିକେର ସାଧାରଣ ସମ୍ପାଦକ ଏନ୍ ଆନନ୍ଦଙ୍କ ଉପସ୍ଥିତିରେ ଉକ୍ତ ୩ ନେତା ଟିଭିକେରେ ଯୋଗ ଦେଇଛନ୍ତି। ଏଥିପାଇଁ ଆଜି ମମଲ୍ଲପୁରମରେ ଏକ ହୋଟେଲ୍ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସି ବିଜୟଭାସ୍କର ଏହି ଅବସରରେ କହିଛନ୍ତି, ଦଳୀୟ କର୍ମୀମାନଙ୍କ ସହ ଅନେକ ବିଚାରବିମର୍ଶ ପରେ ଏଆଇଏଡିଏମ୍କେ ଛାଡ଼ିବାପାଇଁ ନିଷ୍ପତ୍ତି ନିଆଯାଇଛି। ସେ ପ୍ରକାଶ କରିଛନ୍ତି ଯେ ସେ ଏବଂ ଅନ୍ୟ ନେତାମାନେ ବାରମ୍ବାର ଏଆଇଏଡିଏମ୍କେ ନେତୃବୃନ୍ଦମାନଙ୍କୁ ଟିଭିକେ ସହ ନିର୍ବାଚନ ପୂର୍ବରୁ ମେଣ୍ଟ କରିବାକୁ କହିଥିଲେ ଏବଂ ନିର୍ବାଚନ ପରେ ମଧ୍ୟ ଏହି ସମାନ କଥା କହିଥିଲେ। କିନ୍ତୁ ସେମାନଙ୍କ କଥା କେହି ଶୁଣିନଥିଲେ। ସେ କହିଛନ୍ତି, ଆମେ ଏଭଳି ନେତୃତ୍ୱ ସହ ରହିପାରିବୁନି ଯିଏ ଡିଏମ୍କେ ସହ ମେଣ୍ଟ କରିବାପାଇଁ ଉଦ୍ୟମ କରୁଛି ଏବଂ ନିଜ ଦଳର ନେତାଙ୍କ କଥା ଶୁଣୁନାହିଁ। ଡିଏମ୍କେ ହେଉଛି ଏକ ରାଜନୈତିକ ଶକ୍ତି ଯାହାକୁ ଏମ୍ଜି ରାମଚନ୍ଦ୍ରନ ତୀବ୍ର ବିରୋଧ



କରୁଥିଲେ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଜୟଙ୍କ ଟିଭିକେରେ ଯୋଗ ଦେବା ଆମପାଇଁ ସ୍ୱାଭାବିକ । ଟିଭିକେର ଭବିଷ୍ୟତରେ ଦୃଢ଼ ବିଶ୍ୱାସ ପ୍ରକଟ କରି ବିଜୟଭାସ୍କର କହିଛନ୍ତି, ଦଳ ଆଗାମୀ ନିର୍ବାଚନରେ ଶତ ପ୍ରତିଶତ ବିଜୟ ହାସଲ କରିବ। ଦଳକୁ ଉକ୍ତ ନେତାଙ୍କୁ ସ୍ୱାଗତ କରି ଟିଭିକେ ମୁଖ୍ୟ ସଂଯୋଜକ କେଏ ସେଙ୍ଗୋଟେୟାନ କହିଛନ୍ତି, ସେମାନେ ସଠିକ୍ ଦଳକୁ ଆସିଛନ୍ତି। ଏଆଇଏଡିଏମ୍କେ ଏକ ରାଜନୈତିକ ଅନୁଷ୍ଠାନ ବଦଳରେ ଏକ କର୍ପୋରେଟ୍ କମ୍ପାନି ଭଳି କାମ କରୁଛି ବୋଲି ସେ କହିଛନ୍ତି। ଡିଏମ୍କେ ସହ ମେଣ୍ଟ କରିବାକୁ ଉଦ୍ୟମ କରି ଏଆଇଏଡିଏମ୍କେ ନେତୃବୃନ୍ଦ ଦଳୀୟ କର୍ମୀମାନଙ୍କ ସହ ବିଶ୍ୱାସଘାତ କରିଛନ୍ତି ବୋଲି ସେ କହିଛନ୍ତି।

# 'ସଂସଦର ମୌସୁମୀ ଅଧିବେଶନରେ 'ଆସିବ ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଜେଲ ବିଲ୍

**ନୂଆଦିଲ୍ଲୀ:** ସଂସଦର ଆସନ୍ତା ମୌସୁମୀ ଅଧିବେଶନରେ କେନ୍ଦ୍ର ସରକାର ବହୁଚର୍ଚ୍ଚିତ ସମ୍ବିଧାନ (୧୩୦ତମ ସଂଶୋଧନ) ବିଲ୍, ୨୦୨୫କୁ ପାସ୍ କରାଇବା ପାଇଁ ପଦକ୍ଷେପ ନେଇପାରନ୍ତି। ଏହାକୁ 'ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଜେଲ୍ ବିଲ୍' ବୋଲି କୁହାଯାଉଛି। ବିଲ୍ଟିକୁ ଯାଞ୍ଚ କରୁଥିବା ମିଳିତ ସଂସଦୀୟ କମିଟି (ଜେପିସି) ଜୁଲାଇ ୧୭ରେ ଏହାର ରିପୋର୍ଟକୁ ଅନୁମୋଦନ କରିପାରେ। ଏହା ପରେ ସରକାର ସଂସଦରେ ବିଲ୍ଟିକୁ ଉପସ୍ଥାପନ କରି ପାସ୍ କରାଇବାକୁ ଉଦ୍ୟମ କରିବ ବୋଲି ସୂଚନା ମିଳିଛି। ପ୍ରସ୍ତାବିତ ବିଲ୍ ଅନୁଯାୟୀ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ଯେକୌଣସି ମନ୍ତ୍ରୀ ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ କାରାଦଣ୍ଡଯୋଗ୍ୟ ଗୁରୁତର ଅପରାଧ ମାମଲାରେ ଗିରଫ ହୋଇ ଲଗାତାର ୩୦ ଦିନ ଧରି ହେପାଜତରେ



ରହିଲେ ସେମାନଙ୍କୁ ପଦରୁ ହଟାଯିବ। ଏହା ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ଆଦେଶରେ, ଅଥବା ବିଲ୍ର ବ୍ୟବସ୍ଥା ଅନୁଯାୟୀ ସ୍ୱୟଂଚାଳିତ ଭାବେ ୩୧ତମ ଦିନରୁ କାର୍ଯ୍ୟକାରୀ ହୋଇପାରିବ। ଗତବର୍ଷ ସଂସଦରେ ବିଲ୍ଟି ଉପସ୍ଥାପିତ ହେବା ପରେ ବିରୋଧୀ ଦଳଗୁଡ଼ିକର ତୀବ୍ର ବିରୋଧ ଯୋଗୁଁ ଏହାକୁ ଅଧିକ ଯାଞ୍ଚ ପାଇଁ ଜେପିସିକୁ ପଠାଯାଇଥିଲା। ବିରୋଧୀ ଦଳମାନଙ୍କ ଅଭିଯୋଗ ହେଉଛି, କେବଳ ଗିରଫ କିମ୍ବା ହେପାଜତକୁ ଆଧାର କରି ଜନପ୍ରତିନିଧିଙ୍କୁ ପଦଚ୍ୟୁତ କରିବା ପ୍ରାକୃତିକ ନ୍ୟାୟ ଓ ସଂଘୀୟ ବ୍ୟବସ୍ଥାର ମୂଳ ଭାବନା ବିରୋଧୀ। ସେମାନେ ଏହାର ରାଜନୈତିକ ଦୁରୁପଯୋଗ ହେବାର ଆଶଙ୍କା ମଧ୍ୟ ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, କମିଟିର ସୁପାରିସ ଆଧାରରେ କିଛି ସଂଶୋଧନ କରି ବିଲ୍ର ଦୁରୁପଯୋଗ ରୋକିବା ପାଇଁ ସୁରକ୍ଷାମୂଳକ ବ୍ୟବସ୍ଥା ଯୋଡ଼ାଯାଇପାରେ। ବିଶେଷ କରି କେଉଁ ପ୍ରକାରର ଅପରାଧରେ ଏହି ଆଇନ ଲାଗୁ ହେବ, ସେଥିରେ ଅଧିକ ସ୍ୱଷ୍ଟତା ଆଣିବାକୁ ସୁପାରିସ କରାଯାଇପାରେ। ଏହି ବିଲ୍ ଏକ ସମ୍ବିଧାନ ସଂଶୋଧନ ବିଲ୍ ହୋଇଥିବାରୁ ଏହାକୁ ପାସ୍ କରାଇବା ପାଇଁ ଲୋକସଭା ଓ ରାଜ୍ୟସଭାରେ ଉପସ୍ଥିତ ସଦସ୍ୟଙ୍କ ଦୁଇ-ତୃତୀୟାଂଶ ସମର୍ଥନ ଆବଶ୍ୟକ।

## ବୈଭବ ନଖେଳିଲେ ଅସୁବିଧା: ଗାଭାସ୍କର



ନୂଆଦିଲ୍ଲୀ,୨।୭ (ଏଜେନ୍ସି): ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ବୈଭବ ସୂର୍ଯ୍ୟବଂଶୀ ଭାରତୀୟ ଦଳରେ ସାମିଲ ଅଛନ୍ତି। ହେଲେ ବାରମ୍ବାର ତାଙ୍କୁ ନିରାଶ ହେବାକୁ ପଡୁଛି। ପୂର୍ବରୁ ଆୟର୍ଲାଣ୍ଡ ବିପକ୍ଷରେ ତାଙ୍କୁ ସୁଯୋଗ ମିଳିନଥିଲା। ଏହି ଶୃଙ୍ଖଳାରେ ଭାରତ ଶୋଚନୀୟ ଭାବେ ହାରି ଥିଲା। ଏହାପରେ ଇଂଲଣ୍ଡ ବିପକ୍ଷର ପ୍ରଥମ ଟି-୨୦ରେ ତାଙ୍କୁ ପୁଣି ଉପକ୍ଷିତ ହେବାକୁପଡିଥିଲା। ଯାହାକୁ ଅନେକ ସମାଲୋଚନା କରୁଛନ୍ତି। ଭାରତୀୟ ଦଳର ବିସ୍ମୟ ଖେଳାଳି ବୈଭବଙ୍କୁ ସୁଯୋଗ ମିଳୁନଥିବାରୁ ସୁନୀଲ ଗାଭାସ୍କର ବର୍ଷିଛନ୍ତି। ସେ କହିଛନ୍ତି ଯେ, ୧୫ ବର୍ଷୀୟ ବୈଭବଙ୍କୁ ଏତେ ସମୟ ଧରି ବସାଇବା ଠିକ୍ ନୁହେଁ। ତାଙ୍କ ଉପରେ ଚାପ ପଡିବ। ପ୍ରଶଂସକ ତାଙ୍କ ଠାରୁ ବଡ ସ୍କୋର ଆଶା କରିବେ। ଯାହା ତାଙ୍କ ଉପରେ ଅତିରିକ୍ତ ଚାପ ପକାଇବ। ବୈଭବ ଏବେ ମାତ୍ର ୧୫ ବର୍ଷର। ସେ ଚାପ ବାବଦରେ ଏତେ କିଛି ଜାଣିନାହାନ୍ତି। କିନ୍ତୁ ଅଧିକ ସମୟ ଧରି ବେଞ୍ଚରେ ବସିଲେ ସେ ଚାପରେ ରହିବେ। ସୁଯୋଗ ମିଳିଲେ ତୁରନ୍ତ ନିଜକୁ ପ୍ରମାଣିତ କରିବାକୁ ହେବ ବୋଲି ଭାବିବେ। ଯାହା ତାଙ୍କ ଫର୍ମକୁ ବିଗାଡିବ। ବୈଭବ ଦଳରେ ରହି ବରିଷ୍ଠ ଖେଳାଳିଙ୍କ ଠାରୁ ଶିଖିବା ଦରକାର। ତାଙ୍କ ବ୍ୟତୀତ ଦଳରେ ବହୁ ଖେଳାଳି ଅଛନ୍ତି। ସିନିୟର କ୍ୟାରିୟରଙ୍କ ମଧ୍ୟରେ ରହିବା ଯୁବ କ୍ରିକେଟରଙ୍କ ପାଇଁ ବଡ଼ କଥା। ଏହି ଅନୁଭବ ତାଙ୍କୁ ଭବିଷ୍ୟତରେ ମହାନ ବ୍ୟାଟର ଭାବେ ଗଢ଼ି ତୋଳିବ ବୋଲି ଗାଭାସ୍କର କହିଛନ୍ତି।

**ଫିଫା ବିଶ୍ୱକପ୍**

## ସେନେଗାଲକୁ ଧରାଶାୟୀ କଲା ବେଲଜିୟମ

ନୂଆଦିଲ୍ଲୀ,୨।୭ (ଏଜେନ୍ସି): ଗୁରୁବାର ଫିଫା ବିଶ୍ୱକପର ଏକ ରୋମାଞ୍ଚକର ମ୍ୟାଚରେ ସେନେଗାଲକୁ ୩-୨ ଗୋଲରେ ପରାସ୍ତ କରିଛି ବେଲଜିୟମ। ମ୍ୟାଚର ନିୟମିତ ସମୟ ପର୍ଯ୍ୟନ୍ତ ସ୍ଥିତି ୨-୨ ଗୋଲ ବରାବର ରହିବା



ପରେ ଅତିରିକ୍ତ ସମୟରେ ୟୁରି ଡିଏଲେମୋସ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରି ଦଳ ପାଇଁ ବିଜୟ ଆଣି ଦେଇଥିଲେ। ଏହା ସହିତ ବେଲଜିୟମ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ମ୍ୟାଚର ୨୪ତମ ମିନିଟରେ ଇସ୍ମାଇଲା ହେଡର ଗୋଲପୋଷ୍ଟରେ ବାଜି ଫେରି ଆସୁଥିବା ବେଳେ ହବିବ ରିବାଉଣ୍ଡ ବଲକୁ ଗୋଲରେ ପରିଣତ କରି ସେନେଗାଲକୁ ୧-୦ରେ ଆଗୁଆ କରିଥିଲେ। ଏହାପରେ ବେଲଜିୟମ୍ ଗୋଲ କରି ସ୍ଥିତି ବରାବର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭର କିଛି ମିନିଟ ପରେ ଇସ୍ମାଇଲା ଗୋଲ କରି ସେନେଗାଲକୁ ୨-୦ରେ ଆଗୁଆ କରିଥିଲେ। ମ୍ୟାଚର ୮୬ତମ ମିନିଟରେ ରୋମେଲିଓ ଲୁକାକୁ ବେଲଜିୟମ ପକ୍ଷରୁ ପ୍ରଥମ ଗୋଲ କରି ସ୍ଥିତିକୁ ୧-୨କୁ ଆଣି ଥିଲେ। ପୁଣି ୮୯ତମ ମିନିଟରେ ୟୁରି ଡିଏଲୋମାନ୍ସ ଗୋଲ ଦେବାକୁ ମ୍ୟାଚ ୨-୨ରେ ବରାବର ହୋଇଥିଲା।



### ପ୍ରି-କ୍ୱାର୍ଟରରେ ଆମେରିକା

ସହ ଆୟୋଜକ ଆମେରିକା ଚଳିତ ଫିଫା ବିଶ୍ୱକପର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ସାନ ଫ୍ରାନସିସକୋ ଏରିଆ ଷ୍ଟାଡିୟମରେ ଖେଳାଯାଇଥିବା ରାଉଣ୍ଡ-୩୨ ମୁକାବିଲାରେ ଏହି ଘରୋଇ ଦଳ ୨-୦ ଗୋଲରେ ବୋସୋନିଆ ଓ ହର୍ଜେଗୋଭିନା ପରାସ୍ତ କରିଥିଲା। ଆଗାମୀ ୭ ତାରିଖରେ ଆମେରିକା ଦଳ ପ୍ରି-କ୍ୱାର୍ଟରଫାଇନାଲରେ ବେଲଜିୟମକୁ ଭେଟିବ।

## ଓସଜା ପକ୍ଷରୁ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ

## କ୍ରୀଡ଼ାବିତଙ୍କ ବିକାଶରେ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: କ୍ରୀଡ଼ା ସଚିବ

ଭୁବନେଶ୍ୱର,୨।୭ (ସବ୍ୟୁ): 'ମାନବିକ ଉତ୍କର୍ଷତା ପାଇଁ କ୍ରୀଡ଼ା ଯେତିକି ଜରୁରୀ କ୍ରୀଡ଼ା ଓ କ୍ରୀଡ଼ାବିତ୍ ବିକାଶରେ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ପରସ୍ପର ସହ ଓତଃପ୍ରୋତ ଭାବେ ଜଡ଼ିତ। ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।' ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସଜା) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏଭଳି କଥା କହିଛନ୍ତି। 'ଓଡ଼ିଶାରେ ଫୁଟବଲ ସ୍ଥିତି' ସଂପର୍କିତ ଆଲୋଚନାରେ ସାମିଲ ହୋଇ ସମ୍ମାନିତ ଅତିଥି ବିଶିଷ୍ଟ ଫୁଟବଲ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା କହିଥିଲେ,




'କ୍ରୀଡ଼ା ସାମ୍ବାଦିକତାକୁ ଛାଡ଼ି କ୍ରୀଡ଼ାର ଅସ୍ତିତ୍ୱ ବିବେଚନା କରାଯାଇ ନପାରେ। ମୋ ଖେଳ ଜୀବନରେ ପ୍ରକାଶିତ ପ୍ରଥମ ରିପୋର୍ଟ ଏବେବି ମୁଁ ସାଇତି ରଖିଛି। ସାମ୍ପ୍ରତିକ ଓଡ଼ିଶା ଫୁଟବଲ ସ୍ଥିତି ବେଶ ଭଲ ରହିଛି। କିନ୍ତୁ ଆମକୁ ଆହୁରି କଠିନ ପରିଶ୍ରମ କରିବାକୁ ହେବ। ସେହିଭଳି ରାଜ୍ୟରେ ମହିଳା ଫୁଟବଲ ବିକାଶକୁ ତ୍ୱରାନ୍ୱିତ କରିବାରେ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏବେ ଜାତୀୟ ଦଳରେ ଆମର ୩ଜଣ ଖେଳାଳି ରହିଛନ୍ତି। ଏଭଳି ନିରନ୍ତର ପ୍ରୟାସ ଜାରି ରହିଲେ ଜାତୀୟ ଦଳରେ ଓଡ଼ିଆ ଖେଳାଳିଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଅନ୍ୟତମ ସମ୍ମାନିତ ଅତିଥି ଭାରତୀୟ ମହିଳା ଫୁଟ୍ବଲ୍ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଥିଲେ। ଅନ୍ତର୍ଜାତୀୟ ମହିଳା ଫୁଟବଲ ତାରକା ପ୍ୟାରୀ ଖାଖା କହିଥିଲେ, 'ସୁନ୍ଦରଗଡ଼ର ଏକ ଉପାନ୍ତ ଗ୍ରାମରୁ ଆସି ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ଯେତିକି ଗୌରବର କଥା, ମୁଁ ଯଦି ଏଠାରେ ଛିଡ଼ା ହୋଇ ପାରିଛି ତାହା ଆପଣମାନଙ୍କ (କ୍ରୀଡ଼ା ସାମ୍ବାଦିକ) ଦ୍ୱାରା ସମ୍ଭବ ହୋଇ ପାରିଛି। କ୍ରୀଡ଼ାର ବିକାଶରେ କ୍ରୀଡ଼ା ସାମ୍ବାଦିକତାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି।'ଓସଜାର ବାର୍ଷିକ ପତ୍ରିକାକୁ ଏହି ଅବସରରେ ଅତିଥିମାନେ ଉନ୍ମୋଚନ କରିଥିଲେ। ରାଜ୍ୟ ସୂଚନା କମିଶନର ତଥା ଓସଜାର ପ୍ରତିଷ୍ଠାତା ସମ୍ପାଦକ ସୁଶାନ୍ତ ମହାନ୍ତିଙ୍କୁ କ୍ରୀଡ଼ା ସାମ୍ବାଦିକତା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନା ଶେଷ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓସଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ ଓ ସମ୍ପାଦକ ତପନ କୁମାର ସ୍ୱାଇଁ ମଞ୍ଚ ମଣ୍ଡନ କରିଥିଲେ। କୋଷାଧ୍ୟକ୍ଷ ସୁରେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଲିମ୍ପିଆନ୍ ଦୁତି ଚାନ୍ଦ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପାରା କ୍ରୀଡ଼ାବିତ୍ ରାଖାଲ ସେଠୀ, ସୁଚିତ୍ରା ପରିଡ଼ା, ଏଭରେଷ୍ଟ ଆରୋହୀ ଗଣେଶ ଜେନା, ପୂର୍ବତନ ରଣଜୀ ଖେଳାଳି ରଶ୍ମିରଞ୍ଜନ ପରିଡ଼ା, ପାରା ଫେନସର ପୂଜାସ୍ୱିନୀ ନାୟକ ଓ କ୍ରିକେଟ୍ ପ୍ରଶିକ୍ଷକ କ୍ଷୀରୋଦ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ପାଣ୍ଡ୍ୟାଙ୍କୁ ଟ୍ରେଡ କରିବନାହିଁ ଚେନ୍ନାଇ



ମୁମ୍ବାଇ,୨।୭ (ଏଜେନ୍ସି): ଭାରତର ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲରେ କେଉଁ ଟିମ୍ ପକ୍ଷରୁ ଖେଳିବେ ସେ ନେଇ ଆଲୋଚନା ହେଉଛି। ଏପରିକି ଚେନ୍ନାଇ ସୁପରକିଙ୍ଗ୍ସ ତାଙ୍କୁ ଟ୍ରେଡ କରିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ନିକଟରେ ହାର୍ଦ୍ଦିକ ମୁମ୍ବାଇରୁ ବେଙ୍ଗାଲୁରୁ ସ୍ଥାନାନ୍ତର ହୋଇଛନ୍ତି। ଏବେ ହାର୍ଦ୍ଦିକଙ୍କୁ ଚେନ୍ନାଇ ଟ୍ରେଡ କରିବ କି ନାହିଁ ସ୍ପଷ୍ଟ କରିଛି। ସିଏସକେ ସିଇଓ କାଶୀ ବିଶ୍ୱନାଥ କହିଛନ୍ତି ହାର୍ଦ୍ଦିକଙ୍କୁ ନେଇ ଆମର କୌଣସି ଆଲୋଚନା ହୋଇନାହିଁ। ତାଙ୍କୁ ଟ୍ରେଡ କରାଯିବା ନେଇ ମଧ୍ୟ କୌଣସି ଯୋଜନା ନାହିଁ। ସିଏସକେର ପ୍ରଦର୍ଶନ ନେଇ ରିଭ୍ୟୁ ହୋଇନାହିଁ।

ପୂର୍ବରୁ ହାର୍ଦ୍ଦିକଙ୍କୁ ନେବା ପାଇଁ ୭ଟି ଦଳ ମଧ୍ୟରେ ମୁକାବିଲା ହେଉଛି ବୋଲି ଖବର ପ୍ରକାଶ ପାଇଥିଲା। କେକେଆର ଓ ସିଏସକେ ଆଗରେ ଅଛନ୍ତି ବୋଲି କୁହାଯାଉଥିଲା। ସିଏସକେ ସ୍ପଷ୍ଟ କରିଛି ଯେ, ହାର୍ଦ୍ଦିକ କେଉଁ ଟିମକୁ ଯିବେ ତାହା ଏବେ ଜଣାପଡିନାହିଁ। ଆଇପିଏଲ ନିଲାମ ପୂର୍ବରୁ ସ୍ଥିତି ସ୍ପଷ୍ଟ ହେବ। ବିସିସିଆଇ ଏପର୍ଯ୍ୟନ୍ତ କେବେ ନିଲାମ ହେବ ତାହାର ତାରିଖ ଘୋଷଣା କରିନାହିଁ। ହାର୍ଦ୍ଦିକଙ୍କ ନେତୃତ୍ୱରେ ମୁମ୍ବାଇ କ୍ରମାଗତ ୩ଟି ପ୍ରଦର୍ଶନ ଖରପ କରିଛି।

## ବୋଲ୍ଟଙ୍କ ପରେ ଲ୍ୟାମ୍ପେଟ୍ ଦ୍ରୁତତମ ଧାବକ


ନୂଆଦିଲ୍ଲୀ,୨।୭ (ଏଜେନ୍ସି): ଇଟାଲୀର ଲ୍ୟାମ୍ପେଟ ମାର୍ଶାଲ ଜ୍ୟାକବ୍ସ ଅଷ୍ଟ୍ରିଆନ୍ ଓପନ ଆଥଲେଟିକ୍ସରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୩୧ ବର୍ଷୀୟ ଏହି କ୍ରୀଡାବିତ ୧୦୦ ମିଟର ଦୌଡ଼କୁ ୯.୬୭ ସେକେଣ୍ଡରେ ପୂରଣ କରିଥିଲେ। ବିଶ୍ୱର ଦ୍ରୁତତମ ଧାବକ ଉଶେନ ବୋଲ୍ଟଙ୍କ ରେକର୍ଡ ସେ ଭାଙ୍ଗି ପରିନାହାନ୍ତି। ବୋଲ୍ଟ ୯.୫୮ ସେକେଣ୍ଡରେ ଦୌଡ଼ ସମ୍ପୂର୍ଣ୍ଣ କରିଥିଲେ। ପବନର ବେଗ ଅଧିକ ଥିବାରୁ ଲ୍ୟାମ୍ପେଟଙ୍କ ପ୍ରଦର୍ଶନ ରେକର୍ଡ ବୁକରେ ସ୍ଥାନ ପାଇନାହିଁ। ବ୍ରିଟେନର ରାମେଲ ୯.୭୬ ସେକେଣ୍ଡ ସହ ଦ୍ୱିତୀୟ ଓ ଭାନ ନିର୍କ ୯.୮୨ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଲ୍ୟାମ୍ପେଟ୍ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତାଙ୍କ ବାପା ଆଫ୍ରିକୀୟ ଓ ମା ଇଟାଲୀର ହୋଇଥିବାରୁ ଲ୍ୟାମ୍ପେଟଙ୍କୁ ଅଶ୍ୱେତ ଆଥଲେଟ ଭାବେ ବିବେଚନା କରାଯାଏ।




**ୱିମ୍ବଲଡନ**

## ତୃତୀୟ ରାଉଣ୍ଡରେ ସ୍ୱିଟେକ, ନାଭାରୋ

ନୂଆଦିଲ୍ଲୀ,୨।୭ (ଏଜେନ୍ସି): ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଜାରି ରହିଛି। ଅଲଇଂଲଣ୍ଡ ଲନ ଟେନିସ୍ ଏବଂ କ୍ରୋକେଟ କ୍ଲବର ମିଳିତ ସହଯୋଗରେ ଆୟୋଜିତ ଏହି ୱିମ୍ବଲଡନ ଚାମ୍ପିଅନସିପର ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ସ୍ୱିଟେକ, ନାଭାରୋଙ୍କ ସହ ଅନେକ ପ୍ରତିଯୋଗୀ ବିଜୟଲାଭ କରି ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଗ୍ରାଣ୍ଡସ୍ଲାମର ନଂ.୩ ମାନ୍ୟତାପ୍ରାପ୍ତ ଇଗା ସ୍ୱିଟେକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପ୍ଲିସକୋଭାଙ୍କୁ ଭେଟିଥିଲେ। ଏହି ମ୍ୟାଚରେ ସ୍ୱିଟେକ ୬-୧, ୬-୩ ସିଧାସଳଖ ସେଟରେ କାରୋଲିନା ପ୍ଲିସକୋଭାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ଅନ୍ୟ ଏକ ମ୍ୟାଚରେ ଆଲେକ୍ସଜାଣ୍ଡ୍ରା ଇଲା



୩-୬, ୬-୨, ୬-୦ ସେଟରେ ମାୟା ଜଏଣ୍ଟକୁ ହରାଇଥିଲେ। ମାଡିସନ କିଜ ୬-୧, ୬-୪ ସେଟରେ କାଟିସୋନଙ୍କୁ ପରାଜିତ କରିଥିବା ବେଳେ ଆଶଲିନ କ୍ରୁଗର ୬-୧, ୬-୦ ସେଟରେ ମାରିଆମ ବୋଲକା ଭାଡଜେଙ୍କୁ ଧରାଶାୟୀ କରିଥିଲେ। ମାରି ବୌଜ କୋଭା ୭-୫, ୬-୩ ସେଟରେ ଟ୍ରାୟା ଗ୍ରାଣ୍ଟଙ୍କୁ, ଲୁମିଲା ସାମସୋନୋଭା ୬-୪, ୪-୬ ସେଟରେ ଡିଆନା ସାନିଡରଙ୍କୁ ପରାଜିତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ୨୩ତମ ସିଡ ପ୍ରାପ୍ତ ଇମା ନାଭାରୋ ୩-୬, ୬-୪, ୬-୧ ସେଟରେ ଓକାସାନା ସେଲଖମେଟେଭାଙ୍କୁ ହରାଇଥିଲେ। ଚଳିତ ୱିମ୍ବଲଡନରେ ବଡ଼ ଘଟଣା ଭାବେ ସେରେନା ୱିଲିୟମ୍ସ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁରୁଷ ବର୍ଗର ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ନୋଭାକ ଜୋକୋଭିକ, ଫ୍ରିଟିଜ୍, ଫେରି, ସୋନେଗୋ, ଡି ମିନାଉର, ବଜର୍ସ ବିଜୟଲାଭ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ବାଙ୍ଗରଙ୍କ ସହ କଡା ଅଭ୍ୟାସ କରୁଛନ୍ତି କୋହଲି

ନୂଆଦିଲ୍ଲୀ,୨।୭ (ଏଜେନ୍ସି): ଭାରତୀୟ ଦଳର ଯୁବ ତାରକା କ୍ରିକେଟର ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ପାଇଁ ଜୋରାଦାର ଅଭ୍ୟାସ ଆରମ୍ଭ କରିଛନ୍ତି। କୋହଲି ଭାରତୀୟ ଦଳରେ ଅଛନ୍ତି। ଅବଶ୍ୟ ଶୃଙ୍ଖଳା ପାଇଁ ତାଙ୍କୁ ଫିଟନେସ ଟେଷ୍ଟ ଦେବାକୁ ହେବ। ପୂର୍ବ ବ୍ୟାଟିଂକୁ ସଞ୍ଜୟ ବାଙ୍ଗରଙ୍କ ସହ ଅଭ୍ୟାସ କରୁଥିବା ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଅଲିବାଗରେ ସେମାନେ ଅଭ୍ୟାସ କରୁଛନ୍ତି। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବାଙ୍ଗର ଭାରତୀୟ ଦଳର ସପୋର୍ଟ ଷ୍ଟାଫ ଥିଲେ। କୋହଲି ତାଙ୍କ ସହ ଯେବେ ବି ଅଭ୍ୟାସ କରିଛନ୍ତି ଫାଇଦାରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ଜୁଲାଇ ୧୪ରୁ ଆରମ୍ଭ ହେବ। ଆଇପିଏଲ-୨୦୨୬ ପରେ ଏହା ପ୍ରଥମ ଅନ୍ତର୍ଜାତୀୟ ମୁକାବିଲା ହେବ। ନିକଟରେ ଆଫଗାନିସ୍ତାନ ବିପକ୍ଷରେ ଟିମ ଇଣ୍ଡିଆ ଦିନିକିଆ ଶୃଙ୍ଖଳା ଖେଳିଥିଲେ ମଧ୍ୟ ଆଘାତ ସମସ୍ୟା ଯୋଗୁଁ କୋହଲି ଦଳରେ ସ୍ଥାନ ପାଇନଥିଲେ। ଇଂଲଣ୍ଡ ବିପକ୍ଷ ତାଙ୍କର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ।

## ବର୍ଷା ଯୋଗୁ ଧୋଇଗଲା ଭାରତ-ଇଂଲଣ୍ଡ ପ୍ରଥମ ଟି-୨୦

ନୂଆଦିଲ୍ଲୀ,୨।୭ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ଧୋଇ ଯାଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୧୯୦ ରନର ଟାର୍ଗେଟ ଇଂଲଣ୍ଡ ପାଇଁ ଧାର୍ଯ୍ୟ କରିଥିଲା। ବର୍ଷା ଏବଂ ଓଦା ପଡିଆ କାରଣରୁ ଇଂଲଣ୍ଡ ଇନିଂସର ଗୋଟିଏ ବି ବଲ ସମ୍ଭବ ହୋଇପାରିନଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୯ ରନ୍ କରିଥିଲା। ଆରମ୍ଭରେ ସଞ୍ଜୁ ସାମସନ ଓ ଇଶାନ କିଶାନ ଶୀଘ୍ର ଆଉଟ୍ ହୋଇଯାଇଥିଲେ। କିନ୍ତୁ ଅଭିଶେକ ଶର୍ମା ୨୪ ବଲରୁ ୫୯ ଏବଂ ଅଧିନାୟକ ଶ୍ରେୟାସ ଆୟର ୪୭ ବଲରେ ୬୮ ରନରେ ଦଳକୁ ସମ୍ଭାଳି ଥିଲେ। ଇନିଂସ ଶେଷ ଭାଗରେ ଶିବମ ଦୁବେ ମାତ୍ର ୨୧ ବଲରେ ଅପରାଜିତ ୪୨ ରନ କରି ଦଳୀୟ ସ୍କୋରରେ ୧୮୯ ରନରେ ପହଞ୍ଚାଇଥିଲେ। ସାକିବ ମହମ୍ମଦ ଇଂଲଣ୍ଡ ପକ୍ଷରୁ ସର୍ବାଧିକ ୩ ୱିକେଟ ନେଇଥିଲେ। ମ୍ୟାଚ କରାଇବା ପାଇଁ ଅମ୍ପାୟାର ବହୁ ସମୟ ଅପେକ୍ଷା କରିଥିଲେ। ଅଫ ସମୟର ମାତ୍ର ୪୫ ମିନିଟ ପୂର୍ବରୁ ପଡ଼ିଆ ଓଦା କାରଣରୁ ମ୍ୟାଚ ରଦ୍ଦ କରିବାକୁ ପଡିଥିଲା। ପୂର୍ବରୁ ୨୦୦୨ ଓ ୨୦୧୧ରେ ଅନୁଷ୍ଠିତ ଅନେକ ମ୍ୟାଚ ମଧ୍ୟ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହି ମ୍ୟାଚ ବାତିଲ ହେବା ପରେ ମାଞ୍ଚେଷ୍ଟର ଅଭିମୁଖେ ଯାତ୍ରା କରିଛନ୍ତି। ଶନିବାର ଦ୍ୱିତୀୟ ମ୍ୟାଚ ଖେଳାଯିବ। ଏହି ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଦୀର୍ଘ ଦିନ ଧରି ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳରେ ସୁଯୋଗ ନେଇ ଚର୍ଚ୍ଚା ଚାଲିଥିବାରୁ ଶନିବାର ମ୍ୟାଚରେ ତାଙ୍କୁ ସ୍ଥାନ ମିଳିବ କି ନାହିଁ ତାହା ଦେଖିବାକୁ ବାକି ରହିଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

### ଭାରତ-ଇଂଲଣ୍ଡ ଦ୍ୱିତୀୟ ମ୍ୟାଚ ସୂଚୀ ବଦଳିଲା

ନୂଆଦିଲ୍ଲୀ,୨।୭ (ଏଜେନ୍ସି):ଭାରତ-ଇଂଲଣ୍ଡ ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ସମୟସୂଚୀରେ ପରିବର୍ତ୍ତନ କରାଯାଇଛି। ଯାହା ଫଳରେ ଦର୍ଶକଙ୍କୁ ଆଉ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ନାହିଁ। ଶୃଙ୍ଖଳାର ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ଭାରତୀୟ ସମୟ ରାତି ୧୦ଟାରେ ମ୍ୟାଚ ଆରମ୍ଭ ହୋଇଥିବାରୁ ପ୍ରଶଂସକ ବିଳମ୍ବିତ ରାତି ଯାଏ ମ୍ୟାଚ ଦେଖିବାକୁ ଅପେକ୍ଷା କରିଥିଲେ। କିନ୍ତୁ ଶନିବାର ଓଲ୍ଡ ଟ୍ରାଫୋଡରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ ଟାଇମିଂ ପରିବର୍ତ୍ତନ କରାଯାଇଛି। ଭାରତୀୟ ସମୟ ଅନୁସାରେ ଦ୍ୱିତୀୟ ମ୍ୟାଚ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ସନ୍ଧ୍ୟା ୬.୩୦ ମିନିଟରେ ଟସ ପଡିବ। ଫଳରେ କ୍ରିକେଟପ୍ରେମୀ ବିନା ଅସୁବିଧାନରେ ପ୍ରାଇମ ଟାଇମର ରୋମାଞ୍ଚକର ମ୍ୟାଚର ମଜା ନେଇପାରିବେ। ଏହି ମ୍ୟାଚର ସିଧା ପ୍ରସାରଣ ସୋନୀ ସ୍ପୋର୍ଟ୍ସ ଚ୍ୟାନେଲ ଗୁଡିକରେ ଉପଲବ୍ଧ ହେବ। ଏହା ସହିତ ମୋବାଇଲ ବ୍ୟବହାରକାରୀଙ୍କ ପାଇଁ ଜିଓ ହଟଷ୍ଟାର ଆପ ମାଧ୍ୟମରେ ମ୍ୟାଚର ସିଧାପ୍ରସାରଣ ଦେଖିପାରିବେ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି